

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୮ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 08 OCTOBER 2023

Vol.No. 34 ■ No. 265■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ହମାସ ବିରୋଧରେ ଇସ୍ରାଏଲ୍‌ର ଯୁଦ୍ଧ ଘୋଷଣା

## ■ଆମେ ନିଶ୍ଚୟ ଜିତିବୁ: ପ୍ରଧାନମନ୍ତ୍ରୀ ନେତାନ୍ୟାହୁ
## ■ଭାରତୀୟଙ୍କ ପାଇଁ ଜାରି ହେଲା ସତର୍କ ସୂଚନା



ଜେରୁସାଲେମ,୦୭/୧୦ : ସେପଟେ ଦୀର୍ଘ ବର୍ଷେରୁ ଅଧିକ ସମୟ ହେବ ଋଷ ଓ ୟୁକ୍ରେନ୍ ଯୁଦ୍ଧ ଲାଗି ରହିଥିବା ବେଳେ ଏପଟେ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍‌ର ହମାସ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଛି। ହମାସ ଇସ୍ରାଲ୍ ଉପରେ ରକେଟ୍ ମାଡ଼ କରିବା ସହ ଇସ୍ରାଏଲର ସୀମା ଭାଙ୍ଗି ପ୍ରବେଶ କରିଛି। ହମାସର ରକେଟ୍ ମାଡ଼ରେ ଇସ୍ରାଏଲ ଜଣେ ମେୟରଙ୍କ ସମେତ ୨୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫୦୦ ଆହତ ହୋଇଛନ୍ତି। ଅନ୍ୟପଟେ ଇସ୍ରାଏଲ୍‌ର ଜାବାବୀ ଆକ୍ରମଣରେ ୪ ପାଲେଷ୍ଟାଇନ୍ ନାଗିରଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଏଭଳି ଆକ୍ରମଣ ପ୍ରତିଶୋଧରେ ଇସ୍ରାଏଲ୍ ମଧ୍ୟ ଯୁଦ୍ଧ ଘୋଷଣା କରିଛି। ଏନେଇ ଇସ୍ରାଏଲ୍ କହିଛି ଯେ ଆମେ ଯୁଦ୍ଧ ଭିତରେ ପ୍ରବେଶ କରିସାରିଛୁ। ଏବଂ ନିଶ୍ଚିତ ଜିତିବୁ। ଶନିବାର ଗାଜାଷ୍ଟ୍ରିପ୍‌ରୁ ହମସା ଇସ୍ରାଏଲ୍ ଉପରେ ୫ ହଜାର ରକେଟ ମାଡ଼ କରିଥିବା ଟାଇମ୍ସ ଅଫ୍ ଇସ୍ରାଏଲରେ ଖବର ପ୍ରକାଶ ପାଇଛି। କେବଳ ସେତେକି ନୁହେଁ ହମାସର ସେନା ସୀମା ଭାଙ୍ଗି ଇସ୍ରାଏଲ ଭିତରେ ପ୍ରବେଶ କରିଛନ୍ତି। ଆକ୍ରମଣକୁ ନେଇ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏକ ଭିଡିଓ ଜାରି କରି ହମାସକୁ ଚେତାବନୀ ଦେଇଛି। ଆମେ ଯୁଦ୍ଧ ଭିତରେ ଅଛୁ। ହମାସକୁ ଉଚିତ ଜବାବ ମିଳିବ ବୋଲି ନେତାନ୍ୟାହୁ କହିଛନ୍ତି। ନେତାନ୍ୟାହୁ କହିଛନ୍ତି "ଏଥର କୌଣସି ଅପରେସନ ନୁହେଁ ଆମେ ଯୁଦ୍ଧ ଭିତରେ ପ୍ରବେଶ କରିସାରିଛୁ। ଇସ୍ରାଏଲ୍ ଓ ଏହାର ନାଗରିକଙ୍କ ଉପରେ ହମାସ ମରଣାନ୍ତକ ଆକ୍ରମଣ କରିଛି। ଏଣୁ ମୁଁ ପ୍ରଥମେ ସୀମା ଭାଙ୍ଗି ପ୍ରବେଶ କରିଥିବା ଆତଙ୍କବାଦୀଙ୍କୁ ସଫା କରିବାକୁ ନିର୍ଦ୍ଦେଶ ଦେଇଛି। ପରେ ବହୁ ସଂଖ୍ୟାରେ ହତିଆର ଏକାଠି କରିବାକୁ ନିର୍ଦ୍ଦେଶ ଦେଇଛି। ଶତ୍ରୁମାନଙ୍କୁ ଏମିତି ଜବାବା ମିଳିବ ଯେ ସେମାନେ କେବେ ଆଶା ବି କରିନଥିବେ।" ଯୁଦ୍ଧ ଆରମ୍ଭ ହୋଇଯାଥିବାରୁ ଇସ୍ରାଏଲ ନାଗରିକଙ୍କୁ ଘରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର। ଏଥିସହିତ ହମାସ ବିରୋଧରେ ଗାଜାପଟିରେ ଅପରେସନ ଆଇରନ ଶୋର୍ଡ ଆରମ୍ଭ କରିବାକୁ ମଧ୍ୟ କୁହାଯାଇଛି। ଇସ୍ରାଏଲ୍ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ହମାସ ପାରାଚୁଟ ଦେଇ ବାୟୁସୀମା କିମ୍ବା ଯୁଦ୍ଧଗାଡ଼ି ଦେଇ ସ୍ଥଳ ସୀମା ଦଇ ଇସ୍ରାଏଲ୍ ଭିତରେ ଅନୁପ୍ରବେଶ କରିଚି। ଦକ୍ଷିଣ ଇସ୍ରାଏଲର ଅନେକ ସ୍ଥାନରେ ଅନୁପ୍ରବେଶ ହୋଇଛି। ତେଲ ଆଭିଭ ବିମାନ ବନ୍ଦର ବ୍ୟତୀତ ହାଇ ଆଲର୍ଟ ଯୋଗୁଯୁଦ୍ଧରେ କେନ୍ଦ୍ରୀୟ ଏବଂ ଦକ୍ଷିଣ ଇସ୍ରାଏଲର ବିମାନବନ୍ଦର ଗୁଡ଼ିକ ବାଣିଜ୍ୟିକ କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ଇସ୍ରାଏଲ ହମସାଙ୍କୁ ଏକ ଆତଙ୍କବାଦୀ ସଂଗଠନ ବୋଲି ଆଖ୍ୟାୟିତ କରିଛି। ଏପଟେ ଲଣ୍ଡନ ମଧ୍ୟ ଇସ୍ରାଏଲ୍‌କୁ ସମର୍ଥନ ଘୋଷଣା କରିଛି। ▶▶ପୃଷ୍ଠା ୭

## ଯୁକ୍ତ ଦୁଇ ପରୀକ୍ଷାର୍ଥୀଙ୍କ ପାଇଁ ଖୁସି ଖବର: ସିଏଚଏସଇ ପ୍ରକାଶ କଲା କୋଶ୍ଚିନ ବ୍ୟାଙ୍କ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆସିଛି ଖୁସି ଖବର। ପ୍ରଥମ ଥର ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପ୍ରକାଶ କରିଛି କୋଶ୍ଚିନ ବ୍ୟାଙ୍କ। ଛାତ୍ରଛାତ୍ରୀମାନେ କୋଶ୍ଚିନ ବ୍ୟାଙ୍କରୁ ପ୍ରଶ୍ନ ନେଇ ପରୀକ୍ଷା ପାଇଁ ପ୍ରସ୍ତୁତି କରିପାରିବେ। ଉଇଝର ଓ ଓଡଝର ବୋର୍ଡ ପକ୍ଷରୁ ପ୍ରତି ବର୍ଷ କୋଶ୍ଚିନ ବ୍ୟାଙ୍କ୍ ଜାରି କରାଯାଇଥାଏ। ଏହା ପରୀକ୍ଷାର୍ଥୀଙ୍କ ପ୍ରସ୍ତୁତିରେ ସହାୟକ ହୁଏ। ତେଣୁ ସିଏଚ୍‌ଏସ୍‌ଇ ପକ୍ଷରୁ କୋଶ୍ଚିନ ବ୍ୟାଙ୍କ ପ୍ରସ୍ତୁତ କରାଯାଇଛି।




chseodisha.nic.in ୱେବସାଇଟରେ କୋଶ୍ଚିନ ବ୍ୟାଙ୍କ୍ ଉପଲବ୍ଧ ଅଛି। ପ୍ରଥମ ପର୍ଯ୍ୟାୟରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଓ ବାୟୋଲୋଜିରେ କୋଶ୍ଚିନ ବ୍ୟାଙ୍କ ଉପଲବ୍ଧ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ସମସ୍ତ ବିଷୟର ପ୍ରଶ୍ନ ଅପ୍ ଲୋଡ୍ କରାଯିବ। କୋଶ୍ଚିନ ବ୍ୟାଙ୍କ୍ ନେଇ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବାକୁ ସବୁ ଯୁକ୍ତ ଦୁଇ କଲେଜ ଅଧକ୍ଷଙ୍କୁ ସିଏଚ୍‌ଏସ୍‌ଇ ପକ୍ଷରୁ ଚିଠି କରାଯାଇଛି। ଆସନ୍ତା ବର୍ଷ ଫେବ୍ରୁଆରୀରେ ଦ୍ୱାଦଶ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ୫ ମାସ ଆଗରୁ ସିଏଚ୍‌ଏସ୍‌ଇ ଘୋଷଣା କରି ପିଲାଙ୍କ ମନରୁ ସଂଶୟ ଦୂର କରିଛି। ଆଉ ଏବେ କୋଶ୍ଚିନ୍ ବ୍ୟାଙ୍କ୍ ବ୍ୟବସ୍ଥା ପିଲାଙ୍କୁ ଅଧିକ ଉତ୍ସାହିତ କରିଛି।

## ଜନ୍ମମାଟିରେ ସହୀଦ ସରୋଜ ଦାସଙ୍କ ପାର୍ଥିବ ଶରୀର: ଦିଆଗଲା ଗାର୍ଡ ଅଫ୍ ଅନର



ଭୁବନେଶ୍ୱର, ୦୭/୧୦ (ନି.ପ୍ର): ସିକ୍କିମ ବନ୍ୟାରେ ସହିଦ ହୋଇଥିବା ସରୋଜ କୁମାର ଦାସଙ୍କ ପାର୍ଥିବ ଶରୀର ଆଜି ଭୁବନେଶ୍ୱରରେ ପହଞ୍ଚିଛି। ଭୁବନେଶ୍ୱର ବିମାନ ବନ୍ଦରରେ ସରୋଜ କୁମାର ଦାସଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହାପରେ ମରଶରୀର ସହିଦ ସରୋଜ କୁମାର ଦାସଙ୍କ ଜନ୍ମମାଟିକୁ ଯିବା ପରେ ସେଠାରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଆଜି ଶେଷକୃତ୍ୟ ସମ୍ପନ୍ନ କରାଯିବ। ଆଜି ଭୁବନେଶ୍ୱର ବିମାନ ବନ୍ଦରରେ ସହିଦ ସରୋଜ କୁମାର ଦାସଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଢେଙ୍କାନାଳ ସାଂସଦ ମହେଶ ସାହୁ, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ପୁଲିସ୍ ଆଇଜି, ବିଏସଫ ଆଇଜି ପ୍ରମୁଖ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ସମ୍ମାନ ଜଣାଇଛନ୍ତି। ପୁଅର ପାର୍ଥିବ ଶରୀରକୁ ଗାଁକୁ ନେବା ନିମନ୍ତେ ସରୋଜଙ୍କ ବାପା, ଭାଇ ଭୁବନେଶ୍ୱର ଆସିଥିବା ବେଳେ ସେମାନେ ନିଜ କୋହ ସମ୍ଭାଳି ପାରୁ ନାହାନ୍ତି। ଗତକାଲି ସହିଦ ସରୋଜଙ୍କ ପାର୍ଥିବ ଶରୀର ଓଡ଼ିଶାର ଆସିବାର ଥିଲା। କିନ୍ତୁ କୌଣସି କାରଣବଃଶତ ପାର୍ଥିବ ଶରୀର ଗତକାଲି ପହଞ୍ଚି ପାରି ନ ଥିବା ବେଳେ ଆଜି ଭୁବନେଶ୍ୱରରେ ପହଞ୍ଚିଛି। ସରୋଜ ୨୦୧୨ରେ ସେନାରେ ଯୋଗ ଦେଇଥିବା ▶▶ପୃଷ୍ଠା ୭

## ନୂଆବର୍ଷରେ ମେଟ୍ରୋ ଟ୍ରେନ୍ ପ୍ରକଳ୍ପର ଶିଳାନ୍ୟାସ: ସବୁ ଖର୍ଚ୍ଚ ରାଜ୍ୟ କରିବ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ଭୁବନେଶ୍ୱର ମେଟ୍ରୋ ଟ୍ରେନ ଚଳାଚଳ ପାଇଁ ୨୦୨୪ ଜାନୁୟାରୀ ପହିଲା ନୂଆବର୍ଷ ଦିନ ଶିଳାନ୍ୟାସ କରାଯିବ। ୪ବର୍ଷ ମଧ୍ୟରେ ଏହି ମେଟ୍ରୋ ଟ୍ରେନ ନିର୍ମାଣ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ଏବାବଦରେ ମୋଟ ୫୯୨୯କୋଟି ଟଙ୍କା ଖର୍ଚ୍ଚ ହେବ। ସମସ୍ତ ପ୍ରକଳ୍ପ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ମେଟ୍ରୋ ଟ୍ରେନର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର)କୁ ଅନୁମୋଦନ କରିଛନ୍ତି ଏବଂ ଏହି ପ୍ରକଳ୍ପ ଫାଇଭ-ଟି ଉପକ୍ରମରେ ହାତକୁ ନିଆଯାଇଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନ ବନ୍ଦରରୁ ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ ଚଳାଚଳ କରିବ। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ଓ ୪୮ମାସ ମଧ୍ୟରେ ଏହା ସମ୍ପୂର୍ଣ୍ଣ କରାଯିବ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ପ୍ରକଳ୍ପକୁ ୨୦୨୪ ଜାନୁୟାରୀ ପହିଲାରେ ଶିଳାନ୍ୟାସ କରିବେ। ପ୍ରକଳ୍ପ ସହ ଜଡ଼ିତ ସବୁ ଏଜେନ୍ସୀଗୁଡ଼ିକ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ



ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି, ଯିଏକି ଏହି ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ନେବେ। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ମେଟ୍ରୋ ଟ୍ରେନ ପ୍ରକଳ୍ପ ପାଇଁ ୨୧୦କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ▶▶ପୃଷ୍ଠା ୭

## ଅକ୍ଟୋବର ୧୪ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଶିମିଳିପାଳ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ଚଳିତ ବର୍ଷ ନଭେମ୍ବର ୧ ପରିବର୍ତ୍ତେ ଆସନ୍ତା ଅକ୍ଟୋବର ୧୪ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଯାଉଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଂଚଳିକ ବନ୍ୟ ପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ଆଜି ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ପୂର୍ବପରି ଦୈନିକ ଚାରି ଚକିଆ ଯାନ କାଳିଆଣି ତନଖି ଫାଟକ (ଯଶୀପୁର) ପଟୁ ୩୫ ଗାଡି ଓ ପିଠାବଟା (ବାରିପଦା) ତନଖି ଫାଟକ ଦେଇ ୨୫ ଗାଡି ଜଙ୍ଗଲ ଭିତରକୁ ପ୍ରବେଶ କରିବ। ଉକ୍ତ ଦୁଇ ତନଖି ଫାଟକରେ ପ୍ରବେଶ ଅନୁମତି ପତ୍ର ସକାଳ ୬ ଟା ରୁ ୯ ଟା ପର୍ଯ୍ୟନ୍ତ ବୁକିଂ କାଉଂଟରରେ ଉପଲବ୍ଧ ରହିବ।

## ବିଜେପି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କୁ ହତ୍ୟା ଧମକ ଘଟଣା: ଧରାପଡ଼ିଲା ଅଭିଯୁକ୍ତ



ଭୁବନେଶ୍ୱର, ୦୭/୧୦ (ନି.ପ୍ର): ବିଜେପି ଜାତୀୟ ଉପସଭାପତି ତଥା ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତ ଧରାପଡ଼ିଛି। ଦିଲ୍ଲୀ ପୁଲିସ ଅଭିଯୁକ୍ତକୁ ବାଙ୍ଗାଲୁରୁରୁ ଧରିଥିବା ଜଣାପଡ଼ିଛି। ଉପସଭାପତି ଶ୍ରୀ ପଣ୍ଡାଙ୍କୁ ଅଭିଯୁକ୍ତ ଜଣଙ୍କ ଫୋନରେ ହତ୍ୟା କରିବା ପାଇଁ ଧମକ ଦେଇଥିଲା। ଏନେଇ ବିଜେପି ଉପସଭାପତି ଶ୍ରୀ ପଣ୍ଡାଙ୍କ କାର୍ଯ୍ୟାଳୟର ପକ୍ଷରୁ ଏତଲା ଦିଆଯାଇଥିଲା। ଦିଲ୍ଲୀ ପୁଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତର ଫୋନ୍‌କୁ ଟ୍ରାକ୍ କରିଥିଲା। ଅଭିଯୁକ୍ତ ବାଙ୍ଗାଲୁରୁରେ ଥିବା ଦିଲ୍ଲୀ ପୁଲିସ ଜାଣିବାକୁ ପାଇଥିଲା। ସ୍ୱତନ୍ତ୍ର ପୁଲିସ ଟିମ୍ ବାଙ୍ଗାଲୁରୁ ଯାଇ ଅଭିଯୁକ୍ତକୁ ଧରି ଦିଲ୍ଲୀ ଆଣିଥିଲା। ପରେ ଅଭିଯୁକ୍ତକୁ ଦିଲ୍ଲୀ ପୁଲିସ ଜେରା କରିଥିଲା। ଜେରା ବେଳେ ଅବସାଦ ହେତୁ ଏମିତି ଫୋନ୍ କରିଥିବା ଅଭିଯୁକ୍ତ ପୁଲିସ ଆଗରେ କହିଥିଲା। ▶▶ପୃଷ୍ଠା ୭

## ସିକ୍କିମ ବନ୍ୟା ମୃତ୍ୟୁସଂଖ୍ୟା ୫୬କୁ ବୃଦ୍ଧି: ଏବେବି ଶତାଧିକଙ୍କ ପତ୍ତା ମିଳୁନି

ସିକ୍କିମ,୦୭/୧୦ : ସିକ୍କିମରେ ଅଚାନକ ମାଡି ଆସିଥିବା ପ୍ରଳୟଙ୍କାରୀ ବନ୍ୟାରେ ମୃତ୍ୟୁସଂଖ୍ୟା ୫୬କୁ ବୃଦ୍ଧି ପାଇଛି। ୨୬ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇ ଥିବାବେଳେ ୩୦ ଜଣଙ୍କ ମୃତଦେହ ପଶ୍ଚିମବଙ୍ଗର ତୀସ୍ତା ନଦୀ ଅବବାହିକାରେ ଲାଗିଛି। ପ୍ରଳୟଙ୍କାରୀ ଏହି ବନ୍ୟାରେ ଭାସି ଯାଇଥିବା ୧୪୨ ଜଣ ଲୋକଙ୍କ ସନ୍ଧାନ ପାଇଁ ସିକ୍କିମ୍ ଏବଂ ପଶ୍ଚିମବଙ୍ଗର ଉତ୍ତର ଭାଗର ତୀସ୍ତା ଅବବାହିକାରେ ଖୋଜାଖୋଜି କରୁଛନ୍ତି ସୁରକ୍ଷାବାହିନୀ। ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ସିକ୍କିମରେ ୨୬ ଜଣଙ୍କ ମୃତ୍ୟୁକୁ ନିଶ୍ଚିତ କରିଛନ୍ତି। ଏଥିରେ ମାଙ୍ଗାନ ଜିଲ୍ଲାର ୪ଟି, ଗାଙ୍ଗଟୋକର ୬ ଜଣ ଏବଂ ପାକିଙ୍ଗ ଜିଲ୍ଲାର ୭ ଜଣ ଭାରତୀୟ ସେନା କର୍ମଚାରୀଙ୍କ ସମେତ ୧୬ଟି ମୃତଦେହ ଉଦ୍ଧାର କରାଯାଇଛି। ପଶ୍ଚିମବଙ୍ଗ ସରକାରଙ୍କ କହିବାନୁସାରେ, ସେମାନେ ତୀସ୍ତା ନଦୀର ଅବବାହିକାରେ ଥିବା ସିଲିଗୁରି, ଜାଲପାଇଗୁରି ଏବଂ କୋଚ ବେହରା ଜିଲ୍ଲାରୁ ୩୦ ଟି ମୃତଦେହ ଉଦ୍ଧାର କରିଛନ୍ତି। ଅକ୍ଟୋବର ୪ରେ ସିକ୍କିମରେ ବନ୍ୟାର ବିଭୀଷିକା ଦେଖିବାକୁ ମିଳିଥିଲା। ହଠାତ୍ ବାଦଲ ଫଟା ବର୍ଷା କାରଣରୁ ସ୍ଥଳଭାଗକୁ ମାଡି ଆସିଥିଲା ବନ୍ୟା ପାଣି। ପାହାନ୍ତି ସମୟରେ ଲୋକେ ଜାଗ୍ରତ ହେବା ପୂର୍ବରୁ ବନ୍ୟା ସ୍ରୋତରେ ଭାସି ଯାଇଥିଲେ। ଏଥିରେ ଏହା ୨୫,୦୦୦ ରୁ ଅଧିକ ଲୋକଙ୍କୁ ପ୍ରଭାବିତ ହୋଇଛନ୍ତି। ବିଭିନ୍ନ ଅଞ୍ଚଳରୁ ୨,୪୧୩ ଲୋକଙ୍କୁ ଉଦ୍ଧାର କରାଯାଇଛି ଏବଂ ରାଜ୍ୟରେ ଥିବା ୨୨ଟି ରିଲିଫ୍ କ୍ୟାମ୍ପରେ ୬,୮୭୫ ଲୋକଙ୍କୁ ଆଶ୍ରୟ ଦିଆଯାଇଛି।



ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତମାଙ୍ଗ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣ କରିଥିବା ବେଳେ କ୍ୟାମ୍ପରେ ଆଶ୍ରୟ ନେଉଥିବା ଲୋକଙ୍କ ପାଇଁ ୨,୦୦୦ ଟଙ୍କା ରିଲିଫ ଘୋଷଣା କରିଛନ୍ତି। ପ୍ରଭାବିତ ଲୋକଙ୍କୁ ରିଲିଫ ଯୋଗାଇବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିର କେନ୍ଦ୍ରୀୟ ଅଂଶରୁ ୪୪.୮ କୋଟି ଟଙ୍କା ଅନୁମୋଦନ କରିଛନ୍ତି। କ୍ଷୟକ୍ଷତିର ଆକଳନ କରିବା ପାଇଁ ଏକ କେନ୍ଦ୍ରୀୟ ଆନ୍ତଃ-ମନ୍ତ୍ରଣାଳୟ ଦଳ ପ୍ରଭାବିତ ଅଞ୍ଚଳ ପରିଦର୍ଶନରେ ଯିବେ ବୋଲି ଜଣାପଡିଛି। ଅନେକ ପର୍ଯ୍ୟଟକ ଏବେ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ଫସି ରହିଛନ୍ତି। ସରକାରୀ ଅଧିକାରୀଙ୍କ ଅନୁଯାୟୀ, ପ୍ରାୟ ୩୦୦୦ ପର୍ଯ୍ୟଟକ ଉତ୍ତର ସିକ୍କିମରେ ▶▶ପୃଷ୍ଠା ୭

## ଏସୀୟ କ୍ରୀଡାରେ ଭାରତର ନୂଆ କୀର୍ତ୍ତିମାନ : ୧୦୦ ପଦକ ସହ ତାଲିକାର ଚତୁର୍ଥ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୦୭/୧୦ : ଏସିଆନ୍ ଗେମ୍ସରେ ଭାରତକୁ ୧୦୦ ପଦକ। ହାଙ୍ଗଝୌରେ ଇତିହାସ ରଚିଲା ଭାରତ। ପ୍ରଥମ ଥର ପାଇଁ ଭାରତ ୧୦୦ ପଦକ ଜିତିଛି। ଏସୀୟ କ୍ରୀଡାରେ ଭାରତର ନୂଆ କୀର୍ତ୍ତିମାନ। ୧୦୦ ପଦକ ସହ ତାଲିକାର ଚତୁର୍ଥ ସ୍ଥାନରେ ଭାରତ ରହିଛି। ଭାରତକୁ ୨୫ସ୍ୱର୍ଣ୍ଣ, ୩୫ ରୌପ୍ୟ, ୪୦ ବ୍ରୋଞ୍ଜ ମିଳିଛି। ୧୪ଦିନରେ ମହିଳା କବାଡିରେ ଭାରତକୁ ସ୍ୱର୍ଣ୍ଣ ପଦକ ମିଳିଛି। ଚାଇନିଜ୍ ତାଇପେକୁ ୨୬-୨୫ରେ ହରାଇଲା ଭାରତ। ସେହିପରି ତୀରନ୍ଦାଜୀରେ ଭାରତକୁ ୪ଟି ପଦକ ମିଳିଛି। ଓଜାସ ପ୍ରବୀଣ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ କମ୍ପାଉଣ୍ଡ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଛନ୍ତି। ଓଜାସଙ୍କ ଠାରୁ ହାରି ଅଭିଷେକ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି।




ଅନ୍ୟପକ୍ଷରେ ତୀପନ୍ଦାଜୀରେ ଜ୍ୟୋତି ସୁରେଖା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମହିଳା କମ୍ପାଉଣ୍ଡ ଇଭେଣ୍ଟରେ ଜ୍ୟୋତି ସ୍ୱର୍ଣ୍ଣ ଜିତିଛନ୍ତି। ଏଥିରେ ସେ ଦକ୍ଷିଣ କୋରିଆ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇଛନ୍ତି। ସମାନ ବର୍ଗରେ ଅଦିତି ଗୋପୀଚାନ୍ଦ ବ୍ରୋଞ୍ଜ ଜିତିଛନ୍ତି।

# ବିପର୍ଯ୍ୟୟର ସଫଳ ମୁକାବିଲା ଧନ ଜୀବନ କ୍ଷୟ ହ୍ରାସ କରେ: ଅତିରିକ୍ତ ଜିଲ୍ଲାପାଳ

ପୁରୀ, ୦୭/୧୦ (ନି.ପ୍ର): ବିପର୍ଯ୍ୟୟ ସୂଚନା ଦେଇ ଆସେ ନାହିଁ। କିନ୍ତୁ, ଆମର ପୂର୍ବ ପ୍ରସ୍ତୁତି ଓ ସଚେତନତା ତାହାର କ୍ଷୟକ୍ଷତିକୁ ବହୁତ କମାଇବା ସହ ମୂଲ୍ୟବାନ ଜୀବନକୁ ରକ୍ଷା କରିଥାଏ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଜିଲ୍ଲା ସ୍ତରୀୟ ବିପର୍ଯ୍ୟୟ ପ୍ରଭାବ ହ୍ରାସରେ ଲିଙ୍ଗଗତକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସମ୍ପର୍କରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଶ୍ରୀ ସାହୁ ବିପର୍ଯ୍ୟୟରେ ସମସ୍ତ ବର୍ଗ କ୍ଷତିଗ୍ରସ୍ତ ହୁଅନ୍ତି। ତେବେ ଉଦ୍ଧାର ଓ ଥଇଥାନ ସମୟରେ ଶିଶୁ, ମହିଳା, ବୟସ୍କ ମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଲେ ସେମାନଙ୍କର ଅସୁବିଧା ହେବ ନାହିଁ। ମହିଳା କର୍ମଚାରୀ, ମହିଳା ସ୍ୱେଚ୍ଛାସେବୀଙ୍କ ପାଖରେ କ୍ଷତିଗ୍ରସ୍ତ ମହିଳାଟି ଯେପରି ସହଜ ଓ ସ୍ୱଚ୍ଛନ୍ଦ ଭାବେ ନିଜ ସମସ୍ୟା ଜଣେଇ ପାରିବ ଜଣେ ପୁରୁଷ ଅଧିକାରୀ ପାଖେ କରିପାରିବ ନାହିଁ। ଏଥିପାଇଁ ପ୍ରତ୍ୟେକ ସ୍ତରରେ ସଚେତନ କରିବା ଉଚିତ ବୋଲି ସେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ୧୯୯୯ ମହାବାତ୍ୟା ପରେ ଆମ ରାଜ୍ୟ ବିପର୍ଯ୍ୟୟ ପରିଚାଳନାରେ ଅନେକ ଅଗ୍ରଗତି ହାସଲ କରିଛି। ସମଗ୍ର ବିଶ୍ୱରେ ଓଡିଶା ମଡେଲ ପ୍ରଶଂସିତ ହୋଇଛି ବୋଲି କହିବା ସହ ବିପର୍ଯ୍ୟୟ ସମୟରେ ଲିଙ୍ଗଗତ ସୁବିଧା ପାଇଁ ପ୍ରତ୍ୟେକଙ୍କୁ ସଚେତନ ଓ ପ୍ରଶିକ୍ଷିତ କରିବାକୁ ପରାମର୍ଶ ଦେଇଥିଲେ। ଜଏଂଟ ଏସଆରସି ଲିପିକା ଦାସ ବିପର୍ଯ୍ୟୟକୁ ମୁକାବିଲା ସହ ବିଭିନ୍ନ ବର୍ଗ ଓ ଲିଙ୍ଗଗତ ହିସାବରେ ସୁବିଧା ଯଥା ଶୌଚାଳୟ, ରହିବା ସ୍ଥଳ, ଗର୍ଭବତୀ ମା ମାନଙ୍କ ସୁବିଧା ବ୍ୟବସ୍ଥା କରାଗଲେ ତାହା ଅଧିକ ଉପାଦେୟ ହୋଇପାରିବ ବୋଲି କହିଥିଲେ। ଓସଡମାର ଜେଣ୍ଡର ବିଶେଷଜ୍ଞ ଆରନ୍ୟକ ମିଶ୍ର ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ଏ ସମସ୍ତ ବ୍ୟବସ୍ଥା ପାଇଁ ଜିଲ୍ଲା ପରିଚାଳନା ପ୍ଲାନରେ ସ୍ଥାନିତ କରି ପଦକ୍ଷେପ ନେବା ସହ ତୃଣମୂଳ ସ୍ତରରୁ ଏହାର ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏଡିଏମଓ ଡା. ବିରଜା ଶଙ୍କର ରଥ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଡିପିଏମ ଟି. ନାରାୟଣ ରାଓ, ମିଶନ ଶକ୍ତିର ଜିଲ୍ଲା ସଂଯୋଜିକା ଆରତୀ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମମତା ମିଶ୍ର ପ୍ରମୁଖ ଯୋଗଦେଇ ବିପର୍ଯ୍ୟୟର ମୁକାବିଲା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ଜରୁରୀ ବିଭାଗ ଅଧିକାରୀ ଆଶୁତୋଷ ଦେ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରଶିକ୍ଷଣ ସମ୍ବନ୍ଧରେ ସୂଚନା ଦେଇଥିଲେ। ଡିପିଓ ସୁକାନ୍ତ କୁମାର ଦାଶ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାର ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମୁଦ୍ର ଉପକୂଳ ପୁରୀ ଜିଲ୍ଲାର ୬ଟି ବ୍ଲକ ଓ ୬ଟି ପଂଚାୟତରେ ୧୪ଟି ଆଶ୍ରୟ ସ୍ଥଳ ରହିଛି । ଏଗୁଡିକ ହେଲା କୃଷ୍ଣ ପ୍ରସାଦ ବ୍ଲକ ବଡଝାଡ ପଂଚାୟତରେ ୪ଟି, ବ୍ରହ୍ମଗିରି ବ୍ଲକ ଆମ୍ବପଡା ପଂଚାୟତର ୪ଟି, କାକଟପୁର ବ୍ଲକ ଜଳେଶ୍ୱରପଡା ଓ ଅସ୍ତରଙ୍ଗ ବ୍ଲକ ଶିଶୁଆ ପଂଚାୟତରେ ୨ଟି ଲେଖାଏଁ, ପୁରୀ ସଦର ବ୍ଲକ ସମଙ୍ଗ ପଂଚାୟତ ଓ ଗୋପ ବ୍ଲକ ତରାକୋଟ ପଂଚାୟତର ୧ ଟି ଲେଖାଏଁ ଆଶ୍ରୟ ସ୍ଥଳ ରହିଛି ବୋଲି ଜିଲ୍ଲା ଜରୁରୀ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ, ଆପଦ ମିତ୍ର ମାନେ ଯୋଗ ଦେଇଥିଲେ।

# ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚ : ବିଶ୍ୱ ବରିଷ୍ଠ ନାଗରିକ ସପ୍ତାହ ପାଳନୋତ୍ସବ

ବଲାଙ୍ଗୀର, ୦୭/୧୦ (ନି.ପ୍ର): ଜିଲ୍ଲାର ସର୍ବ ପୁରାତନ ତଥା ସର୍ବ ବୃହତ ଅଗ୍ରଣୀ ସଂଘ, ଜିଲ୍ଲା ବରିଷ୍ଠ ନାଗରିକ ମଂଚ ତରଫରୁ ବିଶ୍ୱ ବରିଷ୍ଠ ନାଗରିକ ସପ୍ତାହ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ପ୍ରଥମରେ ମଂଚର ସଦସ୍ୟ ଦିଲ୍ଲୀପ କୁମାର ବହିଦାରଙ୍କ ଦେହାନ୍ତ ହୋଇଥିବାରୁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ ସଭାପତି ପ୍ରଭାକର ମିଶ୍ର। ସାଧାରଣ ସଂପାଦକ ମନୋରଂଜନ ମିଶ୍ର ସଂପାଦକୀୟ ବିବରଣୀ ପଠନ କରିଥିଲେ ଓ ସଭାକୁ ସଂଯୋଜନା କରିଥିଲେ ମଧୁସୁଦନ ନାୟକ। ଅନ୍ୟମାନଙ୍କ ମଧ୍ୟରେ ମଂଚାସିନ ଥିଲେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କୋଷାଗାର ଅଧିକାରୀ ଦିଲ୍ଲୀପ କୁମାର ଛତ୍ରିଆ, ବରେଣ୍ୟ ଅତିଥି ଭାବରେ ଚିଫ୍ ମେନେଜର ଏସ୍‌ବିଆଇ ବଲାଙ୍ଗିର ସତ୍ୟ ନାରାୟଣ ମାଝି ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା। ସାଧାରଣ ସଂପାଦକ ଶ୍ରୀ ମିଶ୍ର କହିଥିଲେ ଯେ ବରିଷ୍ଠ ନାଗରିକ ମଂଚ ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଓ ଏହାର ପଞ୍ଜିକରଣ ତଥା ବିଗତ ଦିନରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର, ଜଳସାଇ, ଭ୍ରମଣ, ବଣଭୋଜି ତଥା ଅନ୍ୟାନ୍ୟ ଜନହିତକର କାର୍ଯ୍ୟ କରିଥିବା ବିଷୟରେ ପ୍ରକାଶ କରିଥିଲେ। ସଭାରେ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ବରିଷ୍ଠ ନାଗରିକ ମଂଚ ଆଗଲପୁର ଏବଂ ଲୋଇସିଂହା ଶାଖାର ପ୍ରତିନିଧି ପୁରନ୍ଦର ଦାଶ ଓ ଦେଓଗାଁ ଓ ଗୁଡଭେଲା ଶାଖାର ପ୍ରତିନିଧି ସୁଧାଂଶୁ ଶେଖର ବାବୁ । ଅତିଥିମନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରି ଥିଲେ ଯେ, ମଂଚ ତରଫରୁ କରାଯାଉଥିବା କାର୍ଯ୍ୟକ୍ରମ ଆଗାମୀ ଦିନରେ ଲୋକଙ୍କ ଦ୍ୱାରା ଆଦୃତ ହେବ ଓ ବରିଷ୍ଠ ନାଗରିକମାନେ ଏହାର ସୁବିଧା ସହଯୋଗ ପାଇ ଉପକୃତ ହେବେ। ଆଗାମୀ ଦିନରେ ବ୍ୟାଙ୍କରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ଓ ବରିଷ୍ଠ ନାଗରିକମାନଙ୍କୁ ଏଥିରେ ସାମିଲ କରାଯିବ। ଯେଉଁମାନେ ପେନସନ ପାଇବା ବାବଦରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି ସେମାନେ ଜିଲ୍ଲା କୋଷାଗାର ଅଧିକାରୀ ଶ୍ରୀ ଛତ୍ରିଆ ଙ୍କ ପାଖରେ ଅସୁବିଧା ଜଣେଇବେ ଓ ସେ ଯେତେ ଶିଘ୍ର ହେବ ତାହାର ସମାଧାନ କରିବେ। ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ହୋତା କହିଥିଲେ ଯେ ରାଜ୍ୟ ସରକାରଙ୍କ ପାଖରୁ ବରିଷ୍ଠ ନାଗରିକମାନଙ୍କୁ ପାଇଁ ଅନେକ ସୁବିଧା ସୁଯୋଗ ରହିଛି। ଯେଉଁମାନେ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ସେମାନଙ୍କ ଯଥାଶିଘ୍ର ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଆଜିର ସଭାରେ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟ କରିଥିବା ଡା. ମଞ୍ଜୁବାଳା ପଣ୍ଡା ଓ ସୋମନାଥ ମିଶ୍ର ପ୍ରତିଷ୍ଠାତା ବିଙ୍ଗ୍ ହ୍ୟୁମେନ ଫାଉଣ୍ଡେସନକୁ ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠିଙ୍କୁ ଅତିଥିମାନେ ମାନପତ୍ର ଓ ଉତରିୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମାନପତ୍ର ପଠନ କରିଥିଲେ ଉପଦେଷ୍ଟା ଧନଞ୍ଜୟ ମିଶ୍ର, କାର୍ଯ୍ୟକାରୀ ସଦସ୍ୟ କପିଳେଶ୍ୱର ଖମାରୀ ଓ ପୀତବାସ ପଣ୍ଡା। ଏହି କାର୍ଯ୍ୟକ୍ରମକୁ ବିରଂଚି ହୋତା, ବିନୟ କୁମାର ମିଶ୍ର, ନରେନ୍ଦ୍ର କବାଟ, ସୁରେନ୍ଦ୍ର ନେଗୀ, ସୁନିଲ ଚନ୍ଦ୍ର ବିଶ୍ୱାଲ, ଚିତ ରଂଜନ ପଟେଲ, ନିଳାଂଚଳ ଚିର୍ଗୁନ ସହଯୋଗ କରିଥିଲେ। ବରିଷ୍ଠ ନାଗରିକ ମଂଚକୁ ଆଶା ଓ ବିଶ୍ୱାସକୁ ନେଇ ଦାମୋଦର ନାଏକ, ଦୁର୍ଗା ପ୍ରସାଦ ହୋତା, ଲକ୍ଷ୍ମଣ କୁମାର ଜାଲ, ସତ୍ୟାନନ୍ଦ ସାହୁ ଓ ମନୋରଂଜନ ସ୍ୱାଇଁ ଆଜିବନ ସଦସ୍ୟତା ଗ୍ରହଣ କରିଥିଲେ ଓ ମଂଚ ତରଫରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କପିଳେଶ୍ୱର ଖମାରୀ।

## ଜିଲ୍ଲାସ୍ତରୀୟ ମିଲେଟ ରୋଷେଇ ପ୍ରତିଯୋଗିତା ୨୦୨୩ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୦୭/୧୦ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା କୃଷି ବିଭାଗ ପରିସରରେ ଆନ୍ତର୍ଜାତୀୟ ମିଲେଟ ମିଶନ ୨୦୨୩ ଉପଲକ୍ଷେ ଏକ ରୋଷେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ଼ଃ ମନୋଜ ଚାନ୍ଦ ଏହାକୁ ଉଦ୍‌ଘାଟନ କରିଥିବାବେଳେ ବିଭାଗୀୟ ନୋଡାଲ ଅଫିସର ପ୍ରଣତୀ ପ୍ରିୟଦର୍ଶନୀ ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆତ୍ମାର ଅଧକ୍ଷ ଅଶୋକ କୁମାର ବରାଳ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ନମିତା ମହାପାତ୍ର, ମୃର୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ସାମଲ, ଏଡିଓ ତୁଷାରକାନ୍ତି ସାମଲ, ବିଏଓ ମନୋରଞ୍ଜନ ରାଉଳ, ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ଦେବଦାସ ଦତ୍ତ, ତୁଷାର ମହାନ୍ତି, ସିଡିପିଓ କବିତା ନାୟକ ପ୍ରମୁଖ ଯୋଗଦେଇ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଗୃହିଣୀ ଯୋଗଦେଇଥିଲେ।

# ଆସିଷ୍ଟାଂଟ କଲେକ୍ଟର ମୃତ୍ୟୁ ମାମଲାରେ ଖିଅ ପାଉନି ପୁଲିସ: ଏତଲା ହୋଇପାରୁନି, ସ୍ୱାମୀଙ୍କୁ ଜେରା

ରାଉରକେଲା, ୦୭/୧୦ (ନି.ପ୍ର): ରାଉରକେଲା ଏଡିଏମ ଅଫିସ ର ପୂର୍ବତନ ଆସିଷ୍ଟାଂଟ କଲେକ୍ଟର ସ୍ୱର୍ଗୀୟା ସୁସ୍ମିତା ମିଂଜଙ୍କ ମୃତ୍ୟୁକୁ ଏହା ଭିତରେ ୧୬ ଦିନ ବିତିସାରିଥିବା ବେଳେ, ଏଥିରେ ଯେଉଁମାନେ ତାଙ୍କ ମା ଓ ଭାଇଙ୍କ ମତରେ ଅଭିଯୁକ୍ତ ସେମାନଙ୍କ ଭିତରୁ ୨ ଜଣଙ୍କୁ ପଚରା ଉଚରା କରାଯାଇଥିବା ବେଳେ ଆଜି ତାଙ୍କ ସ୍ୱାମୀ ସୁଶୀଲ ଟପ୍ପୋଙ୍କୁ ପଚରା ଉଚରା ସରିଛି, ହେଲେ ଏଯାଏ ମାମଲାର କୌଣସି ଖିଅ ପୁଲିସ ପାଇ ପାରୁନାହିଁ। ସେପଟେ ଏହାକୁ ନେଇ ଜିଲ୍ଲା ବନ୍ଦ ସହ ଆଦିବାସୀ ମାନଙ୍କ ଆନ୍ଦୋଳନ ଯୋର ଧରିଛି । ଆଜି ସୁନ୍ଦରଗଡରେ ଘଟଣାର ସିବିଆଇ ଯାଂଚ ଦାବି କରି ଜିଲ୍ଲାପାଳଙ୍କ ଅଫିସକୁ ଶହ ଶହ ମହିଳା ଘେରିବା ସହ ଗେଟକୁ ଭାଙ୍ଗିବାକୁ ଉଦ୍ୟମ ସହ ପାଣି ବୋତଲ ଅଫିସ ଭିତରକୁ ଫୋପାଡିବା ଘଟଣା ମହିଳା ମାନଙ୍କ କ୍ରୋଧ ପଦାକୁ ଆସିଥିବା ଦେଖାଯାଇଥିଲା । ରାଉରକେଲା ପୁଲିସ ଏହି ମାମଲାରେ ଜଣେ ଡିଏସପିଙ୍କୁ ଯାଂଚ ଦାୟିତ୍ୱ ଦେଇଥିବା ବେଳେ ପୋଷ୍ଟମର୍ଟମ ରିପୋର୍ଟ କହୁଛି ଶ୍ୱାସରୁଦ୍ଧ ହୋଇ ସୁସ୍ମିତାଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ଆସିଛି । ହେଲେ ତାଙ୍କ ପରିବାର ଲୋକେ କହିବା କଥା ମୃତ ଶରୀରରେ ଅନେକ ଦାଗ ରହିଥିଲା, ପୁଲିସ ମଧ୍ୟ ଅଭିଯୋଗକାରୀ ସୁସ୍ମିତାଙ୍କ ଭାଇଙ୍କୁ ଧମକ ଚମକ ଦେବା ଅଭିଯୋଗ ଘଟଣାରେ ସେମାନେ ପୁଲିସ ଉପରେ ଆଉ ଭରଷା ରଖିନାହାନ୍ତି, ତେଣୁ ମାମଲାକୁ ସିବିଆଇକୁ ଦେଇଦିଆଯାଉ ବୋଲି ଦାବି କରିଚାଲିଛନ୍ତି । ଆଜି ସୁସ୍ମିତାଙ୍କ ସ୍ୱାମୀ ସୁଶୀଲଙ୍କୁ ଛତିଶଗଡରୁ ଡକାଇ ସକାଳୁ ମାରାଥନ ଜେରା ଏସପି ଅଫିସରେ ଡିଏସପି ବନିତା ମାଝି କରିଛନ୍ତି, ହେଲେ ମାମଲାର କୌଣସି ଖିଅ ପାଇ ପାରିନାହାନ୍ତି । ସେମାନଙ୍କ ଡାଇଭର୍ସ ମାମଲା, ଉଭୟଙ୍କ ଭିତରେ କେଉଁ ସ୍ଥିତିରେ କାହିଁକି ଅଶାନ୍ତି ଆସିଲା ଠାରୁ ଆରମ୍ଭ କରି ନାନା କଥା ପଚରା ଉଚରା କରିଛନ୍ତି । ସୁଶୀଲ ଜଣେ ବ୍ୟାଙ୍କ କର୍ମଚାରୀ, ସେ ସୁସ୍ମିତାଙ୍କୁ ମୃତ୍ୟୁ ପୂର୍ବରୁ କୋର୍ଟରେ ଭେଟିଥିଲେ । ତେବେ ଏହି ମାମଲାରେ ଜିଲ୍ଲାପାଳ, ସିଡିପିଓ, ଏଡିଏମ, ବିଡିଓ ତଥା ମୃତା ଏଏସଆଇଙ୍କୁ ଅଭିଯୁକ୍ତ ବୋଲି ସୁସ୍ମିତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ପଚରା ଉଚରା ସ୍ୱାମୀଙ୍କ ସହ ୩ ଜଣଙ୍କର ସରିଲା ଜଣେ ସ୍ୱର୍ଗବାସୀ ହେଲେ, ଏବେ କେବେ କେଉଁଠାରେ ଜିଲ୍ଲାପାଳ ଓ ଏଡିଏମଙ୍କୁ ପୁଲିସ ଜେରା କରୁଛି ତାହା ଦେଖିବାକୁ ଜିଲ୍ଲାବାସୀ ଅପକ୍ଷା କରି ରହିଛନ୍ତି ।

## ବିଜେପି କୃଷକ ମୋର୍ଚ୍ଚା ତରଫରୁ ବିକ୍ଷୋଭ

ଜୟପୁର, ୦୭/୧୦ (ନି.ପ୍ର): ବିଜେପି କୃଷକ ମୋର୍ଚା କୋରାପୁଟ ଜିଲା ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଜୟପୁର ଉପଜିଲାପାଳଙ୍କ କାଯ୍ୟଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ୭ ଦଫା ସମ୍ବଳିତ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, କୃଷି ଯନ୍ତ୍ରପାତି କିଣାରେ ଦିଆଯାଉଥିବା ରିହାତି ସବ୍ସିଡି କାରବାରରେ ବ୍ୟାପକ ଦୁର୍ନିତିର ସିବିଆଇ ତଦନ୍ତ କରିବା, ଧାନ କିଣାରେ ମଣ୍ଡି ସ୍ତରରୁ ନେଇ ମନ୍ତ୍ରୀ ସ୍ତର ପଯ୍ୟନ୍ତ ଏକ ରେକେଟ ମାଧ୍ୟମରେ ବ୍ୟାପକ ଅବ୍ୟବସ୍ଥା ଓ ଚରମ ଦୁର୍ନୀତିରେ ଚାଷୀ ମାନେ ପ୍ରଚୁର ମାତ୍ରାରେ କ୍ଷତିଗ୍ରସ୍ତ ଓ ଶୋଷଣର ଶିକାର ହେଉଛନ୍ତି । ଏ ଦୁର୍ନୀତୀର ସିବିଆଇ ତଦନ୍ତ କରିବା, ସାର କଳା ବଜାରୀ ଓ ଅଭାବୀ ଚଢା ଦର ବିକ୍ରି ରୋକିବା ଓ ଏହାର ସୁବନ୍ଦୋବସ୍ତ କରିବା ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଯୋଜନା ପାଇଁ ରାଜ୍ୟ ସରକାର ତୁରନ୍ତ ସମସ୍ତ ଚାଷିଙ୍କ ନିର୍ଭୁଲ ତାଲିକା କେନ୍ଦ୍ର ନିକଟରେ ପ୍ରଦାନ କରିବାକୁ ଦାବି କରାଯାଇଛି । ଅଗଷ୍ଟ ୧୫ ପରିବର୍ତେ ଆସନ୍ତା ସେପଟ୍ମେର ୧୫ ତାରିଖ ପଯ୍ୟନ୍ତ ଚାଷୀ ପଞ୍ଜିକରଣ ସମୟ ଅବଧି ବୃଦ୍ଧି କରିବା ଆଦି ଦାବି ରହିଛି । ଏହି ବିକ୍ଷୋଭ ଓ ଦାବୀ ପତ୍ର ପ୍ରଦାନ ସମୟରେ ରାଜ୍ୟ କୃଷକ ମୋର୍ଚା ଉପ ସଭାପତି ବିପଦ ଭଞ୍ଜନ ଦାଶ, ମଣ୍ଡଳ ନଗର ସଭାପତି ରାଧେଶ୍ୟାମ ପରିଡା, ଜୟପୁର କୃଷକ ମୋର୍ଚା ସଭାପତି ରାମୁ ବେହେରା, ଦିଗାପୁର ମଣ୍ଡଳ ସଭାପତି ବଦ୍ରି ନାରାୟଣ ଆଚାର୍ଯ୍ୟ, ନଳୀନି କୁମାର ଦାଶ, ଶିବ ମାଝୀ, ସୁନିଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଡ୍ରପ ଆଉଟ ଛାତ୍ରଛାତ୍ରୀଙ୍କୁ ଥଇଥାନ କରିବା ଲାଗି ଦାବି

ମାଲକାନଗିରି, ୦୭/୧୦ (ନି.ପ୍ର): ସଙ୍କଟରେ ଡ୍ରପଆଉଟ୍ ଛାତ୍ରଛାତ୍ରୀ । ସାରା ଦେଶ ତୁଳନାରେ ଓଡିଶାରେ ଅଧାରୁ ପାଠ ଛାଡି ଥିବା ଛାତ୍ର ଛାତ୍ରୀ ବା ଡ୍ରପଆଉଟ ପିଲାଙ୍କ ସଙ୍ଖ୍ୟା ଯଥେଷ୍ଟ ଅଧିକ । ପିଲାଙ୍କୁ ବିଦ୍ୟାଳୟ କୁ ଫେରାଇ ଆଣିବା ଲାଗି କେନ୍ଦ୍ର ର ଷ୍ଟାର୍ସ ଯୋଜନା କାର୍ଯ୍ୟକାରୀ ହେଉ ଥିଲେ ହେଁ ଅନୁଦାନ ଅଭାବରୁ କିନ୍ତୁ ଏହି ଯୋଜନା ଓଡିଶା ରେ ଫେଲ ମାରିଛି । ମାଲକାନଗିରି ଜିଲ୍ଲାରେ ୨ଟି ବିଦ୍ୟାଳୟକୁ ଏଥିରେ ଅନ୍ତର୍ଭୁକ୍ତ କରାଇ ଡ୍ରପଆଉଟ୍ ପିଲାଙ୍କୁ ପାଠ ପଢା ଜାରି ରହି ଥିଲେ ହେଁ ଚଳିତ ଶିକ୍ଷା ବର୍ଷରେ ଅନୁଦାନ ଅଭାବରୁ ପିଲା ଏବେ ହେଷ୍ଟେଲ ରେ ରହି ପାଠ ପଢିବାରୁ ବଂଚିତ ହୋଉଛନ୍ତି। ଆଉ କୌଣସି ସୁଫଳ ନ ପାଇ ଶେଷରେ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଛନ୍ତି ଡ୍ରପଆଉ ଟ୍ ପିଲା ଓ ଅଭିଭାବକ ।ଆଗକୁ ଭବିଷ୍ୟତ ଅନ୍ଧକାର ଦେଖି ମାଲକାନଗିରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଡ୍ରପ ଆଉଟ୍ ପିଲା । ଛାତ୍ରଛାତ୍ରୀଙ୍କୁ ଖାଇବାକୁ ଦିଅ, ହେଷ୍ଟେଲ ସୁବିଧା ଯୋଗାଇ ଦିଅ । ଏମିତି କିଛି ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ ମାଲକାନଗିରି ତାର୍ଲାକୋଟା ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା ଡ୍ରପଆ ଉଟ ଛାତ୍ରଛାତ୍ରୀ ଓ ଅଭିଭାବକ । ଅଧାରୁ ପାଠ ଛାଡି ଥିବା ପିଲାଙ୍କୁ ବିଦ୍ୟାଳୟ ମୁହାଁ କରାଇବା ଲାଗି କେନ୍ଦ୍ର ସରକାରଙ୍କ ଷ୍ଟାର୍ସ ଯୋଜନା କାର୍ଯ୍ୟକାରୀ ହେଉଛି । ଜିଲ୍ଲାର ଅଁଳାପଦର ଉଚ୍ଚ ବିଦ୍ୟାଳୟ ଓ ତାର୍ଲାକୋଟା ଉଚ୍ଚ ବିଦ୍ୟାଳୟକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଉଭୟ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀର ୫୦-୫୦ ପିଲାଙ୍କ ରହିବା ଓ ପାଠପଢାର ବ୍ୟବସ୍ଥା କରାଯାଇଥିଲା । ୨୦୨୨ -୨୩ ଶିକ୍ଷା ବର୍ଷରେ ସବୁ କିଛି ଠିକ୍ ଠାକ୍ ଥିଲା । ତେବେ ଚଳିତ ଶିକ୍ଷା ବର୍ଷରେ ଆଉ ଅନୁଦାନ ନଆସିବାରୁ ହେଷ୍ଟେଲ ବନ୍ଦ ହୋଇ ଯାଇଛି। ଫଳରେ ଦୁର୍ଗମ ତଥା ଦୁର ଦୁରାନ୍ତରୁ ଆସିଥିବା ପିଲାମାନେ ପୁଣି ବିଦ୍ୟାଳୟ ଛାଡୁଥିବା କହିଛନ୍ତି।୨୦୨୧ରେ କେନ୍ଦ୍ରୀୟ କ୍ୟାବିନେଟର ଅନୁମୋଦନ ପରେ ଓଡିଶା ସମେତ ମହାରଷ୍ଟ୍ର, ହିମାଂଚଳ ପ୍ରଦେଶ, ରାଜସ୍ଥାନ, ମଧ୍ୟ ପ୍ରଦେଶ ଓ କେରଳରେ ଷ୍ଟାର୍ସ ଯୋଜନାର ଶୁଭାରମ୍ଭ ହୋଇଥିଲା । ଶିକ୍ଷାର ମାନ ଓ ଭିତିଭୂମି ଲାଗି ବିଶ୍ୱ ବ୍ୟାଙ୍କ ମାଧ୍ୟମରେ ୫ ହଜାର ୭୧୮ କୋଟି ଟଙ୍କା ମଂଜୁର କରାଯାଇଥିଲା । ସେହି ଅର୍ଥରେ ୨୦୨୪-୨୫ ଶିକ୍ଷା ବର୍ଷ ଯାଏଁ ଚାଲିବା ଲାଗି ସ୍ଥିର ହୋଇଥିଲେ । ତେବେ ମେଘାଳୟରେ ୨୧.୭ ପ୍ରତିଶତ ଓ ବିହାର ରେ ୨୦.୫ ପ୍ରତିଶତ ଡ୍ରପଆଉଟ ହାର ରହିଥିବା ବେଳେ ଓଡିଶାରେ ସର୍ବାଧିକ ୨୭.୩ ପ୍ରତିଶତ ଡ୍ରପଆ ଉଟ ପିଲା ରହିଛନ୍ତି । ମାଲକାନଗିରି ନୁହଁ ବରଂ ପୁରା ରାଜ୍ୟରେ ଷ୍ଟାର୍ସ ଯୋଜନାରେ ଅନୁଦାନ ଆସିନଥିବା ଜଣା ପଡିଛି । ତେଣୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସମନ୍ୱୟ ରକ୍ଷା କରି ଅନୁଦାନ ପ୍ରଦାନ ସହ ଅବିଳମ୍ବେ ବିକଳ୍ପ ବ୍ୟବସ୍ଥା କରି ଏହି ଡ୍ରପଆ ଉଟ ଛାତ୍ର ଛାତ୍ରୀଙ୍କୁ ଥଇଥାନ କରିବା ଲାଗି ଦାବୀ ହୋଇଛି ।

## ମେଡ଼ିକାଲ ଦାବିରେ ରାସ୍ତାରୋକ: ରାଜପଥରେ ଅଟକିଲା ଶହ ଶହ ଗାଡି

ଜୟପୁର , ୦୭/୧୦ (ନି.ପ୍ର): ମେଡ଼ିକାଲ ନିର୍ମାଣ ଦାବିରେ ୪୮ ନମ୍ବର ରାଜ୍ୟ ରାଜପଥ ଅବରୋଧ । ଜୟପୁର ବ୍ଲକ ରାଣିଗଡ଼, କେବିଡ଼ି ଏବଂ ଗୁଜୁନିଗୁଡା ପଂଚାୟତର ଲୋକଙ୍କ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ନୂତନ ମେଡ଼ିକାଲ ନିର୍ମାଣ ପାଇଁ ବାଲି ପୂଜାରିପୁଟ ନିକଟରେ ୭ ଏକର ଜମି ଚିହ୍ନଟ କରାଯାଇଥିଲା । ଟେଣ୍ଡର ମଧ୍ୟ ଶେଷ ହୋଇଥିଲା କୌଣସି କାରଣ ବଶତଃ ମେଡ଼ିକାଲ ନିର୍ମାଣ ଟେଣ୍ଡର ବାତିଲ ହେବା ଖବର ପାଇ ତିନି ପଂଚାୟତବାସୀ ୪୮ ନମ୍ବର ରାଜ୍ୟ ରାଜପଥରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି । ପଂଚାୟତବାସୀଙ୍କ ଦାବି ହେଲା ପୁନଃ ଟେଣ୍ଡରକୁ ସକ୍ରିୟ କରି ନୂତନ ମେଡ଼ିକାଲ ନିର୍ମାଣ କରାଯାଉ । ନିମ୍ନମାନର ରାସ୍ତା କାମ ପାଇଁ ରାସ୍ତାରୋକ୍, ଗାଡି ମଟର ଚଳାଚଳ ବାଧାପ୍ରାପ୍ତ ଯେ ପର୍ଯ୍ୟନ୍ତ ଦାବି ପୂରଣ ହୋଇ ନାହିଁ ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ । ସେପଟେ ରାଜ୍ୟ ରାଜପଥ ଦୁଇ ପାର୍ଶ୍ୱରେ ଶହ ଶହ ଗାଡି ମୋଟର ଅଟକି ରହିଥିଲା ।

## ଦୁର୍ଘଟଣାରେ ଜଣେ ମୃତ: ଜଣେ ଗୁରୁତର

ବଲାଙ୍ଗିର, ୦୭/୧୦ (ନି.ପ୍ର): ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି । ବଲାଙ୍ଗିର - ସୋନପୁର ମୁଖ୍ୟ ରାସ୍ତା ପୁଇଁତଲା ଥାନା ପାଖରେ ଏଭଳି ସଡ଼କ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ମୃତ ଯୁବକ ଜଣକ ହେଲେ ସଂକଳ୍ପ ଯୋଷୀ (୨୪) । ସୂଚନା ଅନୁସାରେ, ସଂକଳ୍ପ ଓ କୁନାଲ ନାଏକ ଦୁଇ ସାଙ୍ଗ । ସେମାନେ ଗତକାଲି ବିଳମ୍ବିତ ରାତିରେ ସୋନପୁର ଆଡ଼କୁ ଯାଉଥିବା ବେଳେ କୌଣସି ଏକ ଅଜଣା ଗାଡି ସହିତ ତାଙ୍କ ବାଇକ୍ ର ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ସଂକଳ୍ପଙ୍କ ମୃତ୍ୟୁ ହୋଇଥିବା ବେଳେ କୁନାଲ ଗୁରୁତର ହୋଇଥିଲେ । ପୁଇଁତଲା ପୁଲିସ ତାଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ୍ ହସ୍ପିଟାଲକୁ ପଠାଇଥିଲେ । ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

# ଥାନାରୁ ନ୍ୟାୟ ନପାଇ ଏସପିଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରୀ

କୋରେଇ, ୦୭/୧୦ (ନି.ପ୍ର): ସାଧାରଣ, ଗରୀବ, ନିସଃହାୟ ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରିବା ଲାଗି ସରକାର ଥାନାର ବ୍ୟବସ୍ଥା କରିଥିବାବେଳେ ଥାନାରେ ଅଭିଯୋଗ କରିବାର ମାସେ ବିତି ଯାଇଥିଲେ ମଧ୍ୟ ଥାନାରୁ ନ୍ୟାୟ ନପାଇ ବାଧହୋଇ ଅଭିଯୋଗକାରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛି। ମିଳିଥିବା ସୂଚନାନୁସାରେ କୋରାଇ ଥାନା ଅନ୍ତର୍ଗତ ପଛିକୋଟ ପଂଚାୟତର ଜଇଁତିରା ଗ୍ରାମର ବିଜୟ ବେହେରା ନାମକ ଜଣେ ଗରୀବ ଯୁବକ ଏହି ଥାନା ଅନ୍ତର୍ଗତ ଧନେଶ୍ୱର ଛକ ଠାରୁ କିଛି ଦୂରରେ ଆଜକୁ ଦୁଇ ବର୍ଷ ହେବ ଏକ ଘର ଭଡ଼ା ନେଇ ଚା’ ପାନ ଦୋକାନ କରିଅଛି। କିନ୍ତୁ ଉକ୍ତ ଘରର ମାଲିକ ସମ୍ବିତ ମହାନ୍ତି ବିଜୟଙ୍କ ଠାରୁ ଘର ଭଡ଼ା ଅଗ୍ରୀମ ବାବଦରେ ୧୫ ହଜାର ଟଙ୍କା ନେଇଥିବା ସହିତ ମାସିକ ଘର ଭଡ଼ା ନେଇ ଜୁଲମ କରୁଥିବା ସହିତ ବାକି ଥିବା ଟଙ୍କା ଦେଉନାହାନ୍ତି। ଏ ନେଇ ବିଜୟ ସମ୍ବିତଙ୍କୁ ବାକି ଟଙ୍କା ମାଗିବାରୁ ସମ୍ବିତ ବିଜୟଙ୍କ ଉପରେ ଟ୍ରକ ଚଢ଼ାଇ ମାରିଦେବେ ବୋଲି ଧମକ ଦେବା ସହିତ ଦୋକନ ଘରେ ତାଲା ପକାଇ ଦେଇଛନ୍ତି ଓ ବିଜୁଳି ତାରକୁ କାଟି ଦେଇଛନ୍ତି। ଫଳରେ ବିଜୟ ଦୋକାନ ଖୋଲି ପାରୁନାହାନ୍ତି । ବିଜୟ ଘରର ଏକମାତ୍ର ରୋଜଗାରିଆ ପୁଅ ହୋଇଥିବା ବେଳେ ଘରେ ତାଙ୍କର ବୃଦ୍ଧା ମାଆ ଓ ଦୁଇ ଛୁଆଙ୍କ ସମେତ ପତ୍ନୀ ନିର୍ଭରଶୀଳ। ତେବେ ଦୋକାନ ନ ଖୋଲିପାରିବା ଯୋଗୁଁ ମହାଜନମାନେ ପ୍ରଦୀପଙ୍କୁ ବେଇଜ୍ଜତ କରିବା ସହିତ ଟଙ୍କା ଦେବାଲାଗି ଚାପ ପକାଉଛନ୍ତି । ଏ ନେଇ ବିଜୟ ଗତ ଏକ ମାସ ହେବ କୋରାଇ ଥାନାରେ ଅଭିଯୋଗ କଲା ପରେ ମଧ୍ୟ ଥାନା ପକ୍ଷରୁ ତାଙ୍କୁ ବାରମ୍ବାର ଦୌଡ଼ାଯିବା ସହିତ ନ୍ୟାୟ ପ୍ରଦାନ କରାଯାଉନାହିଁ। ଫଳରେ ବିଜୟ ସପରିବାରେ ଆସି ଆରକ୍ଷୀ ଅଧିକ୍ଷକ ବିନିତ ଅଗ୍ରୱାଲଙ୍କୁ ଭେଟି ନ୍ୟାୟ ପ୍ରଦାନ ଲାଗି ଦାବି କରିଛନ୍ତି। ତେବେ ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତରାୟ ପ୍ରଦୀପଙ୍କ ଅଭିଯୋଗର ଶୁଣାଣୀ କରି ତାଙ୍କୁ ନ୍ୟାୟ ପ୍ରଦାନ ଲାଗି କୋରାଇ ପୁଲିସକୁ ନିର୍ଦ୍ଦେଶ ଦେଇଥିବା ଜଣା ପଡ଼ିଛି।

# ପୁରୀ ସହରରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସରୁନି ଦିନ ଗଡୁଛି

ପୁରୀ, ୦୭/୧୦ (ନି.ପ୍ର): ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର କରିବା ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବର୍ଷ ବର୍ଷ ଧରି ଚାଲୁଥିଲେ ମଧ୍ୟ ତାହା ଶେଷ ହୋଇପାରୁ ନାହିଁ । ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଦୀର୍ଘ ୫ ବର୍ଷ ଧରି ଖୋଳା ତଡ଼ା ଭଙ୍ଗା ଭଙ୍ଗି ଓ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏମାରମଠ ଭାଙ୍ଗି ଯିବା ପରେ ତାର ଐତିହ୍ୟ ସ୍ମୃତି ସେହି ଡ଼ିଜାଇନର ମଠ ଗୃହ ଓ ରଘୁନନ୍ଦନ ଲାଇବ୍ରେରୀ ନିର୍ମାଣ ହୋଇପାରି ନାହିଁ। ମନ୍ଦିର ଚାରିପଟୁ କାରୁକାର୍ଯ୍ୟ ପୂର୍ଣ୍ଣ ମଠ ଗୁଡ଼ିକ ଭାଙ୍ଗି ଦିଆଯାଇଥିଲେ ମଧ୍ୟ ସେହି ଅନୁରୂପ ମଠ ନିର୍ମାଣ ହୋଇ ପାରିନାହିଁ । ଶ୍ରୀସେତୁ କାର୍ଯ୍ୟ ସରିବ ସରିବ ବୋଲି ଶେଷ ହୋଇ ପାରୁନାହିଁ । ବେଳାଭୂମି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି । ମାଟିଆପଡ଼ା ଓଭରବ୍ରିଜ୍ କାର୍ଯ୍ୟ ୫ ବର୍ଷ ଧରି ମାପଚୁପ, କ୍ଷତିପୂରଣ, ଘର ଭଙ୍ଗା ଓ ଏବେ ଡ୍ରେନେଜ ଓ ସ୍ୱରେଜ କାର୍ଯ୍ୟ ଶେଷ ହୋଇ ପାରିନାହିଁ । ସେହି ଅଂଚଳର ଲୋକମାନେ ଓଭରବ୍ରିଜ୍ ସ୍ୱପ୍ନ ଦେଖି ଦେଖି ୫ ବର୍ଷ ବିତିଗଲାଣି । ସିଂହଦ୍ୱାର ଓ ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ଦୋକାନି ମାନଙ୍କୁ ୩ଟି ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଗୃହ ଆବଂଟନ କାର୍ଯ୍ୟ ଶେଷ ହୋଇ ପାରିନାହିଁ । ନରେନ୍ଦ୍ର, ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡ ଓ ଶ୍ୱେତଗଙ୍ଗା ପୁଷ୍କରଣୀ ଗୁଡ଼ିକ ଉନ୍ନତି କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଛି । ପାର୍ବଣ ଋତୁ ଚାଲିଥିଲେ ମଧ୍ୟ ସାହି ଗଳିକନ୍ଦି ରାସ୍ତା ଗୁଡ଼ିକ ଫ୍ଲେବର ଇଟା ବିଛାଡ଼ିବା କାର୍ଯ୍ୟ ଶେଷ ହୋଇ ପାରିନାହିଁ । ଭୂଦାନ ଛକରେ ନିର୍ମାଣାଧୀନ ମାଛ ମାର୍କେଟ କାର୍ଯ୍ୟ ଶେଷ ହୋଇ ପାରିନାହିଁ । ହୁଳୁହୁଳିଆ ପୋଲ ଠାରୁ ଅଠରନଳା ଦେଇ ମଙ୍ଗଳାନଦୀ ପର୍ଯ୍ୟନ୍ତ ମୂଷା ନଦୀ ଖନନ, ଉନ୍ନତିକରଣ, ନଦୀ ବନ୍ଧ ନିର୍ମାଣ, ଦଳ ସଫେଇ ଓ ଜବରଦଖଲ କାର୍ଯ୍ୟ ଦୀର୍ଘ ୧୧ ବର୍ଷ ଧରି ଜାରି ରହିଛି । ଜଗନ୍ନାଥ ବଲ୍ଲଭରେ ନିର୍ମାଣାଧୀନ ଅନେକ ପ୍ରକଳ୍ପ ଅଧା ନିର୍ମାଣ ହୋଇ ପଡ଼ି ରହିଛି । ମଝିରେ ମଝିରେ ଜାନୁଆରୀରେ ଶେଷ ହେବ, ଡ଼ିସେମ୍ବରରେ ଶେଷ ହେବ, ରଥଯାତ୍ରା ପରେ ଶେଷ ହେବ ଏଭଳି ପ୍ରତିଶୃତି ପରେ ପ୍ରତିଶୃତି ଦେଇ ପ୍ରଶାସନ ଦିନ ଗଡ଼ାଉଥିବା ଲୋକମାନେ ଅଭିଯୋଗ କରିଛନ୍ତି । ସେହିପରି ତାଳବଣିଆ ଅଂଚଳରେ ବିଶ୍ୱସ୍ତରୀୟ ପାର୍କ ନିର୍ମାଣ ହୋଇ ପାରିନାହିଁ । ୪୦ ହଜାର ଭକ୍ତ ରହିବା ପାଇଁ କୋଠା ନିର୍ମାଣ କରାଯାଇ ପାରିନାହିଁ । ପୁରୀ ସହରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରବିନ୍ଦ୍ର ମଣ୍ଡପ ପରି ହଲ୍ ଟିଏ ନାହିଁ କି ସିନେମାପ୍ରେମୀଙ୍କ ପାଇଁ ସିନେମା ହଲଟିଏ ନିର୍ମାଣ ହୋଇ ପାରିନାହିଁ । ନିର୍ବାଚନ ପରେ ନିର୍ବାଚନ ଆସୁଛି । ନେତାଙ୍କ ପରେ ନେତା ବଦଳୁଛନ୍ତି । ହେଲେ ଲୋକଙ୍କ ସୁବିଧା ପାଇଁ ଅନେକ ଜନହିତକର କାର୍ଯ୍ୟ ଶେଷ ହୋଇପାରୁନାହିଁ ବୋଲି ସହରରେ ଚର୍ଚ୍ଚା ହେଉଛି ।

# ବେଧଡ଼କ ଚୋରା ବାଲି ଚାଲାଣ ପାଇଁ ନଷ୍ଟ ହେଲାଣି ଭୂଇଁପୁର ଭରତିଆ ସାହି ଗାଁ ରାସ୍ତା

ଚମ୍ପୁଆ, ୦୭/୧୦ (ନି.ପ୍ର): ଦିନ ରାତି ଟ୍ରାକ୍ଟର ଯୋଗେ ବେଧଡ଼କ ଚୋରା ବାଲି ଚାଲାଣ କରୁଥିବାରୁ ନଷ୍ଟ ହେବାକୁ ବସିଛି ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭୂଇଁପୁର ଭରତିଆ ସାହି ଗାଁ ରାସ୍ତା । ଏହି ରାସ୍ତା ଉପରେ ଗ୍ରାମବାସୀଙ୍କ ସହିତ ନିକଟସ୍ଥ ପଡୁଆ, ଭୂଇଁପୁର ଆଦି ଗ୍ରାମବାସୀ ମଧ୍ୟ ନିର୍ଭର କରି ପ୍ରତିଦିନ ଚଳପ୍ରଚଳ କରୁଥିବାବେଳେ ନଷ୍ଟ ପ୍ରାୟ ଏହି ରାସ୍ତା ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ନିକଟସ୍ଥ ମେର୍ମେଦା ନାଳରୁ ବେଆଇନ ଭାବେ ବାଲି ଚାଲାଣ ପାଇଁ ଏହି ରାସ୍ତାକୁ ବ୍ୟବହାର କରାଯାଉ ଥିବାରୁ ଦୈନିକ ଅହରହ ଟ୍ରାକ୍ଟର ଚଳାଚଳ କରୁଥିବାରୁ ଏହି ରାସ୍ତା ଆଉ ଗମନା ଗମନ ଯୋଗ୍ୟ ହୋଇ ରହି ନାହିଁ । ସାମାନ୍ୟ ବର୍ଷାରେ ରାସ୍ତା କାଦୁଅ ହେଉଥିବାରୁ ଗାଡି ଚଳାଚଳ ତ ଦୁରକଥା, ଏହି ରାସ୍ତାରେ ପାଦରେ ମଧ୍ୟ ଯିବା ଆସିବା କରିବା ଅସମ୍ଭବ ହୋଇ ପଡିଛି । ଚମ୍ପୁଆ ତହସିଲ ଅନ୍ତର୍ଗତ ଭୂଇଁପୁର ଆର ଆଇ କାର୍ଯ୍ୟାଳୟର ନାକ ତଳେ ଥିବା ଏହି ରାସ୍ତା ଦେଇ ଦୈନିକ ଚୋରା ବାଲି ଚାଲାଣ ହେଉ ଥିଲେହେଁ ଏଥିପ୍ରତି କେହି ଗୁରୁତ୍ୱ ଦେଉନଥିବାରୁ ଗାଁରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗତ ବର୍ଷ ମନରେଗା ଯୋଜନାରେ ଏହି ରାସ୍ତାର କାମ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଥିଲେହେଁ ଟ୍ରାକ୍ଟର ଯୋଗେ ଦିନରାତି ଚୋରା ବାଲି ଚାଲାଣ କରୁଥିବା ଯୋଗୁଁ ଏହି ରାସ୍ତା ନଷ୍ଟ ପ୍ରାୟ ହୋଇ ସାରିଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ବହୁ ପରିମାଣରେ ବୃଦ୍ଧି ପାଉଛି। ତେବେ ଏହାକୁ ନେଇ ଭୂଇଁପୁର ଆର ଆଇ ଅଲେଖ ମାଝୀଙ୍କୁ ଯୋଗାଯୋଗ କରିବାରୁ ଏହି ଅଂଚଳରେ ଚୋରା ବାଲି କାରବାରରେ ଲିପ୍ତ ଥିବା ଗାଡି ବିପକ୍ଷରେ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୮ ଅକ୍ଟୋବର ୨୦୨୩
email : rabibarachayan2015@gmail.com




## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା

**ଭାଗ-୨୧**

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନସାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ସାତ ଋଷିଙ୍କର ମନ୍ତ୍ର ଉଚ୍ଚାରଣରେ ବିବାହ କାର୍ଯ୍ୟ ଚାଲିଲା । ଏକ ସଂଗରେ ଆମ ଚାରି ଭଉଣୀଙ୍କ ବିବାହ ଚାରି ବେଦୀରେ ହେଉଥାଏ । ହସ୍ତବନ୍ଧନର ବେଳ ଆସି ଉପନୀତ ହେଲା । ମହର୍ଷି ବିଶ୍ୱାମିତ୍ର ଆମ ଦୁଇଜଣଙ୍କ ହସ୍ତକୁ ସୁବର୍ଣ୍ଣ କଳସ ଉପରେ ରଖି ମନ୍ତ୍ର ସୂତ୍ରରେ ବନ୍ଧନ କରିଦେଲେ । ସେତେବେଳର କଥା ଆଉ ବର୍ଣ୍ଣନା କରିପାରିବି ନାହିଁ ସୁଧାମୟୀ । ସେଦିନର ସେ ସୁଖ ମୋର ମୃତ୍ୟୁ ପର୍ଯ୍ୟନ୍ତ ମୋ ଶରୀରରେ ରୋମାଞ୍ଚ ସୃଷ୍ଟି କରୁଥିବ ।

ବିବାହ କାର୍ଯ୍ୟ ଶେଷ ହେଲା । ବେଦୀକୁ ସାତଥର ପ୍ରଦକ୍ଷିଣ କରିସାରିବା ପରେ ପୁରୋହିତ କହିଥିଲେ, ବିବାହ କାର୍ଯ୍ୟ ସମ୍ପନ୍ନ ହେଲା, ଏବେ ବରବଧୂଙ୍କୁ ବେଦୀରୁ ବାହୁଡ଼ାଇ ନିଅ । ଏହି ସମୟରେ ରାଜଦ୍ୱାର ସମ୍ମୁଖରେ ଏକ ଭୀଷଣ ଗର୍ଜନ ଶୁଣିବାକୁ ମିଳିଲା ।

ତଟସ୍ଥ ହୋଇ ଯାଇଥିଲେ ବିବାହ ଅନୁଷ୍ଠାନରେ ଥିବା ସମସ୍ତ ଅତିଥି, ଅଭ୍ୟାଗତ, ସମେତ ରାଜା, ମହାରାଜାମାନେ । ମୋ ସ୍ୱାମୀ ମଧ ସାମାନ୍ୟ ବିଚଳିତ ହୋଇ ପଡ଼ିଥିଲେ, କିଏ ସେ ? ଏପରି ଗର୍ଜନ କରୁଛି ରାଜଦ୍ୱାରରେ ? କେହିକେହି କହି ପକାଇଲେ ଲଙ୍କେଶ ରାବଣ ଆସିଛି, ପରାଜୟର ପ୍ରତିଶୋଧ ନେବାପାଇଁ ।

ଦେଖୁଦେଖୁ ଜଣେ ଧନୁର୍ଦ୍ଧର ସନ୍ନ୍ୟାସୀ, ହସ୍ତରେ କୁଠାରଟିଏ ଧାରଣ କରି ପଶି ଆସିଥିଲେ ରାଜବାଟୀକୁ । ଚିତ୍କାର କରି ସେ କହିଥିଲେ, କାହିଁ କେଉଁଠି ସେ ରାମ ? ଅଯୋଧ୍ୟାର ରାଜା ଦଶରଥଙ୍କ ପୁତ୍ର ରାମ କୁଆଡ଼େ ଜନକ ରାଜା ସ୍ଥାପନ କରିଥିବା ଶିବଧନୁକୁ ଭାଂଗି ଦେଇ ଜନକ ନନ୍ଦିନୀର ପାଣିଗ୍ରହଣ କରିଛି । ମୁଁ ଶୁଣିବାକୁ ପାଇଲି ମହାମହାବୀର ମାନେ ସେ ଧନୁକୁ ଟଳୁ ଉତ୍ତୋଳନ କରିପାରିଲେ ନାହିଁ । ଏପରିକି ପ୍ରବଳ ପ୍ରତାପୀ ବ୍ରହ୍ମାଣ୍ଡ ତ୍ରାସ ରାବଣ ମଧ ସେ ଧନୁକୁ ଉଠାଇ ପାରିନଥିଲା । ଏତେ ଶକ୍ତି କେଉଁଠୁ ଆସିଲା ଦଶରଥ ନନ୍ଦନର । ସେ ଶିବଙ୍କ ମହାଧନୁକୁ ଭାଂଗି ଖଣ୍ଡଖଣ୍ଡ କରିଦେଲା ।

ସେ ପ୍ରଚଣ୍ଡ କ୍ରୋଧୀ ଯୋଦ୍ଧାଙ୍କୁ ଦେଖି ବଶିଷ୍ଠ, ବିଶ୍ୱାମିତ୍ର ଆଦି ମହର୍ଷିମାନେ ପ୍ରଣାମ କରି କହିଥିଲେ, ହେ ମହଯୋଦ୍ଧା, ଜମଦଗ୍ନି ପୁତ୍ର ପର୍ଶୁରାମ । ଆପଣ ଏତେ କ୍ରୋଧିତ ହେଉଛନ୍ତି କାହିଁକି ? ଆମେ ସମସ୍ତେ ସେ ସ୍ୱୟମ୍ବର ସଭାରେ ଉପସ୍ଥିତ ଥିଲୁ । ଜନକ ରାଜା ପାତିଥିବା ଶିବଧନୁକୁ କେହି ଟଳୁ ଉଠାଇ ପାରିନଥିଲେ । ଦଶରଥ ନନ୍ଦନ ରାମ ହିଁ କେବଳ ସେ କର୍ମ କରିବାକୁ ସମର୍ଥ ହୋଇଛନ୍ତି। ରାମ ହିଁ ଶିବଧନୁ ଭାଂଗି ଜନକ ରାଜାଙ୍କ ପଣ ରଖିଛନ୍ତି ।

ଏକଥାକୁ ମୁଁ ବିଶ୍ୱାସ କରିବି ନାହିଁ ମହର୍ଷି ବିଶ୍ୱାମିତ୍ର । ଯଦି ସେ ପ୍ରକୃତରେ ଶିବଧନୁ ଭାଂଗିଛି, ଯଦି ସେ ପ୍ରକୃତରେ ବୀର, ଯୋଦ୍ଧା, ତାହେଲେ ମୋ ସହିତ ଯୁଦ୍ଧ କରି ମୋତେ ପରାଜିତ କରୁ । ମୋତେ ପରାଜୟ କରିପାରିଲେ ସେ ଜନକ ନନ୍ଦିନୀକୁ ନେଇ ଅଯୋଦ୍ଧା ଯିବ, ନହେଲେ....

ମହାଯୋଦ୍ଧା ପର୍ଶୁରାମଙ୍କୁ ଦେଖି ମୁଁ ଭୟରେ ଶିହରି ଉଠିଥିଲି । ମୋ ପିତାଙ୍କ ପାଖରୁ ମୁଁ ଶୁଣିଥିଲ ସେ ଏକୋଇଶବାର ପୃଥିବୀକୁ ନିକ୍ଷତ୍ରିୟ କରିଛନ୍ତି । ତାଙ୍କ ସହ ଯୁଦ୍ଧ...

ପର୍ଶୁରାମଙ୍କୁ କ୍ରୋଧିତ ହୋଇପଡୁଥିବାର ଦେଖି, ମୋ ପିତା ଯାଇ ତାଙ୍କୁ ହସ୍ତଯୋଡ଼ି କ୍ଷମା ପ୍ରାର୍ଥନା କରି କହିଥିଲେ "ହେ ମହାବାହୁ ! ଆପଣଙ୍କ ଭଳି ଯୋଦ୍ଧା ଏ ବିଶ୍ୱବ୍ରହ୍ମାଣ୍ଡରେ ନାହାନ୍ତି । କାହିଁକି ଆପଣ ରାମ ସହ ଯୁଦ୍ଧ କରିବାକୁ ଚାହୁଁଛନ୍ତି ? ଆମକୁ ଦୟା କରନ୍ତୁ । ମୋର ଏ ବିବାହ ଉତ୍ସବକୁ ଭଲରେ ସମାପନ କରିବାକୁ ଦିଅନ୍ତୁ ।" ମୋ ଶଶୁର ମହାରାଜ ଦଶରଥ ମଧ ସେହିଭଳି ଅନୁନୟ ହୋଇ ତାଙ୍କୁ କ୍ଷମା ପ୍ରାର୍ଥନା କରନ୍ତେ, ସେ ଅତ୍ୟନ୍ତ କ୍ରୋଧିତ ହୋଇ କହିଥିଲେ, 'ମୁଁ କାହାରି କଥା ଶୁଣିବି ନାହିଁ । ରାଜା ଦଶରଥ ତୁମ ପୁତ୍ର ଯଦି ଏତେବଡ଼ ଯୋଦ୍ଧା, ତେବେ ସେ ମୋ ସହିତ ଲଢ଼ିବ ନାହିଁ କାହିଁକି ? ବଣରେ ତାଡ଼କା ବୋଲି ଗୋଟାଏ ସାଧାରଣ ଅସୁରୁଣୀକୁ ମାରି ଦେଇଛି ବୋଲି ସେ କ'ଣ ଶ୍ରେଷ୍ଠ ଯୋଦ୍ଧା ହୋଇଗଲା ? ପଥରକୁ ନାରୀଟିଏ କରିଦେଇଛି ବୋଲି ସେ କ'ଣ ଏ ଧରାରେ ଜଣେ ପୁଣ୍ୟବନ୍ତ, ଗୁଣବନ୍ତ ରାଜପୁତ୍ର ବୋଲାଇବ ? ମୁଁ କିଛି ଶୁଣିବାକୁ ଚାହେଁନା । ମୁଁ ଯମଦଗ୍ନି ପୁତ୍ର ପର୍ଶୁରାମ । ରାମ ଯଦି ପ୍ରକୃତରେ ସୁର, ବୀର, ତେବେ ସେ ମୋ ସହିତ ଯୁଦ୍ଧ କରୁ । ତା' ନହେଲେ... ଏତକ କହି ସେ ଧନୁ ଉତ୍ତୋଳନ କରନ୍ତେ, ମୋ ସ୍ୱାମୀ ତାଙ୍କ ପାଖକୁ ଯାଇ ତାଙ୍କ ପାଦତଳେ ଆଣ୍ଠୁମାଡ଼ି ପ୍ରଣାମ ଜଣାଇ କହିଥିଲେ "ହେ ମହା ଧନୁର୍ଦ୍ଧର, ବୀରଶ୍ରେଷ୍ଠ, ଋଷିଶ୍ରେଷ୍ଠ ପର୍ଶୁରାମ । ମୁଁ ଦଶରଥ ନନ୍ଦନ ରାମ ଆପଣଙ୍କ ପାଦତଳେ ପ୍ରଣାମ ଜଣାଉଛି । ମୁଁ ଜାଣେ ଆପଣଙ୍କ ଭଳି ଯୋଦ୍ଧା ଏ ବିଶ୍ୱବ୍ରହ୍ମାଣ୍ଡରେ ନାହାନ୍ତି । ଆପଣଙ୍କ ସହିତ ମୁଁ ଯୁଦ୍ଧ କରିବି ନାହିଁ । ଆପଣ ମୋର ପୂଜ୍ୟ, ଗୁରୁ, ପିତା ତୁଲ୍ୟ । ମୁଁ ଆପଣଙ୍କ ଶିଷ୍ୟ ତଥା ପୁତ୍ର ତୁଲ୍ୟ ହୋଇ ଆପଣଙ୍କ ସହ ଯୁଦ୍ଧ କରିବି କିପରି ?

ଯୁଦ୍ଧର ନିୟମ ଅତି ବିଚିତ୍ର ରାମଚନ୍ଦ୍ର । ସେଠି ସାନବଡ଼, ଗୁରୁଶିଷ୍ୟ, ପିତାପୁତ୍ରର ସ୍ଥାନ ନଥାଏ । ତୁମେ ଯଦି ପ୍ରକୃତରେ ଯୋଧା ତାହାଲେ ଧନୁ ଧର । ମୋ ସହିତ ଯୁଦ୍ଧ କର । ତା' ନହେଲେ ତୁମେ ସୀତାକୁ ନେଇ ଏଠାରୁ ଅଯୋଧା ଯାଇପାରିବ ନାହିଁ ।

ତାଙ୍କର ଏପରି କଠୋର ବଚନ ଶୁଣି ମଧ ମୋ ସ୍ୱାମୀ କ୍ରୋଧିତ ନହୋଇ ଅତ୍ୟନ୍ତ ଧୀରକଣ୍ଠରେ କହିଥିଲେ, "ହେ ବୀର ପୁରୁଷ ! ମୋର ଏହି ଧନୁକୁ ମୁଁ ଆପଣଙ୍କ ପାଦତଳେ ରଖିଦେଲି । ଆପଣଙ୍କ ସହ ମୁଁ ଯୁଦ୍ଧ କରିବି ନାହିଁ। ଏବେ ଆପଣ ମୋତେ ଯେଉଁ ଦଣ୍ଡ ଦେବେ ଦିଅନ୍ତୁ ।" ମୋ ସ୍ୱାମୀଙ୍କ ବଚନ ତଥା ଆଚରଣରେ ସାମାନ୍ୟ ସନ୍ତୁଷ୍ଟ ହୋଇ ପର୍ଶୁରାମ କହିଥିଲେ, ତୁମେ ଠିକ୍ କହିଛ ରାମ । ତୁମେ ମୋ ସହିତ ଯୁଦ୍ଧ କରିବ ନାହିଁ । ମୋତେ ଗୁରୁର ମାନ୍ୟତା ଦେଉଛ । ତୁମ ଆଚରଣରେ ମୁଁ ଏକାନ୍ତ ଭାବରେ ସନ୍ତୁଷ୍ଟ । ତଥାପି ତୁମକୁ ଆଉ ଏକ ପରୀକ୍ଷା ଦେବାକୁ ହେବ ।

ମୋ ସ୍ୱାମୀ ହାତଯୋଡ଼ି କହିଥିଲେ, ଯୁଦ୍ଧ ବ୍ୟତିରେକେ ଆପଣ ଆଉ ଯେଉଁ ପରୀକ୍ଷା ନେବାକୁ ଚାହିଁବେ ମୁଁ ତାହା ଦେବାପାଇଁ ପ୍ରସ୍ତୁତ ଅଛି ବୀରଶ୍ରେଷ୍ଠ । ଆପଣ ଆଦେଶ କରନ୍ତୁ ।

ମୋ ସ୍ୱାମୀଙ୍କୁ ଚାହିଁ ସେ କହିଥିଲେ, ଦଶରଥ ନନ୍ଦନ ! ମୋ ହସ୍ତରେ ଥିବା ଏ ଧନୁକୁ ତୁମେ ଦେଖୁଛ । ଏ ଧନୁ ହେଉଛି ଭଗବାନ ବିଷ୍ଣୁଙ୍କର । ତୁମେ ଯଦି ଏ ଧନୁରେ ଗୁଣ ଦେଇ ଶର ସଂଯୋଜନା କରି ଦେଇ ପାରିବ, ତେବେ ମୁଁ ତୁମକୁ ମୋ ଠାରୁ ଶ୍ରେଷ୍ଠ ଯୋଦ୍ଧା ବୋଲି ମଣିବି। ନିଅ ଏ ଧନୁ ଧର ।

ଯାହା ଆପଣଙ୍କ ଆଜ୍ଞା ତାହାହିଁ ହେବ । ଏହାକହି ମୋ ସ୍ୱାମୀ ତାଙ୍କ ହସ୍ତରୁ ଧନୁ ନେଇ ଧନୁକୁ ପ୍ରଣାମ କରି ଆଖି ପିଛୁଳାକେ ତହିଁରେ ଶର ସଂଯୋଜନା କରି କର୍ଣ୍ଣ ପର୍ଯ୍ୟନ୍ତ ଓଟାରି ଆଣି କହିଥିଲେ, ଏବେ କୁହନ୍ତୁ ବୀରଶ୍ରେଷ୍ଠ ଏ ବାଣ ମୁଁ କାହା ଉପରକୁ କିମ୍ବା କେଉଁ ସ୍ଥାନକୁ ପ୍ରେରଣ କରିବି । ମୋ ସ୍ୱାମୀଙ୍କ ଶରସନ୍ଧାନ ଦେଖି ସେ ବୀର ପୁରୁଷ ହାତ ଯୋଡ଼ି ମୋ ସ୍ୱାମୀଙ୍କୁ ନିବେଦନ କରି କହିଥିଲେ, "ମୋର ଭୁଲ ହୋଇଛି ରାମ । ମୁଁ ଜାଣିଥିଲି ତୁମେ ସାଧାରଣ ରାଜାର ପୁଅଟିଏ ବୋଲି । ଏବେ ଦେଖୁଛି ତୁମେ ଦଶରଥ ନନ୍ଦନ ରାମ ନୁହଁ, ସାକ୍ଷାତ ଦାଶରଥୀ । ମୋ ଅପରାଧ କ୍ଷମା କରନ୍ତୁ ପ୍ରଭୁ । ମୁଁ ବହୁତ ବଡ଼ ଭୁଲ୍‌ଟାଏ କରିଛି । ସେ ଶରକୁ ସନ୍ଧାନ ନକରି ତାଙ୍କୁ ବିଶ୍ରାମ ଦିଅନ୍ତୁ ।"

(କ୍ରମଶଃ)


♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ)୬୩୭୦୫୦୯୧୦୪


## ସାଂପ୍ରତିକୀ

# ରାଜା ମନ୍ତ୍ରୀ ସଚିବ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପ୍ରତି ରାଜା ଶାସକଙ୍କର ଶାସନ ପ୍ରଣାଳୀ ଚଳାଇ ରଖିବା ପାଇଁ ରାଜାଙ୍କର ମନ୍ତ୍ରୀ ଆବଶ୍ୟକ। ମନ୍ତ୍ରୀମାନେ ଯେ ରାଜାଙ୍କୁ ମନ୍ତ୍ରଣା ଦିଅନ୍ତି। ମନ୍ତ୍ରୀ ବିଦ୍ୱାନ ହେବା ସହିତ ଅଭିଜ୍ଞତା ସମ୍ପନ୍ନ ହେବା ସହିତ ଅନେକ ରାଜ ତଥ୍ୟକୁ ଲୁଚାଇ ରଖି ଜନତାଙ୍କ ସହିତ ରହିବେ ଓ ଏଣେ ରାଜ ସମ୍ୱନ୍ଧରେ ରହିବେ। ଏକ ପ୍ରଶାସନରେ ଅନେକ ବିଭାଗ ଦରକାର ଏଥିପାଇଁ ପ୍ରତି ବିଭାଗ ପାଇଁ ଜଣେ ଜଣେ ମନ୍ତ୍ରୀ ଆବଶ୍ୟକ ପଡ଼େ। ସମୟ ଓ ପରିବେଶ ଦୃଷ୍ଟେ ବିଭାଗ ସୃଷ୍ଟି କରାଯାଇ ମନ୍ତ୍ରୀ ନିୟୋଗ କରାଯାଏ। ମନ୍ତ୍ରୀମାନେ ସବୁବେଳେ ରାଜ ସଭାକୁ ଆସନ୍ତି ନାହିଁ କେବଳ ମନ୍ତ୍ରୀଙ୍କ ମଧ୍ୟରେ ଯେ ମୁଖ୍ୟ ସେ ରାଜ ସାନ୍ନିଧ୍ୟରେ ସର୍ବଦା ରହନ୍ତି। ଏକ ରାଜ୍ୟର ଆଭ୍ୟନ୍ତର ବ୍ୟାପାର, ବର୍ହି ବ୍ୟାପାର, ନିରାପତ୍ତା ବିଭାଗ, ଅର୍ଥ ବିଭାଗ, ଖାଦ୍ୟ ବିଭାଗ, ଶିକ୍ଷା ବିଭାଗ, ପରି ଅନେକ ବିଭାଗ ରହିବ। ଏସବୁ ବିଭାଗ ମନ୍ତ୍ରୀଙ୍କୁ ମୁତୟନ କରାଯାଇ ତତ୍କାଳ ପରିସ୍ଥିତିରେ କଣ କରାଗଲେ ରାଜ୍ୟ ପାଇଁ ବା ଦେଶ ପାଇଁ ମଙ୍ଗଳ, ପ୍ରଜାମଙ୍ଗଳ ହୋଇପାରିବ ତତ୍ ରାଜ ସରକାରଙ୍କର ଅଖଣ୍ଡ ଶାସନ ଚାଲିପାରିବ ଏଇ ଧାରା ମନ୍ତ୍ରୀମାନେ ଅଭିଜ୍ଞତା ସମ୍ପନ୍ନ ହୋଇ ପାରନ୍ତି, ମତ ଦେଇପାରନ୍ତି। ରାଜାଙ୍କର ଆଭିମୁଖ୍ୟ ଜାଣି ତାହା କାର୍ଯ୍ୟ କର ପାଇଁ ଦିଗ ନିର୍ଣ୍ଣୟ ଆବଶ୍ୟକ ମନେ କରି ମନ୍ତ୍ରୀମାନେ ତାଙ୍କୁ ସହାୟକ ସଚିବଙ୍କର ପରାମର୍ଶ ନିଅନ୍ତି। ସଚିବମାନେ ମନ୍ତ୍ରୀଙ୍କ ଠାରୁ କମ ବୟସ୍କ ବିଦ୍ୱାନ ଓ ଯୁକ୍ତି ମୂଳକ ଜ୍ଞାନରେ ଧୂରୀଣ। ବିଭାଗୀୟ ମନ୍ତ୍ରୀଙ୍କର ବିଭାଗୀୟ ସଚିବ ସଂଶ୍ଳିଷ୍ଟ ଧାରା ମୂଳ ଶାସନ ମୁଖ୍ୟଙ୍କର ଭବିଷ୍ୟତ ନିର୍ଦ୍ଧାରଣ କରେ। ସଚିବମାନେ ମନ୍ତ୍ରୀଙ୍କ ସହିତ ସଦା ଜଡ଼ିତ କେବେ ଶାସନ ମୁଖ୍ୟଙ୍କ ସହିତ ଜଡ଼ିତ ହୁଅନ୍ତି ନାହିଁ। ଏହା ତ୍ରିମୁଖି ଶାସନ ପଦ୍ଧତି ମନ୍ତ୍ରୀମାନେ ନଥିଲେ ରାଜା ବା ଶାସନ ପ୍ରସ୍ତୁତ କରୁଥିବା ବ୍ୟକ୍ତିଙ୍କୁ ସଚିବମାନେ ରାଜା ହେବା ପର୍ଯ୍ୟନ୍ତ ଓ ମନ୍ତ୍ରୀ ବଛା ଯିବା ପର୍ଯ୍ୟନ୍ତ ସାହାଯ୍ୟ କରନ୍ତି।

ଦଶରଥଙ୍କ ଦେହାନ୍ତ ହୋଇଗଲା। ସେ ସମୟରେ ରାମଙ୍କର ବନବାସ ହୋଇଯାଇଛି। ତାଙ୍କ ସହିତ ଲକ୍ଷ୍ମଣ ଚାଲି ଯାଇଛନ୍ତି। ଆଉ ଦୁଇ ପୁଅ ଭରତ ଶତୃଘ୍ନ ମାମୁଁଘରେ ତତ୍କାଳ ଅଛନ୍ତି ଏଠାରେ ରାଜ ସିଂହାସନ ଶୂନ୍ୟ। ରାଜା ହୋଇ ଆଦେଶ ଦେଲେ ପୁରାତନ ରାଜାଙ୍କର ଅନ୍ତେଷ୍ଟିକ୍ରିୟା ହେବ। ପୁଣି ରାଜ୍ୟର ଭାର ନନେଲେ କିଛି ହେଲେ ପ୍ରଶାସନ ଚାଲିପାରିବ ନାହିଁ। ଏ କ୍ଷେତ୍ରରେ ଦଶରଥଙ୍କ ମୁଖ୍ୟମନ୍ତ୍ରୀ ସୁମନ୍ତ ଓ ତାଙ୍କୁ ସାହାଯ୍ୟକାରୀ ଅନ୍ୟ ମନ୍ତ୍ରୀ ବା ସଚିବ ରାଜ କାର୍ଯ୍ୟକୁ ଚଳାଇବା ଅସମର୍ଥ ହେଲେ। ଏ ପାଇଁ ଗୁରୁଦେବ କୁଳଗୁରୁ ବଶିଷ୍ଠ, ଭରତଙ୍କୁ ଆଣିବାକୁ ସାରଥିକୁ ରଥ ଦେଇ ଭାରତଙ୍କ ମାମୁଁଘରକୁ ପଠାଇଲେ। ସେ ସାରଥି କେବଳ ଏକ ବାକ୍ୟ କହିବେ ଗୁରୁଦେବ ରଥ ପଠାଇଛନ୍ତି ଆପଣ ଶୀଘ୍ର ଚାଲନ୍ତୁ। ଭାରତ ସନ୍ଦେହରେ ପଡ଼ିଛନ୍ତି। ସବୁଥର ବାପା ମାଆ ରଥ ପଠାନ୍ତି, ଅଥଚ ଏଥର ଏ ବ୍ୟତୀକ୍ରମ କାହିଁକି ? ଅସଲକଥା ସାରଥିକୁ କହିବା ମନା କରାଯାଇଥିଲା। ପାଠକେ ବୁଝନ୍ତୁ ସୁମନ୍ତ ରଥ ନେଇ ଯାଇପାରିଥାନ୍ତେ ମାତ୍ର ସେପରି କରାଗଲା ନାହିଁ। ଭରତ ଆସିଲେ ପରିସ୍ଥିତି ବୁଝିଲେ କାନ୍ଦବୋବା କଲେ ମାଆକୁ ଭର୍ତ୍ସନା କଲେ ମନ୍ଥରାକୁ ମାରିବାକୁ ବସିଲେ ହେଲେ ବଶିଷ୍ଠ ପରିସ୍ଥିତି ବୁଝାଇ ଅଯୋଧ୍ୟା ସିଂହାସନ ଭାର ନେବୁ ତାଙ୍କୁ କହି ଅଭିଷେକ କଲେ। ସେ ଆଦେଶ ଦେବାରୁ ଦଶରଥଙ୍କ ଅନ୍ତେଷ୍ଟିକ୍ରିୟା ହେଲା।

ଆମ ରାଜ୍ୟର ଗଜପତି ପରମ୍ପରାରେ ଏମିତି ଅଛି। ମୁଦିରଥଙ୍କ କାର୍ଯ୍ୟ। ରାଜାଙ୍କୁ ଉପସ୍ଥିତ ରହିବାରେ ସେ ଦିଅଁଙ୍କର ରଥଟଣା କାର୍ଯ୍ୟ ନିର୍ବାହ କରନ୍ତି। ଏ ପର୍ଯ୍ୟନ୍ତ ନୀତିଶାସ୍ତ୍ରରେ ନୀତିବଚନ ତିନଟି କକବତାର ରହିଛି। ୧. ଚାଣକ୍ୟ ନୀତି, ୨. ବିଦୁରନୀତି, ୩. ଶୁକ୍ର ନୀତି। ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କର ମନ୍ତ୍ରୀ ବନାମ ରାଜଗୁରୁ ବିଦୂର ଧୃତରାଷ୍ଟ୍ରଙ୍କ ରାଜସଭାର କର୍ମଚାରୀ ଏକ ଜଣ ମନ୍ତ୍ରୀ ସେ ନୀତିଶାସ୍ତ୍ରର ସୂତ୍ରମାନ ରାଜା ରାଜକର୍ମଚାରୀ ସଭାସଜଙ୍କୁ କହି ଶାସନକୁ ସୁଦୃଢ଼ ପାଇଁ ଚେଷ୍ଟା କରିଥିଲେ। ମାତ୍ର ଧୃତରାଷ୍ଟ୍ର ଦୁର୍ଯ୍ୟୋଧନ ଓ ଦୁଃଶାସନ ତାଙ୍କ କଥା କଣ କର୍ଣ୍ଣଗୋଚର କରିନାହାଁନ୍ତି। ଶୁକ୍ରନୀତି ଏପରି ଏକ ନୀତି ସେ ଅସୁର ରାଜ ମାନଙ୍କର ଗୁରୁ ଓ ମନ୍ତ୍ରଣାଦାତା ଥିଲେ। ସେ ବି କଠୋର ନୀତିମାନ ପ୍ରଣୟନ କରି ଥିଲେ। ଅସୁର ଦଳପତି ଅସୁରମାନେ ମନ୍ତ୍ରୀଙ୍କର ଉପଦେଶ ମାନ ନମାନି ଅକାଳ ମୃତ୍ୟୁ ରାଜ୍ୟହରା ଭୋଗିଥିଲେ। ଏପରି ଅଛ କମଳୀୟ ନୀତି ଧୈମ୍ୟ ନୀତି, ଭୀଷ୍ମନୀତି ଏହା ଅତି ଉତ୍ତମ ନୀତି ଏହାକୁ ଯେ କେହି ମାନିଲେ ତାଙ୍କର ନିଷ୍ଟେ ମଙ୍ଗଳ ହୁଏ।

କବୀରଙ୍କ ବାଣୀରେ ଏମିତି ଅନେକ ନୀତି ଅଛି। କୁରାନ, ତାମିଲ ଶାସ୍ତ୍ରରେ ନୀତି ଭରପୁର। ଏହା ରାଜା ପ୍ରଜା ସମସ୍ତଙ୍କ ପାଇଁ ଲାଗେ। ନୀତିଶାସ୍ତ୍ର ନପଢ଼ି ମନ୍ତ୍ରୀ ବା ସଚିବ ହେବା ଠିକ ନୁହେଁ। କେମିତି ପରିସ୍ଥିତିରେ ଯୁଦ୍ଧ ବା ସନ୍ଧି କରାଯିବ ଏହା ବଡ଼ ଚିନ୍ତାର ବିଷୟ। ରାଜାଙ୍କ ତତ୍କାଳ ମିତ୍ର ଏଇ ମନ୍ତ୍ରୀ ଓ ସଚିବ ଗୋଷ୍ଠୀ ଏମାନଙ୍କର ସମୂହ ଚେଷ୍ଟା ରାଜାଙ୍କୁ ରକ୍ଷା କରିପାରେ ନହେଲେ ସମ୍ପୂର୍ଣ୍ଣ ଧ୍ୱଂସ କରିପାରେ। ନଚିହ୍ନି, ବିଶ୍ୱାସ ଘାତକ ମନ୍ତ୍ରୀ ସଚିବଙ୍କୁ ରାଜା ତାଙ୍କର ପ୍ରିୟ ବ୍ୟକ୍ତି କେବେ କରିବା କଥା ନୁହେଁ। ଏହା ବି ରାଜଗୁରୁଙ୍କର ସହିତ ରାଜାଙ୍କର ପରାମର୍ଶ ଏକାନ୍ତରେ କରାଯାଏ।


♥ ବରେଣ୍ୟ ବାଣୀ ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ
(ମୋ) : ୯୪୩୭୦୩୧୨୫୩


## କବିତା...

### ॥ ଅଛି କି ତମ ଜିଭରେ ହାଡ଼ ॥

**ଅକ୍ଷୟ ପାତ୍ର**



ଅଛିକି ତମ ଜିଭରେ ହାଡ଼ ?

ଯାହା ଲୋଡ଼ା ପଡ଼େ
ଉକୁଟାଇବାକୁ ଦମ୍ଭ
ମୁକ୍ତ କଣ୍ଠରେ ବଖାଣିବାକୁ
ଛୁପାଇ ହେଉନଥିବା ଦ୍ରୋହ
ଓ ଅନ୍ତର ତଳର କ୍ଷୋଭ।

ବୁଝିଲଣିକି ଜିଭ ପାଇଁ କାହିଁକି
ଲୋଡ଼ାପଡ଼େ ହାଡ଼ ?

ହାଡ଼ରେ ଭରିବାକୁ ବଜ୍ରର ଶକତି
କାହିଁକି ଲୋଡ଼ାପଡ଼େ ଦଧୀଚିଙ୍କ ତପୋବଳ ?
ବଜ୍ର ପରି ପ୍ରତ୍ୟୟ ଓ ଗର୍ଜନ ସହ
ନ୍ୟାୟ ମାଗୁଥିବା ଜନତାର ଜିଭକୁ
କାହିଁକି ଥାଏ ଶାସକର ଭୟ ?

ଜାଣିରଖ
ଜିଭରେ ହାଡ଼ଥିବା ଲୋକ ହିଁ
ଛାତିଫାଡ଼ି ଦେଖାଇପାରେ ଦୁଃଖ
ରକ୍ତ ନିଗାଡ଼ି ଜାହିର କରିପାରେ
ଆପଣା ଉପସ୍ଥିତିର ଚମକ
ଗଳାଫାଡ଼ି ଉଚ୍ଚାରି ପାରେ
ସତ୍ୟର ଅନାଲୋଚିତ ପ୍ରସ୍ଥ !

ହଁ,
ଜିଭରେ ହାଡ଼ ଅବଶ୍ୟ ଲୋଡ଼ାପଡ଼େ
ସାଥୀ ସହୋଦରଙ୍କୁ ଶୁଣାଇବାକୁ
ଆତ୍ମାର ଡାକ
ଅନ୍ତରର କ୍ଷେଦ
ଆତ୍ମୀୟତାର ଆହ୍ଲାଦ
ପ୍ରୀତ୍ୟାନୁଭବର ଉଚ୍ଚାଟ !

ଆହା !
ଜିଭରେ ହାଡ଼ ନଥାଇଁ
କେବେ କି ଥାଏ ସଂଗ୍ରାମର କୁହାଟ ?
ଅବା ସଂସ୍କୃତିର ପ୍ରଘଟ ?


♥ ଅଧ୍ୟାପକ, ଇଂରାଜୀ ବିଭାଗ
ହିନ୍ଦୋଳ ମହାବିଦ୍ୟାଳୟ
ଖଜୁରିଆକଟା, ଢ଼େଙ୍କାନାଳ-୨୦
(ମୋ) ୮୮୯୫୮୮୪୯୬୦


### ॥ ଭିନ୍ନ ପୃଥ୍ୱୀ ॥

**ଡ. ଶ୍ରୀଧର ସାମଲ**



କେତେ ଯତ୍ନ କରି
ଆଙ୍କିଥିଲି ତତେ
ଇନ୍ଦ୍ରଧନୁ ରଙ୍ଗ ଦେଇ,
ମନ ମନ୍ଦିରକୁ
ସଜାଇଥିଲି ମୁଁ
ଚିତ୍ରକରଟିଏ ହୋଇ।

ରଜନୀଗନ୍ଧାକୁ
ମାଗିଲି ବାସନା
ପ୍ରଜାପତିଟିଏ ହୋଇ,
ରାତିକୁ ମାଗିଲି
ପାହାନ୍ତି ସପନ
କାକର ଶେଯରେ ଶୋଇ।

ଜହ୍ନକୁ ମାଗିଲି
ଚେନାଏ ଜୋଛନା
ମନ୍ତ୍ରମୁଗ୍ଧ ଅନୁଭବ,

ପୂନେଇଁ ରାତିରେ
ସ୍ମୃତିର ଶେଯରେ
ପ୍ରୀତିପୂର୍ଣ୍ଣ ଅନୁରାଗ।

ନଦୀକୁ ମାଗିଲି
ସାଗର ଠିକଣା
ଜୁଆର ଭଟ୍ଟା ଜୀବନ,
ବନ୍ୟାଟିଏ ହୋଇ
ଧୋଇ ଦେଇଗଲା
ସ୍ମୃତିବିଧୌତ ସପନ।

ମେଘକୁ ମାଗିଲି
ଆକାଶର ଚାନ୍ଦ
ବର୍ଷାଭିଜା ଅନୁଭବ,

ଶ୍ରାବଣ ଧାରାରେ
ଓଦା କରିଗଲା
ଆଲିଙ୍ଗନ ଅନୁରାଗ।

ବସନ୍ତର କେଉଁ
ଅଳସୀ ବେଳାରେ
କୋଇଲିର କୁହୁରାବ,
ଶୀତୁଆ ସଂଜରେ
କାକର ଆସର
ଅନ୍ତରଙ୍ଗ ଅନୁଭବ।

ଶେଷ ଶ୍ରାବଣରେ
ତୋ ପାଇଁ ଲେଖୁଛି
ଭିଜା ଭିଜା ପ୍ରେମ ଗୀତି,

ଏ ମନର ଯେତେ
ଅଧୁରା ସପନ
ପାହିଯାଉ ଅମାରାତି।


♥ ସଂପାଦକ : ମୌସୁମୀ
ସାହିତ୍ୟ ସଂସଦ, କେନ୍ଦ୍ରାପଡ଼ା
(ମୋ) ୯୪୩୭୬୦୭୯୯୭


### ॥ ମୁକ୍ତି ॥

**କମଳିନୀ ମଲ୍ଲିକ**



ତୁମେ କହିଲ ଠିଆ ହୋଇଥାଅ
ମୁଁ ଆକାଶମଗ୍ନା ହେଲି
ତୁମେ କହିଲ ବସିରୁହ
ମୁଁ ମାଟିଲଗ୍ନା ହେଲି ।

ତୁମେ କହିଲ ସବୁ ରାତିର
ଶେଯ ପାରିଦିଅ
ମୁଁ ଦାରୀ ହେଇଗଲି
ତୁମେ କହିଲ ସବୁ ଦିନର
ଇଚ୍ଛା ପୂରଣ କରୁଥାଅ
ମୁଁ ଦେବୀ ପାଲଟି ଗଲି ।

ତୁମେ କହିଲ ଅପେକ୍ଷା କରିଥାଅ
ମୁଁ ପାନ୍ଥଶାଳା ହେଲି
ତୁମେ କହିଲ ଫେରିଯାଅ
ମୁଁ ଗୋଧୂଳୀର ଗୈରୀକତାରେ
ଏକାନ୍ତ ଉଡାଣ ଭରିଲି ।

ତୁମେ କହିଲ
ଫୁଲ ପରି ଫୁଟୁଥାଅ
ମୁଁ କଂଟାର ଆଘାତ ସହିଲି
ତୁମେ କହିଲ ଜହ୍ନଟିଏ ହୁଅ
ମୁଁ ପକ୍ଷେ ମରି ପକ୍ଷେ ଜିଉଁଥିଲି ।

ତୁମେ କହିଲ ଝରିଯାଅ
ମୁଁ ଶିଖରରୁ ଡେଇଁ ପଡିଲି
ତୁମେ କହିଲ ଜଳିଯାଅ
ମୁଁ କୃଷ୍ଣଚୂଡା ସାଜି
ଧୂ ଧୂ ଖରାକୁ ଶୋଷିଲି ।

ତୁମେ କହିଲ ଭରସା ରଖ
ମୁଁ ଭବିଷ୍ୟତକୁ ଆଖି ବୁଜି ଦେଲି
ତୁମେ କହିଲ ବିଶ୍ୱାସ କର
ମୁଁ ଆକଂଠ ବିଷ ପାନ କଲି ।

ତୁମକୁ ଯେତେ ପ୍ରତିଶ୍ରୁତି ଦେଇ
ମୁଁ ପ୍ରତିବାଦର ଶବ୍ଦ ଭୁଲିଲି
ତୁମର ଯେତେ ପ୍ରତାରଣା ସହି
ମୁଁ ପାଷାଣୀ ପ୍ରତିମାଟେ ହେଲି ।

ତୁମେ କହିଲ ଭଲ ପାଅ
ମୁଁ ନିଜକୁ ବି ପାଶୋରି ଦେଇଥିଲି
ଆଉ ତୁମେ ଯେବେ କହିଲ
ମୋତେ ଭୁଲିଯାଅ
ସତରେ ସେଦିନ ମୁଁ
ଗୋଟେ ଅଭିଶାପରୁ ମୁକ୍ତି ପାଇଗଲି ।


♥ ଘ.ନଂ. ଆଇ.ଭି. ୪୫/୧,
ୟୁନିଟ୍ - ୧, ଭୁବନେଶ୍ୱର
(ମୋ) ୯୮୫୩୫୨୩୮୮୩


### ॥ ସୁନ୍ଦରଗଡ଼ -୧୧ ॥

**ଡ. ମମତା ପ୍ରିୟଦର୍ଶିନୀ ସାହୁ**



#### ସିନ୍ଧୁଆ କିଶାନ

ଆରେ ....ଇଏ ତ ସିନ୍ଧୁଆ କିଶାନ୍
ଆଖିକୁ ବିଶ୍ୱାସ ହେଉନଥିଲା ସେଦିନ
କୋମଳମତି ଝିଅର କୋଳରେ
ଆଉ ଦୁଇଟି
କଅଁଳ ମାଂସ ପିଣ୍ଡୁଳାଙ୍କୁ ଦେଖି ।

କିଛି ବାରି ହେଉନଥିଲା
ତା ଅସ୍ଥିରତା, ଆବେଗ ଓ ଅଭୀପ୍ସା
ତା ଦରଦୀ ଓ କଷ୍ଟକର ଦେହ ଭିତରେ।

ବୋଧହୁଏ ସେ ଶିଖିନେଇଛି
ଅନେକ ଯୁଗରୁ
ତା ହାତ ମୁଠାକୁ ଟାଣ କରିବାକୁ,
ଯେହେତୁ ମଦ୍ୟପ ସ୍ୱାମୀର
ପ୍ରହାର ପାଇଛି ।

କେବେ ଦିନେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀର
ଆଗ ଧାଡିରେ ବସି
ପ୍ରଶ୍ନ ଉପରେ ପ୍ରଶ୍ନ ପଚାରି
ଭବିତବ୍ୟର ଜୀବନକୁ ସଜାଡିବାରେ
ମଗ୍ନ ଥିଲା ଆଜିର ଏ ରୋଗଗ୍ରସ୍ତା ମାଆଟି ।

କୈଶୋରାବସ୍ଥାର ପ୍ରେମ
ଆଣିଦେଲା ତା ପାଇଁ କାଳ
ବାପା ମା, ଭାଇ ଭଉଣୀ
ସଭିଏଁ ହେଲେ ଦୂର।

ଯା ପାଇଁ ହେଲା ଅପଦସ୍ତ
ଗାଁ ମାଆ, ସାହି ପଡିଶା,
ମହାବିଦ୍ୟାଳୟ ପ୍ରାଙ୍ଗଣେ,
ସେ ଟାଣିଦେଲା ଲକ୍ଷ୍ମଣଗାର
ନବ ସ୍ତ୍ରୀ ର ପ୍ରେମେ।

ସାତ ପ୍ରାଣୀଙ୍କର ଅଭାବୀ କୁଟୁମ୍ବ
ବାଆ ବି କହିଲା ଯାଉ
କିଛି ନ ହେଲେ ତୋରାଣି ମୁନ୍ଦିଏ ପାଉ ।

ସରଳ ନିରୀହ ଆଦିବାସୀ କନ୍ୟା
ବୁଝି ପାରିଲାନି ସହରୀ ମଣିଷର କପଟ
ନିଜେ କିଣିନେଲା ଦୁନିଆ ହାଟରେ
ଅନେକ ଯାତନା କଷ୍ଟ ।

ଦୁଇଟି ପିଲାଙ୍କ ସାଥେ
ଓଦା କନା ଦେଇ ପେଟରେ
ସଂସାର ଚଳାଏ ଭାରି କଷ୍ଟରେ ।

ବହୁ ବର୍ଷ ପରେ ଆସିଛି ସିନ୍ଧୁଆ
ଅଙ୍ଗନବାଡ଼ି ଦିଦିଙ୍କ ସାଥେ
ଅତି ପରିଚିତ ମହାବିଦ୍ୟାଳୟରେ,
ରୋଷେଇଆ ପଦବୀ ଲାଗି
ଯୁକ୍ତ ଦୁଇ ବିଜ୍ଞାନ ଫେଲ୍ ସାର୍ଟିଫିକେଟ
ମାଗୁଛି ଗୁହାରି ହୋଇ ।

ସମୟ ଆଜି କହୁଣୀରେ
କିଭଳି ଚାଟିବ ମହୁ
ତଥାପି ଲେଖୁଛି ସିନ୍ଧୁଆ ଜୀବନର ସେଇ
ଅକୁହା ଭାଗବତ
ଦୁଃଖ କଷ୍ଟ ସହୁ ସହୁ ।


♥ ସହକାରୀ ପ୍ରଫେସର, ଓଡ଼ିଆ
ବିଭାଗ, ସୁନ୍ଦରଗଡ଼

# ଧ୍ୱନି ପ୍ରତିଧ୍ୱନି

**ବାଲେଶ୍ୱର, ରବିବାର, ୦୮ ଅକ୍ଟୋବର ୨୦୨୩**




# ପିତୃପକ୍ଷ ଶ୍ରାଦ୍ଧ

## ଜୟଶ୍ରୀ ପଟ୍ଟନାୟକ



ଯେଉଁ ପିତାମାତାଙ୍କ ଠାରୁ ଆମେ ଜନ୍ମ ନେଇଛେ ବା ଦୁନିଆ ଦାଣ୍ଡରେ ସନ୍ତାନର ପରିଚୟ ପାଇଛେ । ଦୁନିଆ ଦେଖିଛେ, ଛୋଟରୁ ବଡ ହୋଇଛେ । ନିଜର ଗୋଟିଏ ପରିଚୟ ସମାଜରେ ସୃଷ୍ଟି କରିଛେ । ତା ପଛରେ ରହିଛି ସେମାନଙ୍କର ଅସୀମ ତ୍ୟାଗ ଓ ଶ୍ରଦ୍ଧା । ସେମାନେ ଆମ ପାଇଁ ସ୍ୱର୍ଗ ତୁଲ୍ୟ । ବଂଚିଥିବା ବେଳେ ସେମାନଙ୍କ ପ୍ରତି ଧ୍ୟାନ ଆକର୍ଷଣ କରିବା , ରୋଗରେ ପଡିଲେ ସେବା ଶୁଶ୍ରୁଷା କରିବା ଏବଂ ମୃତ୍ୟୁ ପରେ ତାଙ୍କର ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ଦ୍ୱାରା ସେମାନଙ୍କର ଆତ୍ମାକୁ ଶାନ୍ତି ମିଳିଥାଏ ଏବଂ ପିତୃଋଣରୁ ସନ୍ତାନକୁ ,ପରିବାରକୁ ମୁକ୍ତି ମିଳେ । ଘରେ ଶାନ୍ତି, ସୁଖ, ସୌହାର୍ଦ୍ଦ୍ୟ ବଢ଼େ ବୋଲି କୋଉ ଆବାହମାନ କାଳରୁ ଏ ବିଶ୍ୱାସ ରହିଆସିଛି । ପିତୃ ମାତୃ ପ୍ରତି ଶ୍ରଦ୍ଧାରେ ଶ୍ରାଦ୍ଧ ବା ପିଣ୍ଡଦାନ କରାଯାଉଥିବାରୁ କର୍ମକାଣ୍ଡରେ ପିଣ୍ଡଦାନକୁ ଶ୍ରାଦ୍ଧଦାନ କୁହାଯାଏ । ଶ୍ରାଦ୍ଧ ପିତୃପୁରୁଷ ଯଥା ବାପା, ମା, ଶାଶୁ,ଶ୍ୱଶୁର, ବଡବାପା, ଦାଦା ନିଜ ବଂଶଜ ପୂର୍ବପୁରୁଷ ଯାହାର ପରଲୋକ ହୋଇଯାଇଛି ତାଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ କରାଯାଇଥାଏ । ପ୍ରତ୍ୟେକ ସନ୍ତାନର ପ୍ରଧାନ କର୍ତବ୍ୟ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା । ଶ୍ରଦ୍ଧାରେ ପିତୃପୁରୁଷଙ୍କୁ ଯେଉଁ ଭୋଜନ,ଜଳ, ଅନ୍ନ, ତିଳ ତର୍ପଣ କରାଯାଏ ଭକ୍ତି ପୂର୍ବକ ତାକୁ ଶ୍ରାଦ୍ଧ କୁହାଯାଏ । ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦା ଠାରୁ ଅମାବାସ୍ୟା ୧୫ ଦିନ ସମୟକୁ ପିତୃପକ୍ଷର ସମୟ କୁହାଯାଏ । ସୂର୍ଯ୍ୟ କନ୍ୟାରାଶିରେ ସ୍ଥିତ ସମୟରେ ଯେଉଁ ଅମାବସ୍ୟା ପଡେ ତାହା ମହାଳୟା ଅମାବସ୍ୟା ନାମରେ ନାମିତ । ଏହି ଅମାବାସ୍ୟାରେ ଅନୁଷ୍ଠିତ ଶ୍ରାଦ୍ଧକୁ ମହାଳୟା ବା ମଉଳା ଶ୍ରାଦ୍ଧ କୁହାଯାଏ ଏବଂ ସାମ୍ବତ୍ସରିକ ଶ୍ରାଦ୍ଧ ମଧ୍ୟ କୁହାଯାଏ । ଏହି ସମୟକୁ ପିତୃପକ୍ଷ ଓ ଅପରପକ୍ଷ କୁହାଯାଏ । ନିଜ ପୂର୍ବପୁରୁଷଙ୍କୁ ମନେ ପକାଇବା ସହ ନଦୀରେ ସ୍ନାନ ପୂଜାର୍ଚ୍ଚନା, ପିଣ୍ଡଦାନ, ତର୍ପଣ କରିଥାନ୍ତି । ଶ୍ରାଦ୍ଧ ଦିନ ସକାଳୁ ସ୍ନାନ ସାରି ଘରର ଜ୍ୟେଷ୍ଠ ପୁତ୍ରଭକ୍ତି ସହକାରେ ଦେବଗଣ ଋଷିଗଣଙ୍କୁ ପୂଜାର୍ଚ୍ଚନା କରି ପିତୃ ମାତୃଗଣଙ୍କୁ ହାତରେ କୁଶ ପିନ୍ଧି ଦୁଇ ଆଞ୍ଜୁଳାରେ ତିଳ ତଣ୍ଡୁଳ ମିଶ୍ରିତ ଜଳ,ଫୁଲ, ତର୍ପଣ ଓ ପିଣ୍ଡଦାନ କରିଥାନ୍ତି । ଜଳାଶୟ , ସମୁଦ୍ର, କୂଅ, ନଦୀ ଥିବା ସ୍ଥାନରେ ବ୍ରାହ୍ମଣ ବା କୂଳ ପୁରୋହିତ ମାନଙ୍କ ଦ୍ୱାରା ପିଣ୍ଡଦାନ କରାଯାଏ । ସାନମାନେ ତିଳତର୍ପଣ କରିପାରିବେ କିନ୍ତୁ ପିଣ୍ଡଦାନ ପରିବାରର ଜ୍ୟେଷ୍ଠ ପୁଅ କରିବେ । ସେଥିପାଇଁ ପିଣ୍ଡଦାନର ସର୍ବଶ୍ରେଷ୍ଠ ସ୍ଥାନ ହେଉଛି ଗୟା । କୁହାଯାଏ ଯେ, ସେହି ସ୍ଥାନରେ ପିଣ୍ଡଦାନ କଲେ ଆତ୍ମା ବିଷ୍ଣୁଲୋକକୁ ଯାଏ । ଓଡିଶାରପବିତ୍ର ସ୍ଥାନ ରୂପେ ପରିଗଣିତ ଯାଜପୁରର ନାଭିଗୟା, ଭୁବନେଶ୍ୱରର ବିନ୍ଦୁସାଗର ଏବଂ ପୁରୀର ବାଇଶିପାହାଚ । ଯେଉଁମାନେ ଏସବୁ ପବିତ୍ର ସ୍ଥାନରେ ଶ୍ରାଦ୍ଧ ଦେଇପାରନ୍ତିନାହିଁ ସେମାନେ ଘରେ ଦେଇପାରିବେ ବ୍ରାହ୍ମଣଙ୍କ ଦ୍ୱାରା । ପିଣ୍ଡଦାନ କରୁଥିବା ବ୍ୟକ୍ତି ଏ ପନ୍ଦର ଦିନ ନଖ, ଚୁଟି, ଦାଢ଼ି କାଟିବେନି ଆମିଷ, ପିଆଜ, ରସୁଣ ଆହାର, ମୈଥୁନ ଠାରୁ ଦୂରରେ ରହିବେ, ବାସୀଖାଦ୍ୟ ପରପାଗରେ ମଧ୍ୟ ଖାଇବେନାହିଁ । ନିଷ୍ଠାର ସହ ପିଣ୍ଡଦାନ କରିବାଦ୍ୱାରା ବ୍ରାହ୍ମଣଙ୍କୁ ଭୋଜନ ଦେବାଦ୍ୱାରା ପିତୃଲୋକ ସନ୍ତୁଷ୍ଟ ହୁଅନ୍ତି ବୋଲି ପ୍ରବାଦ ଅଛି । ପିତୃଲୋକ ସନ୍ତୁଷ୍ଟ ହେଲେ ପିତୃ ଅଭିଶାପରୁ ଏବଂ ପିତୃମାତୃ ଋଣରୁ ସନ୍ତାନକୁ ମୁକ୍ତି ମିଳେ । ପରିବାରରେ ସୁଖ ଶାନ୍ତି ବିରାଜେ । ସେମାନଙ୍କର ଶୁଭଦୃଷ୍ଟି ପରିବାର ଉପରେ ପଡିଥାଏ । ଏ ମହାନ କର୍ମ ପ୍ରତ୍ୟେକ ସନ୍ତାନର ପ୍ରଧାନ କର୍ତବ୍ୟ । ଉତରପୁରୁଷ ମାନଙ୍କୁ ଶ୍ରଦ୍ଧାରେ ଯେଉଁ ଭୋଜନାଦି ପଦାର୍ଥ ଦାନ କରନ୍ତି ତାହା ହିଁ ଶ୍ରାଦ୍ଧ । ପିତୃପୁରୁଷଙ୍କ ତୃପ୍ତି ନିମନ୍ତେ ତାଙ୍କ ଋଣରୁ ମୁକ୍ତ ହେବାପାଇଁ ଶ୍ରାଦ୍ଧ ତର୍ପଣ କରାଯାଏ କାରଣ ପରିବାରର ମୃତବ୍ୟକ୍ତି ମାନେ ପ୍ରେତତ୍ୱ ଜୀବନ ମୁକ୍ତ ହୋଇ ପିତୃଲୋକରେ ବାସ କରିଥାନ୍ତି । ସେମାନେ ଉତରପୁରୁଷ ଠାରୁ ତିଳୋଦକାଦି ପାଇବା ପାଇଁ ଏହି ସମୟକୁ ଅପେକ୍ଷା କରିଥାନ୍ତି । ଯମ ମଧ୍ୟ ଏହି ସମୟରେ ପିତୃଲୋକଙ୍କୁ ମୁକ୍ତ କରିଥାନ୍ତି ପିଣ୍ଡ ପାଇବା ପାଇଁ ସୁତରାଂ ପିତୃଲୋକରୁ ମର୍ତ୍ତ୍ୟଲୋକକୁ ଆସନ୍ତି ପିଣ୍ଡ ପାଣି ନିଜ ସନ୍ତାନ ମାନଙ୍କ ଠାରୁ ଗ୍ରହଣ କରିବା ପାଇଁ ପୁଣି ଦୀପାବଳୀ ପୟାଶ୍ରାଦ୍ଧ ପରେ ଅନ୍ଧାରରୁ ଆସି ଆଲୋକିତ ପଥରେ ବାହୁଡି ଯାଆନ୍ତି । ପିତୃଲୋକରେ ଗୋଟାଏ ଦିନ ଶ୍ରାଦ୍ଧ ମର୍ତ୍ତ୍ୟରେ ଗୋଟାଏ ବର୍ଷ ସହିତ ସମାନ । ତେଣୁ ସନ୍ତାନ ହିସାବରେ ପ୍ରତ୍ୟେକ ବର୍ଷ ଶ୍ରାଦ୍ଧ କର୍ମ କରିବା ବିଧେୟ ।

କୋଉ ଆବାହମାନ କାଳରୁ ଚଳିଆସୁଅଛି ଏହି ପରମ୍ପରା । ମହାଭାରତର ଅନୁଶାସନ ପର୍ବରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ଶ୍ରାଦ୍ଧର ମହତ୍ୱ ଓ ପ୍ରକ୍ରିୟା ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ । ସର୍ବପ୍ରଥମେ ମହା ତପସ୍ୱୀ ଅତ୍ରି ଋଷିମାନଙ୍କୁ ଶ୍ରାଦ୍ଧ ଜ୍ଞାନ ପ୍ରଦାନ କରିଥିଲେ । ଅନ୍ୟ ଋଷିମାନେ ତାପରେ ପାଳନ କରିଲେ ଏବଂ ସାଧାରଣ ଜନଜୀବନରେ ଶ୍ରାଦ୍ଧ କରିବାର ପଦ୍ଧତି ଆଦୃତ ହେଲା ବୋଲି କଥିତ ଅଛି । ରାମ ବନବାସ ସମୟରେ ଗୟାକୁ ଯାଇଥିଲେ ପିତା ଦଶରଥଙ୍କ ଶ୍ରାଦ୍ଧ ପାଳିବାକୁ ପାଖରେ କିଛି ସାମଗ୍ରୀ ନ ଥିବାରୁ ରାମ ସାମଗ୍ରୀ ସଂଗ୍ରହ କରି ଫେରିଲାବେଳକୁ ଶ୍ରାଦ୍ଧ ସମୟ ଗଡି ଯାଉଥିବାରୁ ସୀତା ଅକ୍ଷୟବଟ, ଫଲଗୁ ନଦୀ, ପିଣ୍ଡ ବ୍ରାହ୍ମଣ ଓ ଗାଈକୁ ସାକ୍ଷୀ ରଖି ଦଶରଥଙ୍କୁ ବାଲିପିଣ୍ଡ ଦେଇଥିଲେ ଏକଥା ମଧ୍ୟ ପ୍ରବାଦ ଅଛି । ପୌରାଣିକ ମତାନୁଯାୟୀ ମହାଦାନୀ କର୍ଣ୍ଣଙ୍କ ମୃତ୍ୟୁପରେ ତାଙ୍କ ଦାତାପଣ ସ୍ୱରୂପ ଯମପୁରରେ ତାଙ୍କୁ ସୁନା ରୂପା ମିଳିଲା କିଛି ଭୋଜନ ଦିଆଗଲାନାହିଁ କାରଣ ସେ ଜୀବିତାବସ୍ଥାରେ ଅନ୍ନଦାନ କରି ନଥିଲେ । ଏହି କଥା ଜାଣି କର୍ଣ୍ଣ ବହୁତ ଚିନ୍ତିତ ହୋଇପଡିଲେ ଏବଂ ଦେବରାଜ ଇନ୍ଦ୍ରଙ୍କୁ ଏହାର କାରଣ ପଚାରିବାରୁ ଇନ୍ଦ୍ର କହିଥିଲେ ଯେ ତୁମେ ସୁନା ରୂପା ଅଳଂକାର ଦାନ ସ୍ୱରୂପ ଦେଇଛ କିନ୍ତୁ ଜୀବନ କାଳ ମଧ୍ୟରର କେବେ ଅନ୍ନଦାନ କରିନାହିଁ । ତେଣୁ କର୍ଣ୍ଣ ଏହା ଜାଣିପାରି ଚିନ୍ତିତ ହୋଇପଡିଲେ ଏବଂ ଇନ୍ଦ୍ରଙ୍କୁ ପ୍ରାର୍ଥନା କଲେ ମାତ୍ର ୧୫ ଦିନ ପାଇଁ ପଠାଇବାକୁ ମର୍ତ୍ତ୍ୟକୁ । ସେହି ୧୫ ଦିନ ମଧ୍ୟରେ ସେ ବ୍ରାହ୍ମଣ ତଥା ଗରିବଙ୍କୁ ଅନ୍ନଦାନ କରିଥିଲେ ଫଳରେ ତାଙ୍କୁ ଯମପୁରରେ ଅନ୍ନରୁ ବଂଚିତ ହେବାକୁ ପଡି ନ ଥିଲା । ଏହି ସମୟରେ ମର୍ତ୍ତ୍ୟରେ ୧୫ ଦିନ ପିତୃପକ୍ଷର ସମୟ ଥିଲା । ଶ୍ରାଦ୍ଧ ଦାନ ଧର୍ମ କାର୍ଯ୍ୟ ଚାଲିଥିଲା । ସେହି ଦିନଠାରୁ ମହାଳୟା ସମୟରେ ତୀର୍ଥ ସ୍ଥାନ ମାନଙ୍କରେ ପିତା, ପିତାମହ, ପ୍ରପିତାମହ, ବୃଦ୍ଧ ପ୍ରପିତାମହ ଏବଂ ମାତା, ମାତାମହୀ, ପ୍ରମାତାମହୀ, ବୃଦ୍ଧ ପ୍ରମାତାମହୀ ଓ ଦିବଙ୍ଗତଙ୍କୁ ଶ୍ରାଦ୍ଧ ଦେବାଦ୍ୱାରା, ବ୍ରାହ୍ମଣ ଭୋଜନ ଓ ଦାନ କରିବା ଦ୍ୱାରା ସନ୍ତାନ ଅଖଣ୍ଡ ଶାନ୍ତିର ଅଧିକାରୀ ହୋଇଥାଏ ଓ ପିତୃଲୋକ ସନ୍ତୁଷ୍ଟ ହୋଇଥାନ୍ତି । ବିଶ୍ୱାସ ଅଛି ଯେ ପିତୃପୁରୁଷମାନେ ମହାଳୟାରେ ଆପଣାର କ୍ଷୁଧାକୁ ପ୍ରଶମିତ କରି ଦୀପାବଳୀର ପବିତ୍ର ଦିବସରେ ପୟାଶ୍ରାଦ୍ଧ ଲାଭ କରି ଉତର ପୁରୁଷ ଦ୍ୱାରା ପ୍ରଦର୍ଶିତ ଆଲୋକିତ ମାର୍ଗରେ ସ୍ୱଲୋକକୁ ପ୍ରତ୍ୟାବର୍ତନ କରିଥାନ୍ତି । ଶ୍ରାଦ୍ଧରେ ଏକାଧିକ ବାର ଭୋଜନ, ମୈଥୁନ, ପରିଶ୍ରମ, ହୋମ ଓ ଅନ୍ୟଘରେ ଭୋଜନ ନିଷିଦ୍ଧ । ପିତୃପକ୍ଷରେ କାଉକୁ ଭୋଜନ ଦିଆଯାଏ ଯାହା କାକବଳି ନାମରେ ଉଲ୍ଲିଖିତ । କାଉକୁ ଯମଦୂତ ରୂପେ ମନାଯାଏ । ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି ଯେ କାଉକୁ ଭୋଜନ ଦେଲେ ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି । ତେଣୁ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ସମୟରେ କାଉକୁ ମଧ ଭୋଜନ ଅର୍ପଣ କରାଯାଏ । କୁହାଯାଏ ଯେ କାଉକୁ ଭୋଜନ ଦେବା ସମୟରେ କାଉ ଯମରାଜକୁ ସନ୍ତାନ ସୁଖ ଦୁଃଖ ଓ ସ୍ଥିତି ସମ୍ପର୍କରେ ଜଣାଇଥାଏ ଯା ଦ୍ୱାରା ପୂର୍ବପୁରୁଷଙ୍କ ଅତ୍ମାକୁ ଶାନ୍ତି ମିଳିଥାଏ । କାଉର ସ୍ୱାଭାବିକ ମୃତ୍ୟୁ ହୋଇ ନଥାଏ । କୌଣସି ରୋଗ ବା ବୃଦ୍ଧାବସ୍ଥାରେ ବି ତାର ମୃତ୍ୟୁ ହୋଇ ନଥାଏ ତାର ମୃତ୍ୟୁ ଆକସ୍ମିକ ରୂପରେ ହୋଇଥାଏ । ଯେଉଁଦିନ ଗୋଟିଏ କାଉର ମୃତ୍ୟୁ ହୋଇଥାଏ ସେଦିନ ଅନ୍ୟ ସାଥୀ କାଉ ମାନେ ଭୋଜନ ଗ୍ରହଣ କରି ନ ଥାନ୍ତି । କାଉ କେବେ ଏକା ଭୋଜନ କରେନାହିଁ ତାର ସାଥୀମାନଙ୍କ ସହିତ ଭୋଜନ କରେ । କୁହାଯାଏ ଯେ କାଉକୁ ଭବିଷ୍ୟତରେ ଘଟିବାର ଘଟଣା ବିଷୟରେ ଜଣାଥାଏ । ପୂର୍ବପୁରୁଷଙ୍କ ଆତ୍ମା ରୂପରେ କାଉ ଆସି ଭୋଜନ କରି ସାରିବା ପରେ ହିଁ ଘରର ସଦସ୍ୟ ମାନେ ଭୋଜନ କରିଥାନ୍ତି । ମଣିଷର ମୃତ୍ୟୁ ପରେ ଯେଉଁ ଏଗାର ଦିନ ପ୍ରେତକର୍ମ ହୁଏ ସେଥିରେ କାଉକୁ ପ୍ରାଧାନ୍ୟ ଦିଆ ଯାଇଥାଏ । ଶବ ପଂଚନାମା ଠାରୁ ପ୍ରତ୍ୟେକ ଦିନ ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ ଦିଆ ଯାଉଥିବା ପ୍ରତ୍ୟେକ ଖାଦ୍ୟ ପଦାର୍ଥ ଭୋଜନ ପ୍ରଥମେ ଯମରାଜର ଦୂତ ରୂପେ କାଉକୁ ସମର୍ପଣ କରାଯାଏ । କାଉକୁ ଦିଆ ଯାଇଥିବା ଖାଦ୍ୟରେ ମୁହଁ ମାରିଲେ ମୃତବ୍ୟକ୍ତି ଖାଦ୍ୟକୁ ସାଦରରେ ଗ୍ରହଣ କଲେ ବୋଲି ଧରି ନିଆଯାଏ । ତାପରେ ପରିବାର ଲୋକେ ଖାଦ୍ୟ ଗ୍ରହଣ କରିଥାନ୍ତି । ବେଳିକିଆ ରୋଷେଇ ସମୟରେ ମଧ୍ୟ କାଉକୁ ପ୍ରଥମେ ଭୋଜନ ଦିଆଯାଏ ଏବଂ କାଉ ଖାଇସାରିଲେ ବା ମୁହଁ ମାରିଲେ ଶୁଭ ବୋଲି ଧରି ନିଆଯାଏ । ତେଣୁ ପ୍ରତ୍ୟେକ ଶ୍ରାଦ୍ଧ ସମୟରେ ପିତୃପୁରୁଷର ପ୍ରତିନିଧି ହିସାବରେ କାଉକୁ ଖାଦ୍ୟ ଅର୍ପଣ କରିବା ଦ୍ୱାରା ପିତୃପୁରୁଷ ଶାନ୍ତି ଲଭନ୍ତି ଏବଂ ପିତୃଲୋକରେ ଥାଇ ଆଶିର୍ବାଦ ପ୍ରଦାନ କରନ୍ତି ବୋଲି ଆମର ବିଶ୍ୱାସ ରହିଛି । ଶ୍ରାଦ୍ଧ ନକଲେ ପିତୃଦୋଷ ଲାଗେ ତେଣୁ ପିତୃ ସନ୍ତୁଷ୍ଟ ପାଇଁ ଶ୍ରାଦ୍ଧ ଦିଆଯାଏ । ଦ୍ୱିପହର ସମୟରେ ଶ୍ରାଦ୍ଧ ଦିଆଯାଏ । ହିନ୍ଦୁ ଶାସ୍ତ୍ର ଅନୁସାରେ ମଣିଷ ଶରୀର ୨୭ଟି ତତ୍ୱରେ ଗଠିତ ମୃତ୍ୟୁ ପରେ ମୂଳ ପଂଚଭୂତ ଓ ପଂଚ କର୍ମନ୍ଦ୍ରିୟ ନଷ୍ଟ ହୋଇଯାଏ । ଆହୁରି ୧୭ଟି ତତ୍ୱ ସୂକ୍ଷ୍ମ ଭାବରେ ମଣିଷର ମୃତ୍ୟୁର ବର୍ଷକ ପର୍ଯ୍ୟନ୍ତ ମୋକ୍ଷ ନ ପାଇ ବିନା ଶରୀରରେ ଘରର ଆଖପାଖରେ ବିଚରଣ କରୁଥାଏ ଯାହା କି ନୂଆ ଶରୀର ପାଇ ନଥାଏ ବା ଅମୋକ୍ଷ ପ୍ରାପ୍ତ ହୋଇଥାଏ । ସେଗୁଡିକୁ ଶ୍ରାଦ୍ଧ ଦ୍ୱାରା ମୋକ୍ଷ ବା ଶାନ୍ତି କରାଯାଏ । ଅତଏବ ପିତୃଗଣଙ୍କ ସନ୍ତୁଷ୍ଟ ପାଇଁ ଏବଂ ପରିବାରର କଲ୍ୟାଣ ପାଇଁ ଶ୍ରାଦ୍ଧ କରାଯିବା ଉଚିତ ।


♥ ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪


## ଗୋଟେ ଅନୁଭବୀ ଗପ

# ବଉଳ





### ପ୍ରଫୁଲ୍ଲ ବାରିକ

ଠିକ ଦଶଟାକୁ ଗାଧୁଆ ସାରି, ଠାକୁର ଘରେ ଧୂପଟିଏ ଦେଇ ସ୍ୱାହା ସ୍ୱାହାରେ ପୂଜା ସାରି ଦେଲା । ଜଳଖିଆ ସାରି ରୋଷେଇକୁ ଯିବା ପୂର୍ବରୁ ଅନେଇଲା ଘଡିକୁ । ଏଗାର ଡେଇଁଲାଣି କଣ୍ଟା । ସିଧା ଭାତ ବସେଇ, ମସଲା ଗ୍ରାଇଣ୍ଡିଂ କଲା ।

ଭାତ ଫୁଟି ଆସୁଥାଏ । ଗ୍ୟାସ ସିମ କରି ବସିଲା ପରିବା ଧରି କାଟିବାକୁ । କଣ କରିବ ? କମରେ ତିନି ପ୍ରକାର । ନହେଲେ ତଣ୍ଟି ଡେଇଁବନି ଗୁଣ୍ଡା । ବାହାରିବ କଥା । କଥାରୁ ଅକଥା ଓ ଅନର୍ଥ । ସୁରମା ଯେତେ ଧାଏଁ ଦେହରେ ପକେଇ କରିବ ପଛେ ତାଙ୍କଠୁ ହୀନସ୍ତା ହବନି, ହୁଏନା । ପାନରୁ ଚୂନ ଖସିଗଲେ ମହାଭାରତ । ତାକୁ ତ କହିବେ କହିବେ, ପଛକୁ ତା ବଂଶବି ଉଦ୍ଧାର କରିବେ ।

ସୁରମା ବୁଝି ପାରେନା ଯେ ଶାଶୁଗିରିର ବହପ କଉଠୁ ଆସେ ? ଆଜି ସିନା ଶାଶୁ, କାଲି ତ ଥିଲ ବୋହୂ, ନା ନାଇଁ ? କଣ କରୁଥିଲ ? କି ବ୍ୟବହାର ପାଉଥିଲ ତମ ଶାଶୁଙ୍କଠୁ ? ପାଇଥିଲ ବୋଲି ରେଗିଂ ସୂତ୍ରେ ସୁଝଉଛ ଆଜି ।

ସକାଳ ଛଅକୁ ଶଯ୍ୟା ତ୍ୟାଗ, ନାଲି ଚାଆ । ଆଠକୁ ଜଳଖିଆ । ଗୋଟେକୁ ଦ୍ୱିପହର ଭୋଜନ । ପାଞ୍ଚ ପୂର୍ବରୁ ଚାଆ ବେଲାଏ ଓ ରାତି ନଅ ହଉ ନହଉଣୁ ରାତି ଖିଆ । ଟିପେ ହବନି ଏପଟ ସେପଟ । ବରଂ ସୂର୍ଯ୍ୟ ଉଦୟ ଅସ୍ତରେ ହେଇପାରେ ଶୀଘ୍ର ବିଳମ୍ବ । ତା ପରେ ଅଛି ସେବା । ଦେହ ଖରାପରେ କଣ, ଭଲରେ କଣ ।

ସୁରମା ଦୁଃଖ କରୁନି, ଏଥିପାଇଁ ଯେ ବୋହୂ ହିସାବରେ ଅବଶ୍ୟ ଇଏ ତାର କର୍ତ୍ତବ୍ୟ । ଦୈନିକ କର୍ମଧାରା । ଦୁଃଖ ଏଥିପାଇଁ, ଖରାବେଳେ ଥକ୍କାପଣରୁ ଯଦି ଆଖି ଲାଗିଗଲା ଏବଂ ବାଜିଗଲା ଚାରି, ସନ୍ଧ୍ୟାରେ ଘଣ୍ଟେ ଟି ଭିରେ ଦେଲା, ତ କଥା ସରିଲା । ଏସବୁ ଆଦୌ ତାଙ୍କ ଆଖିରେ ଯିବନି । ଆଉ କଣ କରନ୍ତାଯେ ? ତମେତ ସକାଳ ଜଳଖିଆ ଗେଞ୍ଜି ପାନ ପାଞ୍ଚଟା ଧରି ବସିଯିବ ଯାଇ ପିଣ୍ଡାରେଯେ ଗଲା ଆଇଲା ଲୋକଙ୍କୁ ଡାକି ଗପ ଯୋଡୁଥିବ । ପାଟିରୁ ସରୁ ନ ଥିବ ପାନ । କଚ କଚ ହେଇ ପଡୁଥିବ ଛିପ ପିଣ୍ଡା ମୂଳେ । ଆଡ଼େ ବୋହୂଟା କ୍ରିକେଟ ପିଚରେ ଦଉଡିବା ପରି ଦୌଡୁଥିବ ଅଣନିଶ୍ୱାସି କିମିତି ଗୋଟେକୁ ଦବ ଖାଇବାକୁ । ମନ କହିବନି ଯାଇ ପରିବା ପତ୍ର ଟିକେ କାଟିଦିଏ, କି ଭାତଟା ଗାଳି ଦିଏ । ଗ୍ରାଇଣ୍ଡର ପେସାତ କହୁନି ତମକୁ । ଥରେ କହି ତା ଉତ୍ତର ପାଇଛି । କିଛିକୁ ମନ କହିବନି ? ବାରଟା ବାଜିବ, ପିଣ୍ଡା ଛାଡିବ । ଘଷି ମାଜି ହେଇ ଗାଧେଇବ ଘଣ୍ଟେ କୂଅ ମୂଳେ । ସେଠୁ ଠାକୁରଙ୍କୁ ଘରେ ମୁଣ୍ଡିଆଟା ମାରି ଆସନ ପାରିବ ।

କାହାକୁ କହିବ ? ଶୁଣିବ କିଏ ? ଶୁଣିବା ଲୋକତ ଦୂରରେ । ଯେବେ ଆସିବେ, କହିଲେ କହିବେ, ବୋଉ ମୋର ସେ । କେଇ ଦିନକୁ ଜୀବନ । ଚଳେଇ ନିଅ । ଲୋକ ନହସନ୍ତି ଯିମିତି । ଖାଲି ଲୋକ ଲଜ୍ୟାକୁ ଡରି ଶିବ ସାଜି ପିଇ ଚାଲିଛି ଯନ୍ତଣା ଗରଳ । ରାତି ଦିନ ଚବିଶ ଘଣ୍ଟା ।

ସୁରମା ପରିବା କାଟି ଧୋଇବାକୁ ଉଠୁଛି, ଶାଶୁ ଡାକିଲେ ଦୁଆରୁ, ବୋହୂ.., ଆଡ଼େ ଆ'ତ.. ?

- ମୁ ବ୍ୟସ୍ତ ଏବେ ବୋଉ । ପରେ ଗଲେ ଚଳିବନି ?

ସୁରମା ରୋଷେଇ ଘରୁ ଉତ୍ତର ଦେଲା ।

- ଆଲୋ ପରେ କେତେବେଳେ ? ସିଏ କଣ ତୋ ପାଇଁ ବସିଥିବ ?

- କାହା କଥା କହୁଛ ବୋଉ ?

- ଆ'ଭାରି,ଦେଖିବୁ । କାମ କଣ ପଳେଇ ଯାଉଛି ? ବେଗି ଆ..

ସୁରମା କଟା ପରିବାକୁ ଅଧୁଆ ଥୋଇ ଆସିଲା ଆଗତ୍ୟା । ଦେଖିଲା, ଶାଶୁଙ୍କ ପାଖକୁ ବସିଛି ସମବୟସ୍କ ମହିଳା ଜଣେ । ପାଖରେ ଚୁଡି ବୋଝ । ସୁରମାକୁ ଦେଖି ଶାଶୁ କହିଲେ, ଭଲ ଚୁଡି ଆଣିଛି, ରଖ ।

- ନାଇଁ ବୋଉ,ଚୁଡିର ଏବେ ଦରକାର ନାଇଁ । ମୁ ଆସୁଛି ।

- ଆଲୋ ଯିବୁତ ବ୍ୟସ୍ତ କାଇଁକି ? ଶୁଣ, ଇଏ ଜଣେ ତୋ ଶାଶୁ ପରିକା । ଜୁହାର ହଅ ।

ସୁରମା ମଥାକୁ ପିତ୍ତ ଚଢିଗଲା । ବୁଢ଼ୀ ମଥା ଠିକ ଅଛି ତ ? ଚୁଡିବାଲୀକୁ କହୁଛନ୍ତି ଜୁହାର ହବାକୁ । ଏଙ୍କ ବିବେକକୁ ଦେଖ । ଅନେଇଲା ଶାଶୁଙ୍କୁ ଆଶ୍ଚର୍ଯ୍ୟରେ ।

ଶାଶୁ କଥା ଯୋଡ଼ିଲେ, ପିଲାଦିନେ ଆମେ ଦୁହେଁ ବଉଳ ଥିଲୁ । ତାଙ୍କ ଗାଁ ଆଉ ଆମ ଗାଁ ମଝିରେ ସ୍କୁଲ । ଏକା ଶ୍ରେଣୀରେ ପଢୁଥିଲୁ ଆମେ । ଭାରି ସାଙ୍ଗ ଥିଲୁ । ସିଏ ମୋ ପାଇଁ ଆଚାର ଆଣେ । ମୁ ନିଏ ଆମ୍ବୁଲ, କୋଳିଖଟା । ଟିଫିନ ଛୁଟିରେ ଆମେ ଖାଉ । ପଞ୍ଚମ ଫେଲ ହେଇ ସିଏ ରହିଲା । ଆଉ ପାସ କରିବି ମୁ ରହିଲି । ଘରେ ଛାଡିଲେନି ସ୍କୁଲ । ବହୁ ଦିନ ପରେ ବଉଳ ଆସିଛି ଦେଖା କରିବାକୁ ମୋତେ ।

ସୁରମା କଣ କରିବ, ଠିଆ ଠିଆ ନମସ୍କାରଟିଏ ଫିଙ୍ଗିଲା ଖାସ ଶାଶୁଙ୍କ ଡରେ ।

- ଭଲ ଚୁଡି ଆଣିଛି, ନେ' ମାଆ । ମୁ କଣ ଦାମ ନଉଚି ? ତୁ ପରା ଆମ ବୋହୂ..

ଚୁଡିବାଲୀ କହିଲା ସୁରମାକୁ ଗେହ୍ଲେଇ ହେଇ ।

- ନା, ମୋର ଅଛି । ଏବେ ହାତରେ, ବାକ୍ସରେ ବି । ସରୁ, ଦେବ । ମୁ ଆସୁଛି ବୋଉ ଭାତ ନଇଁ ଯିବଣି ।

ସୁରମା ତରବରରେ ଆସୁଛି, ପଛରୁ ଶାଶୁ କହୁଥିବାର ଶୁଭିଲା..

- ଆଉ ଗୋଟେ ଅଧିକା କିଛି କରିଥିବୁ । ବଉଳ ଖାଇବ କ୍ଷ ଖରାରେ ଯିବ କିମିତି ? ନରମ ପଡିଲେ ଯିବଭାରି....

ଶୁଣି ସୁରମା ମୁଣ୍ଡ ଗରମ ହେଇଗଲା । ଭାବୁଥାଏ, ଡିନାମାଇଟ ଖଣ୍ଡେ କେହି ଦିଅନ୍ତା କି, ଠିଆ ଠିଆ ନିଆଁ ଧରେଇ ଦିଅନ୍ତା । ନା ରହନ୍ତା ବାଆଁସ, ନା ବାଜନ୍ତା ବଇଁଶୀ ..।


+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫


# ଏକ ଭୂତର ଭିତିରି କଥା

## ଘନଶ୍ୟାମ ପଲେଇ





ଅବସର ନେବାର ପାଞ୍ଚବର୍ଷ ପରେ ଆଜି ଯେତେବେଳେ ସେଇ ରାସ୍ତା ଦେଇ ରାଉରକେଲା ଯାଉଥିଲି, ନଜର ପଡିଲା ରାସ୍ତାକଡରେ ଥିବା ପୁରୁଣା ଲାଲ୍ ବିଲ୍ଡିଙ୍ଗଟା ଉପରେ । କାରକୁ ଛିଡା କରି ଟିକିଏ ନିରିଖେଇଲି । ପଡିଥିଲା ପରିତ୍ୟକ୍ତ ଅବସ୍ଥାରେ । ରହୁନଥିଲେ କେହି ସେଠାରେ । ଭାଙ୍ଗିରୁଜି ଗଲାଣି । କିଛି ଛୋଟବଡ ଗଛ ତା' ସାଙ୍ଗକୁ ଅନାବନା ଲତା ତା' ଉପରେ ଲଦି ହେଇ ଅଧିକାର ଜମେଇ ସାରିଲେଣି । ମନେ ପଡିଯାଉଥିଲା ଫିଲ୍ମର ଦୃଶ୍ୟ ପରି ପୁରୁଣା କଥାସବୁ । କେଡେ ଚଳଚଞ୍ଚଳ ନ ଥିଲା ସତେ । ପ୍ରଥମ ଚାକିରୀ ଜୀବନ ତ ଆମର ଏଇଠୁଁ ହିଁ ହେଇଥିଲା ଆରମ୍ଭ । ଚବିଶ ଜଣିଆ ଟିମ୍‌ଟାଏ ଏକାକାଳୀନ କରିଥିଲୁ ଜଏନ କମ୍ପାନୀରେ । କ୍ୱାଟରର ଥିଲା ଭାରି ସମସ୍ୟା । ତେଣୁ ତ ମେଡିକାଲ ଲାଗି କି ଥିବା ଏଇ ଲାଲ୍ ବିଲ୍ଡିଙ୍ଗକୁ ଟିକିଏ ରଙ୍ଗ ବୋଲି ଆମକୁ ଦିଆଗଲା ରହିବାକୁ । ଏଇ ବିଲ୍ଡିଙ୍ଗରେ ଜଡିତ ଥିଲା ଆମର ଅନେକ ମିଠାଖଟା ସ୍ମୃତି । ଆଜି ପୁଣି ଫେରି ଯାଉଥିଲି ପୁରୁଣା ଦିନ ସବୁକୁ । ବେଶି ବେଶି ମନେ ପଡୁଥିଲା ସେଦିନର ସେଇ ଭୂତ କଥା ।

ରାତି ଗୋଟାଏ ହେବ କି କ'ଣ ! ପାଖ ବେଡରେ ଶୋଇଥିବା ସାଙ୍ଗ କାନ୍ଦିଲା । ପୁଣି ଅଜବ ଅଜବ ଶବ୍ଦ ଆଉ ନାରୀ କଣ୍ଠସ୍ୱରରେ । ମୋର ଚାଉଁ କି ନା ନିଦ ଭାଙ୍ଗିଗଲା । ଘର କଥା ଭାବି କାନ୍ଦୁଛି ନା କ'ଣ ଭାବି ତାର ଦେହକୁ ଟିକିଏ ଦେଲି ହଲେଇ । ସେ ଉଠିଲା । ନିଦ ବାଉଳାରେ ମୋତେ ଟିକେ କୋଣେଇ ଚାହିଁ ଶୋଇପଡିଲା । ପୁଣି କିଛି ସମୟ ପରେ ସେହି ଅବସ୍ଥା । ପୁଣି କାନ୍ଦୁଛି ଅଜବ ଅଜବ ସ୍ୱରରେ । ମନକୁ ମୋର କାଇଁ ପଶିଲା ଟିକିଏ ଛନକା । ଶୁଣିଥିଲି ଏହି ହଷ୍ଟେଲ ପାଖ ମେଡିକାଲରୁ ମରିଥିବା ରୋଗୀମାନଙ୍କ ଅଶରରୀ ସବୁ ହେଉଥିଲା ଚଳପ୍ରଚଳ । ବେଳେବେଳେ ଆପେ ଆପେ ବାଥରୁମରୁ ପଡୁଥିଲା ପାଣି । ରାତିରେ ପୁଣି କେତେବେଳେ ପାୟଲର ଛମଛମ ଶବ୍ଦ । ମୋର କିନ୍ତୁ ଭୂତଫୁତର ଜମାରୁ ନଥିଲା ବିଶ୍ୱାସ । ପୁଣି ଥରେ ହଲେଇ ଦେଲି ତା ଶରୀରକୁ । ଉଠି ବସିଲା । ଅଦ୍ଭୁତ ଚାହାଣୀଟେ ଫିଙ୍ଗି ଦେଇ ଚଦରରେ ମୁଣ୍ଡଗୋଡ ଘୋଡିଘାଡି ହେଇ ଶୋଇଗଲା । ମୁଁ ବି ଘୋଡିଘାଡି ହେଇ ଶୋଇଗଲି । କେଜାଣି କାହିଁକି ମୋ ମନ ମାନିଲା ନାହିଁ, ମୁହଁଟା ଚଦର ଫାଙ୍କରୁ ଟିକିଏ ବାହାର କରି ଅନେଇଲି --- ବାପରେ ବାପ୍ ! କି ଆଶ୍ଚର୍ଯ୍ୟ । ପୂରା ଚାଦରେ ଘୋଡିହେଇଥିବା ସାଢେ ପାଞ୍ଚ ଫୁଟିଆ ଶରୀରଟା ବେଡରୁ ଚାରି ଇଞ୍ଚ ଉଚ୍ଚାରେ ହଲୁଛି ।

ଆଉ କି ମନ ମାନେ ଛାତି ଧଡପଡ ହେଲା ଭୁମିକମ୍ପପରି । ତଥାପି ସାହାସ ଜୁଟାଇ ଆଖି ବନ୍ଦ କରି ମଗରେ ଥିବା ପାଣିକୁ ଛାଟିଦେଲି ତା' ଉପରକୁ । ଭିଜିଗଲା ଗୋଟାପଣେ ଚଦର ସହ । ଉଠି ବସିଲା । ତା' ହାତ ଧରି ଟାଣି ନେଇ ପାଖ ରୁମ କବାଟ ବାଡେଇଲି । ସେ କିଛି ବୁଝିପାରୁ ନଥାଏ କି କହୁନଥାଏ କିଛି । ଖାଲି ବଲବଲ କରି ଚାହିଁଥାଏ ମୋତେ ।

ଅନ୍ୟରୁମର ପିଲାଙ୍କୁ ସବୁ କଥା କହିଲି ଆଉ ସେଇଠି ଜାକିଜୁକି ହେଇ କାଟିଦେଲୁ ରାତିଟା । ସକାଳ ହେଲାରୁ କଥାଟା ପ୍ରଘଟ ହେଲା ଚାରିଆଡେ । ସଭିଏଁ ନିଷ୍ପତ୍ତି ନେଲେ ଯାହା ବି ହେଉ ଏ ମେଡିକାଲ କ୍ୟାମ୍ପସରେ ଥିବା ହଷ୍ଟେଲ ବିଲ୍ଡିଙ୍ଗରେ ଆଉ ରହିହେବ ନାହିଁ । କ୍ୱାଟର ଦିଆଯାଉ ଶୀଘ୍ର ।

କମ୍ପାନୀ ମୁଖିଆ କରିବେ କ'ଣ ? ଲୋକେ ରିଟାର୍ଡମେଣ୍ଟ ପରେ କ୍ୱାଟର ଖାଲି କଲେ ତ ମିଳିବ ! କାହାରିକି ତ ଜୋର ଜବସ୍ତି କାଢି ଦେଇ ହେବନି । ଯାହାହାଲେ ବି ସେମାନେ ତାଙ୍କ ଯୌବନ ତକ ଢାଳି ଦେଇଛନ୍ତି କମ୍ପାନୀ ପାଇଁ । ସୁବିଧା ଅସୁବିଧା ପୁଣି ଥିବ । ଆମ ଚବିଶ ଜଣିଆ ଟିମରୁ ମାତ୍ର ଦୁଇ ଜଣଙ୍କୁ ମିଳିସାରିଥିଲା କ୍ୱାଟର ବର୍ଷକ ଭିତରେ । ଯେଉଁ ସାଙ୍ଗକୁ ଭୁତ ଧରୁଥିଲା ସେ ନୂଆ ବାହା ହେଇଥିଲା ବର୍ଷେ ହେବ । ସେ ଅନେକ ଥର କୁହାକୁହି କଲାଣି କମ୍ପାନୀ ମୁଖିଆକୁ ଘର ପାଇଁ । ଫେମିଲି ରଖିବ କ୍ୱାଟରଟାଏ ମିଳିଲେ । ଖାଲି ଦରଖାସ୍ତ ପରେ ଦରଖାସ୍ତ, ହେଲେ ଫଳ ଶୂନ । କ୍ୱାଟର ତ ଖାଲି ନାହିଁ ମିଳବ କୋଉଠୁ ?

ଅବଶ୍ୟ ଗୋଟାଏ କ୍ୱାଟର ଥିଲା ଖାଲି । ହେଲେ ଦେବେ କାହାକୁ ! ସିରିୟଲ ଦେଖିଲେ ଏହାର ନାଁ ଅଛି ପନ୍ଦରରେ । ମିଳୁମିଳୁ କମ୍ ସେ କମ୍ ଦି' ବର୍ଷ । ଶେଷରେ ବହୁତ ଅଙ୍କ କଷାକଷି ପରେ ଭୂତ ଲାଗୁଥିବା ପିଲାଟାକୁ ମିଳିଲା କ୍ୱାଟର । ହେଲେ ଆଉ କିଛି ଦିନ ରହିବାକୁ ପଡିବ ସେଇ ପୁରୁଣା ହଷ୍ଟେଲରେ, ମେଣ୍ଟେନାନସ୍ କାମ ନ ସରିବା ଯାକେ ।

ରାତିରେ ଶୋଇଥାଉ । ହଠାତ କଟିଗଲା ଲାଇନ । ବାହାରେ ପୁରା କିଟିମିଟି ଅନ୍ଧାର । ଜହ୍ନ ଆଲୁଅ ବି ନାଇଁ । ଅମାବାସ୍ୟା ରାତି । ବିଲେଇ ଦୁଇଟା ଲାଗିଲେ କଳି । ଗର୍ଜନ କରି ଉଠିଲେ । ବିଲେଇ ସାଧାରଣତଃ ମିଆଁଉ ମିଆଁଉ କରେ ହେଲେ ସେଦିନ କରୁଥାନ୍ତି ଛାତିଥରା ଗର୍ଜନ ।

ସ୍କାଇଲାଇଟ ପାଖରେ କଣାଟାଏ ଥାଏ । କେମିତି କ'ଣ ସେଥିରୁ ଗଳି ଆସିଲେ ରୁମ ଭିତରକୁ । ଆମେ ଥରିବାକୁ ଲାଗିଲୁ ଭୟରେ । ଦୁହେଁ ନିଶ୍ଚିତ ହେଲୁ ଯେ ଭୁତ ପଶିଛନ୍ତି ବିଲେଇ ବେଶରେ । ମୁଁ ଚୁପଚାପ ଘୋଡିଘାଡି ହେଇ ହନୁମାନ ଚାଳିଶା ଜପୁଥାଏ ଚାଦର ଭିତରେ ଥରିଥରି । ହଠାତ ଭୁତ ଲାଗୁଥିବା ସାଙ୍ଗଟା ଉଠିପଡିଲା – ତେରି ତୋ ଯସି କି ତେୟସି କହି ବାଡିରେ ଦେଲା ବିଲେଇକୁ ପାହାରେ । ଆଉ ଅଛନ୍ତି ସେମାନେ । ଛତ୍ରଭଙ୍ଗ ଦେଇ ଡେଇଁ ପାର ।

ତା' ସାହାସ ଦେଖି ମୋର ବି ବଢିଗଲା ସାହାସ । ଖୁସି ହେଇଗଲି । ପଚାରିଲି ଡର ଲାଗିଲାନି ତତେ । ସେ ହସି ହସି କହିଲା--- ଆରେ ଭାଇ ! ଆଉ ମୋତେ ଲାଗିବନି ଭୁତ । ଏଣିକି ତମମାନଙ୍କୁ ଲାଗି ପାରେ ସିଏ ।

ମୁଁ କିଛି ନ ବୁଝିପାରି ଚାହିଁଥାଏ ତା ମୁହଁକୁ । ସେ ପୁଣି କହିଲା— ଭୁତଫୁତ କିଛି ନାଇଁ । ମୋର କ୍ୱାଟର ନିହାତି ଥିଲା ଦରକାର । ତେଣୁ ତ କରୁଥିଲି ଭୁତ ଲାଗିବାର ଅଭିନୟ ।

ମୁଁ ତଟସ୍ଥ ହେଇ କହିଲି--- ଆରେ ଭାଇ ! ଠିକ୍ ଯେ ଅଜବ ସାଉଣ୍ଡ କରିବାଟା ବୁଝିଲି, ହେଲେ ବେଡ ଉପରକୁ ଚାରି ପାଞ୍ଚ ଇଞ୍ଚ ଉଠିଲୁ କିପରି ?

---- ଆରେ ଭାଇ ! ମୁଁ ଡେଲି ଏକ୍ସରସାଇଜ କରେ । ଚଦର ଭିତରେ ହାତ ଦି'ଟାକୁ ତଳକୁ ରଖି ଦଣ୍ଡ ବା ପ୍ରାଙ୍କ ପୋଜିସନରେ ରହିଯାଉଥିଲି କିଛି ସମୟ । ତୁ ମୋର ହାତ ନା ଗୋଡ ଦେଖିଥିବୁ ଯେ । ଘୋଡିଘାଡି ହେଇ ତ ଶୋଇଥିଲି ।

ମୁଁ ହସିବି କି କାନ୍ଦିବି ପାରୁ ନଥିଲି ବୁଝି । ସତରେ କହୁଛି ମୁଁ ସେଇଦିନ ଠୁଁ ଆଜି ଯାଏଁ କେବେ ଦେଖିନି ଭୂତ କି ଆଉ କରିନି ବି ବିଶ୍ୱାସ । ଏଇ ସବୁ କେବଳ ମନର ଭାବନା ଛଡା ଆଉ କିଛି ନୁହଁ ।

ଅଜାଣତରେ ଲାଲ ବିଲ୍ଡିଙ୍ଗ କାନ୍ଥଟାକୁ ଛୁଇଁ ଦେଲାରୁ ବେଶି ବେଶି ମନେ ପଡିଯାଉଥିଲା ସେଇ ସାଙ୍ଗଟାର କଥା । ସିଏ ଆଉ ନାହିଁ ଏଇ ଦୁନିଆରେ । ଦି' ବର୍ଷ ତଳେ ରୋଡ ଆକ୍ସିଡେଣ୍ଟରେ ଚାଲିଗଲା ଆରପାରିକୁ । ହଠାତ ବାଦୁଡିଟାଏ ଭୁସ୍‌କିନା ବାହାରି ଉଡିଗଲା ସେଇ ବିଲ୍ଡିଙ୍ଗରୁ । ମୋ ଛାତିଟା ଆଉ ଥରେ ଚାଉଁ କରି ଉଠିଲା ବହୁତ ଦିନପରେ । ଆଉ ଘଡିଏ ନ ଅଟକି ଚୁପଚାପ୍ ଯାଇ ବସିଲି ଗାଡିରେ ।


♥ବଡ ଆମୁଁଣି, ଝୁମ୍ପୁରା,
କେନ୍ଦୁଝର-୩୧
ମୋ- ୯୪୩୭୭୧୮୫୦୦

ବହିଚର୍ଚ୍ଚା

# ଦୂର ଦିଗ୍‌ବଳୟେ ଆମେ କଳିକା



## କସ୍ତୁରୀ ଚରଣ ରାଉତ

ବିଭିନ୍ନ ଭାବରେ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରି ଚାଲିଥିବା ଜଣେ ସ୍ୱର୍ଦ୍ଧିତ ବ୍ୟକ୍ତିତ୍ୱ ତଥା ଯଶସ୍ୱୀ କବୀ ହେଉଛନ୍ତି ପ୍ରଣତି ମହାପାତ୍ର। 'ଦୂର ଦିଗବଳୟେ ଆମେ କଳିକା' ତାଙ୍କର ଏକ ଶିଶୁ କବିତା ସଂକଳନ ଯେଉଁଥିରେ ୪୩ଟି ଶିକ୍ଷାପ୍ରଦ କବିତା ରହିଛି। ସଂକଳନଟି ଶିଶୁର ଭାଷା, ଶୈଳୀ, ଚିନ୍ତା ଚେତନାରେ ଯେତିକି ଋଦ୍ଧିମନ୍ତ ଓ ପରିପୁଷ୍ଟ ଶୈକ୍ଷିକ ଦୃଷ୍ଟିକୋଣରୁ ସେତିକି ପ୍ରଣିଧାନଯୋଗ୍ୟ।

ମାଟି, ପାଣି, ପବନ, ବୃକ୍ଷଲତା, ବଣପାହାଡ଼, ପଶୁପକ୍ଷୀ, କୀଟପତଙ୍ଗ, ଖଣିଜ ସମ୍ପଦ, ଓଡ଼ିଶାର ପର୍ବ ପର୍ବାଣୀ, ଲୋକକଥା, ଭାଷାସାହିତ୍ୟ, ବ୍ୟାକରଣ, କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ତଥା ମାଟି ମାଆର ସଂସ୍କୃତିକୁ ସରଳ ଏବଂ ବୋଧଗମ୍ୟ ଶବ୍ଦ ମାଧ୍ୟମରେ ଶିଶୁମାନଙ୍କ ସହ ଏକ ସମ୍ପର୍କର ସେତୁ ବାନ୍ଧିଛନ୍ତି କବୀ ପ୍ରଣତି ମହାପାତ୍ର । ଶିଶୁମାନଙ୍କୁ ଦେଶର ଗୌରବମୟ ଐତିହ୍ୟ ଓ ମହାନ ପରମ୍ପରା ସହିତ ପରିଚିତ କରାଇ ସେମାନଙ୍କ ମନରେ ଜାତୀୟ ଚେତନା ଉଦ୍ରେକ କରାଇବା ତାଙ୍କ କବିତାର ଅନ୍ୟ ଏକ ଦିଗନ୍ତ । 'ଏ ଆମ ଭାରତ ବର୍ଷ', 'ଜନନୀ ମୋ ଜନ୍ମଭୂମି', 'ଜୟ ଜୟ ମୋ ଉତ୍କଳ', 'ଆମ ଦେଶ ମହାନ', 'ମୁଁ ଓଡ଼ିଆ', 'ମଧୁର ମୋ ଭାଷା' ଆଦି କବିତାରେ ଦେଶପ୍ରେମର ବାର୍ତ୍ତା ନିହିତ । ମାଟିକୁ ମା' ବୋଲି ସମ୍ବୋଧନ କରି କବୀପ୍ରାଣ ଗାଇଉଠିଛି:

"ଜନନୀ ମୋର ଜନ୍ମଭୂଇଁ/ ଭାରତ ଯା'ର ନାମ/ ପାଣି ପବନରେ ସେନେହ ଭରା/ ସେଇଠି ମୋର ଜନ୍ମ/ ଗର୍ବେ ଗୌରବ ତା' ପାଇଁ ପରା/ କରିଛି କରୁଛି ସେହି ପାଇଁ/ ମୁଁ ମହତ କରମ/ ବୀର ଗୌରବେ ଯଶ ସୌରଭେ ଗଗନ ପବନ ଯାଇଛୁ ଛୁଇଁ ।" (ଜନନୀ ମୋ ଜନ୍ମଭୂମି)

'ବୀଣାବାଦିନୀ ହଂସବାହିନୀ', 'ଜୟ ବିନାୟକ', 'କୁନି ଠାକୁର, ଅଳି ମୋହର', 'ବିରାଜ ପ୍ରଭୁ' ଆଦି କବିତାରେ ଶିଶୁମାନଙ୍କୁ ଭକ୍ତିଭାବରେ ଉଦବୁଦ୍ଧ କରାଇବାକୁ ପ୍ରୟାସ କରିଛନ୍ତି କବୀ । ତେଣୁ ତାଙ୍କ କଲମ ମୁନରୁ ଝରି ଆସିଛି :- 'ହୃଦୟ ମନ୍ଦିରେ ବିରାଜ ପ୍ରଭୁ ହେ/ ମୋ ଅନ୍ତରାଳେ ରହି/ ରାଗ, ହିଂସା, ଦ୍ୱେଷ ହରିନିଅ ପ୍ରଭୁ/ ସ୍ନେହ ଶ୍ରଦ୍ଧା ଭରିଦେଇ ।' (ବିରାଜ ପ୍ରଭୁ)

ପ୍ରଣତି ଜଣେ ଶିକ୍ଷୟିତ୍ରୀ ଭାବରେ ଶିଶୁଙ୍କ ଗହଣରେ ରହି ଶିଶୁ ମନସ୍ତତ୍ତ୍ୱକୁ ଅତି ସୂକ୍ଷ୍ମଭାବ୍ର ଅନୁଧ୍ୟାନ କରି ପାରିଥିଲେ । ଶିଶୁର ଆଗ୍ରହ, ଉତ୍କଣ୍ଠା, ରୁଚି ଓ ଭାବନାକୁ ଗଭୀର ବିଶ୍ଳେଷଣ କରି ସେ ତାଙ୍କ କବିତା ସବୁ ସୃଷ୍ଟି କରିଛନ୍ତି ।







'ପୃଥିବୀଟା ଏତେବଡ଼ ମୁଁ କୁନି ପିଲାଟେ', 'ମୁଁ ଶିଶୁଟିଏ, ମୋ କୁନି ଭାବନାରେ', 'ଆମେ କୁନି କୁନି ଫୁଲକଢ଼ି', 'ଶିଶୁ ଆମେ କୁନି କଳିକା', 'ଆଜିର ଶିଶୁ', 'ଆମେ ସବୁ ସୁନାପିଲା' ଆଦି କବିତାରେ ଟିକି ଟିକି ବିବେଚିତ ପଦାର୍ଥ ଓ ବିଷୟବସ୍ତୁ ମଧ୍ୟରେ ଲୁଚି ରହିଥିବା ଭବିଷ୍ୟତ ସମ୍ଭାବନା, ସୁନାପିଲା ହେବାର ଅଙ୍ଗୀକାରବଦ୍ଧତା ଓ ତତ୍ ସଂପର୍କୀୟ ମୂଲ୍ୟବୋଧ ପ୍ରତିଫଳିତ । କବୀଙ୍କ ଭାଷାରେ :- 'ସୁନାପିଲା ହେବା ଆମେ ସୁନାପିଲା ହେବା/ ବାପା ମାଆ ଗୁରୁଜନ କଥା ମାନି ଚଳିବା/ ଫୁଲ ପରି କୋମଳ ତ ମନଟି ଆମର/ ମଧୁର ବଚନେ କରିନେବା ଆପଣାର। (ଆମେ ସବୁ ସୁନାପିଲା)

କେତେକ କବିତାରେ ପିଲା ମନରେ ସାହସ ଭରିଦେବା ସହ ପାଠ ପଢିବା ପାଇଁ ପ୍ରେରଣା ଦିଆଯାଇଛି । 'ଆମେ ପଢିବା ଆମେ ବଢିବା', 'କରିବା ନିଶ୍ଚୟ', 'ଅବ୍ୟର୍ଥ ଲକ୍ଷ୍ୟ, ନିଷ୍ଠା', 'ବାଣ୍ଟିଦେବା ଖୁସି', 'ଟେକ ରଖିବା' ଆଦି କବିତାରେ ଶିଶୁ ପ୍ରାଣରେ ଉଚ୍ଚ ଆଦର୍ଶ ସୃଷ୍ଟି କରିବାକୁ ପ୍ରୟାସ କରିଛନ୍ତି।

ସେହିପରି 'ଆସରେ ପିଲେ ଶୁଣିବା ବସି' କବିତା କବୀଙ୍କ ଏକ ଅଭିନବ ପ୍ରୟାସ। ମୋଟ୍ ୧୪ଟି ଭାଗରେ ଓଡ଼ିଆ ବ୍ୟାକରଣର ଅନେକ ଗୁଢ ତଥ୍ୟକୁ ବିଦ୍ୟାର୍ଥୀଙ୍କ ପାଇଁ ପରଷି ଦେଇଛନ୍ତି। ବ୍ୟାକରଣର ମହତ୍ତ୍ୱ ଦର୍ଶାଇବାକୁ ଯାଇ ସେ ଲେଖନ୍ତି :- 'ଆଜି କହିବି କଥାଏ ପିଲେ/ ଶୁଣିବ ମନ ଦେଇ/ ବ୍ୟାକରଣକୁ ଭଲ ଭାବରେ/ ଶିଖିଥିବ ଯଦି କେହି/ ତାକୁ ଜମା ଭୁଲିବ ନାହିଁ/ ଲେଖିବା ବେଳେ କହିବା ବେଳେ/ ଝୁଣ୍ଟି ପଡ଼ିବ ନାହିଁ। (ଆସରେ ପିଲେ ଶୁଣିବା ବସି, ଭାଗ ୮)

ବାସ୍ତବିକ ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟରେ ମୌଳିକତା ଦୃଷ୍ଟିରୁ ପ୍ରଣତିଙ୍କ ଶିଶୁ କବିତାର ସ୍ଥାନ ସ୍ୱତନ୍ତ୍ର । ତାହା କେବଳ ଶିଶୁର ମନୋରଞ୍ଜନର ମାଧ୍ୟମ ନ ହୋଇ ମହତ୍ତର ଜୀବନ ଗଠନ ପାଇଁ ସେମାନଙ୍କୁ ଉଚ୍ଚ ନୈତିକତାବୋଧର ଦିଗ୍‌ଦର୍ଶନ ଦେଇଥାଏ । ପ୍ରଣତି ମହାପାତ୍ର ସାବଲୀଳ, ବୋଧଗମ୍ୟ ଶବ୍ଦ ଶିଳାଖଣ୍ଡରେ ଓଡ଼ିଆ ଶିଶୁ ସାହିତ୍ୟର ଯେଉଁ କୋଣାର୍କ ନିଜ ହାତରେ ଗଢି ତୋଳିଛନ୍ତି, ତାହା ଯେ ଚିରଦିନ ପାଇଁ ଜାଜ୍ୱଲ୍ୟମାନ ହେଉଥିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।


♥ ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ, ବଲାଙ୍ଗିର
ମୋ. ୮୯୧୭୩୯୭୩୪୮


# ସଂସାରେ ଥିବା ଯେତେ ଦିନ...

## ଡ଼ଃ. ଦିଲ୍ଲୀପ କୁମାର ମହାରଣା

ସଂସାରେ ଥିବା ଯେତେ ଦିନ.... ଆନନ୍ଦରେ କାଟୁଥିବା ଦିନ। ଏହା ତ ନିର୍ଘାତ ସତ କିନ୍ତୁ ସତ ପଛର ଆଉ ଏକ ଘଟଣା ବି ରହିଛି। ଅର୍ଥାତ୍ ଆନନ୍ଦ ବୋଇଲେ ଯେଉଁ ପ୍ରକାର ଆନନ୍ଦ ହୋଇପାରେ। କାହାକୁ ତଣ୍ଟିଆ ମାରି ହୋଇପାରେ, କାହାର ତଣ୍ଟି ଚିପି ହୋଇପାରେ, କାହାକୁ ଖାଲରେ ପକାଇ ହୋଇପାରେ, କାହା ବିରୁଦ୍ଧରେ ମିଛ ଦୁର୍ନାମ ଯୋଡ଼ି ବି ହୋଇପାରେ। ତେବେ ଆଜିର ସଂସାରକୁ ଦେଖିଲେ ଆପଣ ବିଚିତ୍ର ବିଚିତ୍ର ଲୋକ ସବୁ ଦେଖିବାକୁ ପାଇବେ। ଦୁନିଆରେ ଧର୍ମଡଙ୍ଗା ତ ପୁଣି ଚାଲୁଛି ନାଁ। ତାହାଲେ କ'ଣ ଭଲ ଲୋକଙ୍କର ସ୍ଥାନ ନାହିଁ ? ଆମେ ଏ ଘଟଣା ଅବତାରଣ କାହିଁକି କରୁଛୁ ତାହା ଟିକିଏ ଚୁମ୍ବକରେ ପାଠକବର୍ଗଙ୍କୁ ଜଣାଇବା ପାଇଁ ଚାହୁଁ। ଆମ ହାତ ପାହାନ୍ତାରେ ଏପରି ଫୋରଟ୍ୱିଣ୍ଟି ସବୁ ରହିଛନ୍ତି ସେମାନେ ମଣିଷକୁ କ'ଣ, ଆଇନର କାଠଗଡ଼ା ଠାରୁ ଏ ସରକାରଙ୍କୁ ବି ବିକିଦେବେ। ଦିନ ଅଧରେ ଭଦ୍ର ଧୋବାଧାରୀ ଲୋକ ବୋଲାଇ ଶୁଖୁଆ କଣ୍ଠା ଗେଞ୍ଜି ତୁମକୁ ଏପରି ଜଳକା ବନାଇ ଦେବେ ଯେ ତୁମେ କେତେ ପୁରୁଷ ପଛରେ ଛାଡ଼ିକି ଆସିଛ ନିହାତି ଖରାବେଳେ ଗଣୁଥିବ। ଆମ ବିଧି ବ୍ୟବସ୍ଥାରେ ଏପରିକି ଆଇନ କାନୁନରେ ବି ଘରର କର୍ମଜୀବୀ ବାପା ବା ମାଆଙ୍କର କର୍ମ କ୍ଷେତ୍ରରେ ପରଲୋକ ପରେ ଥଇଥାନ ବ୍ୟବସ୍ଥା ଅନୁଯାୟୀ ପିଲାମାନଙ୍କୁ ଚାକିରୀ ମିଳିଥାଏ। ଆପଣ କେଉଁଠି ଶୁଣିଛନ୍ତି ଜଣେ ସେଇ ଥଇଥାନ ସୁଯୋଗର ସମସ୍ତ ସରକାରୀ ସୁବିଧା ନେଇ ମଧ୍ୟ ଛୁ ମନ୍ତର କରି ଆଇନକୁ ନିଜ ପକେଟରେ ପୁରାଇ ପୁଣି ସରକାରୀ ସୁବିଧା। ଆମ ରାଜ୍ୟରେ କୁଆଡ଼େ କଣ ମୁଖିଆ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ଆଇନଟା କେଉଁ ବାଟ ଦେଇକି ଯାଉଛି ତାହା ଆମପରି କୋଟି କୋଟି ମୂର୍ଖ କିନ୍ତୁ ବୁଝି ପାରୁନାହାଁନ୍ତି। ଆଇନଟା ଜାତୀୟ ରାଜପଥ ଦେଇ ଯାଉଛି କି ଗ୍ରାମୀଣ ରାଜପଥ ଦେଇ ଯାଉଛି କି ବାଟ ଖରାପ ପଡ଼ିଛି ବୋଲି ଝୁଣ୍ଟି ପଡ଼ି ଯାଉଛି ତାହା ଜଣାପଡୁନାହିଁ। ଆମେ ଆଇନ ବ୍ୟବସ୍ଥାକୁ ଅତ୍ୟନ୍ତ ସମ୍ମାନ ଦେଉଛୁ। କାରଣ ଭାରତର ବିଧି ବ୍ୟବସ୍ଥା ସମ୍ବିଧାନ ଓ ଆଇନକୁ ନେଇ ଚାଲିଛି। ଏହି ଲେଖାଟି ଏହି ଲେଖକ ଲେଖିଲା ବେଳକୁ ରାଜ୍ୟର ଏକ ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣାରେ ଜଣେ ପୂର୍ବତନ ପ୍ରଭାବଶାଳୀ ମନ୍ତ୍ରୀଙ୍କୁ କୋର୍ଟ ସମନ କରାଯାଇଛି। ତାହାହେଲେ କ'ଣ ଆମେ କାହି ପାରିବୁ ଆଇନର ଶାସନ ନାହିଁ ବୋଲି ? ଏହି ବ୍ୟବସ୍ଥା ସମ୍ପର୍କରେ ଜାଣିବା ପାଇଁ ଜଣେ ଭଦ୍ରବ୍ୟକ୍ତି ସୂଚନା ଅଧିକାର ଆଇନ ବ୍ୟବସ୍ଥାରେ ଜାଣିବା ପାଇଁ ଚାହିଁଲେ କିନ୍ତୁ ତଥ୍ୟର ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ହୁଏତ ଅଭିଯୋଗ ଉଠୁଥିବା ବାବୁ ଜଣଙ୍କ ଆରାମରେ ତାଙ୍କ ଚାକିରୀ ସମୟ ସାରି ପେନସନ ପାଇବା ପାଇଁ ବି ଯୋଗ୍ୟ ହୋଇଯିବେ।

ଭାରତର ଗଣତନ୍ତ୍ର ସମସ୍ତଙ୍କୁ ନେଇ, ସମସ୍ତଙ୍କ ପାଇଁ। ସମ୍ଭବତଃ ଏହି ସଗର୍ବ ଅଖଣ୍ଡ ଭାରତୀୟତା ଆମ ଜାତି ପ୍ରେମକୁ ଉଜ୍ଜୀବିତ କରେ। ତେବେ ବେଳେବେଳେ ସମ୍ବିଧାନ ସଙ୍କଟରେ ପଡ଼ିଯାଏ ବା କିଛି ଘଟଣା ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରେ। ଆଇନର ଶାସନ ବେଳେ ବେଳେ କିଭଳି କିଛି ମନମୁଖି ଓ ସ୍ୱାର୍ଥଲିପ୍ସୁମାନେ ମୋଡ଼ିପାରନ୍ତି ଅନେକ ଉଦାହରଣ ରହିଛି। ଭାତ ହାଣ୍ଡିରୁ ଗୋଟିଏ ପରି ଓଡ଼ିଶା ସରକାରଙ୍କ ରାଜସ୍ୱ ପର୍ଷଦ ଅଧୀନରେ ପରିସର-୧ରୁ ବଦଳି ହୋଇ ପରିସର-୩ରେ ଅବସ୍ଥାପିତ ହୋଇ ପୁନଶ୍ଚ ଓଡ଼ିଶା ରାଜସ୍ୱ ପର୍ଷଦକୁ ଡେପୁଟେସନରେ ଆସି ବର୍ତ୍ତମାନ କାର୍ଯ୍ୟ କରୁଅଛନ୍ତି। ସେହି ମହୋଦୟ ସମୀପେଷୁଙ୍କ ନାମ ହେଉଛି ଚିନ୍ମୟ ପଣ୍ଡା। ସତକଥା ନାମଟି ଚିନ୍ମୟ ନା, ଏ ଯୁଗରେ ଚିନ୍ମୟ ଚିନ୍ତନର ଏ ଭଦ୍ର ବ୍ୟକ୍ତି ସତକଥା ନିହାତି କରିତକର୍ମା ହୋଇଥିବେ। ଯିଏ ବୃତ୍ତି ଆଉ ପ୍ରବୃତ୍ତି ଓ ପରିଶେଷର ହୁଏତ ନିଷ୍କୃତି ଯୋଗରୁ ଚିନ୍ତନର ଜଣେ ମସ୍ତବଡ଼ ଅନୁଭବୀ ହୋଇଥିବେ। ଏ ସମ୍ବନ୍ଧୀୟ ତଥ୍ୟ ରାଜସ୍ୱ ବିଭାଗର ସଚିବ, ନିର୍ଦ୍ଦେଶକ ଚକବନ୍ଦୀ ରାଜସ୍ୱ ପର୍ଷଦ, ସଦସ୍ୟ ରାଜସ୍ୱ ପର୍ଷଦ, ସଚିବ କେନ୍ଦ୍ରାଞ୍ଚଳ ରାଜସ୍ୱ ବିଭାଗ, ସଚିବ ଗୃହ ବିଭାଗ, ସଚିବ ଅର୍ଥ ବିଭାଗ, ସଚିବ ସାଧାରଣ ପ୍ରଶାସନ ବିଭାଗ ବାରମ୍ବାର ଅବଗତ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏ ବାବଦରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରେ ତାଙ୍କୁ ପୃଷ୍ଠପୋଷକତା କରୁଛନ୍ତି ରାଜସ୍ୱ ପର୍ଷଦର ଅତିରିକ୍ତ ସଚିବ ଶ୍ରୀମତୀ ସିଓନା ମିଶ୍ର ଏବଂ ଉପବିଭାଗ ଅଧିକାରୀ ଭାଗ୍ୟଧର ସାହୁ। ଓଡ଼ିଆରେ ଏକ କଥା ଅଛି 'ତୁ ଗୁହାରୀ ଯାହାକୁ ମୁଁ....' ଅର୍ଥାତ୍ ଅଭିଯୋଗ କରିବ ତ ? କାହା ପାଖକୁ ଯିବ? କେତେ ଦମ ନେଇ କେତେ ବାଟ ଯାଇପାରିବ? ଆଉ ଆମେ ଏ ରାସ୍ତାରେ ଯିଏ ଅଛୁ ଆମେ କ'ଣ ଚୁଡ଼ି ପିନ୍ଧି ମଠ ଡାଲମା ଖାଇ ଝାଞ୍ଜ ବାଡ଼ଉଛୁ। ଏପରି ଆଇନକୁ ମୋଡି ମକଚି ନିଜ ପକେଟରେ ନିୟମକୁ ରଖିପାରୁଥିବାର ଦୁଃସାହସ ରଖୁଥିବା ବ୍ୟକ୍ତି ହେଉଛନ୍ତି ଚିନ୍ମୟ ପଣ୍ଡା। ଏହି ଚିନ୍ମୟ ପଣ୍ଡା ବ୍ୟକ୍ତିଙ୍କର ସାତଖୁରାକୁ ସତ କଥା ଜୁହାର। ସରକାରଙ୍କ ରାଜସ୍ୱ ବିଭାଗ ୫-ଟି ଅଧୀନରେ ଆସୁଛି। ୫-ଟିର ମୁଖିଆ ରାଜ୍ୟ ସାରା ବୁଲି ପ୍ରଜା ଶାସନ କରି ନିର୍ମଳ ଶାସନ ଓ ସରକାରଙ୍କ ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥାର ନାରା ଲୋକଙ୍କୁ ଦେଉଛନ୍ତି ଆଉ ଶିଖାଉଛନ୍ତି। ତାହାହେଲେ ଚିନ୍ମୟ ପଣ୍ଡା ଏହି ୫-ଟି ବିଭାଗର ଜଣେ ଅତ୍ୟନ୍ତ ଗୁଣଗ୍ୟ ଛାତ୍ରଭାବେ ବିବେଚନା କରାଯିବ। ଏମାନେ ସବୁ ଟପ୍ପର ଲିଷ୍ଟରେ ଯିବେ। ଏହି ପରି ଦୁଇ ଚାରିଟି ଗାତୁଆ ମୂଷା ଯଦି ରାଜସ୍ୱ ବିଭାଗରେ ରହିଯିବେ ତାହାହେଲେ କେତେ ବେଳେ ଏ ବିଭାଗ କ'ଣ ଏ ରାଇଜ ବି ଗୋଲ ହୋଇଯିବ। ବର୍ତ୍ତମାନର ସୂଚନା ପ୍ରଯୁକ୍ତିର ଯୁଗ ଆଶ୍ଚର୍ଯ୍ୟର କଥା ସକ୍ରିୟତା ପ୍ରତି ମୁହୂର୍ତ୍ତରେ ସତ୍ୟକୁ ଲୋକ ଲୋଚନକୁ ନେଇ ଆସୁଛି। ଲୋକମାନେ ଆଉ ଅନ୍ଧାରରେ ରହିବାର ସମୟ ବି ନାହିଁ। ତଥାପି ବନ ଆଷ୍ଟ୍ୟ କଥା ଏ ବାବୁ ନିଜ ପଦ ପଦବୀ କର୍ମକ୍ଷେତ୍ରକୁ ନେଇ ନିଧଡ଼କରେ ବସୁଛନ୍ତି ତେଣୁ ଏହିପରି ଗାତୁଆ ମୂଷାକୁ ବଡ଼ ବଡ଼ ମୂଷାସବୁ ଦାନା ଆଉ ପାଣି ଦେଉଥିବେ। ଯନ୍ତା ଏଠି ଆଣି କିଏ ବସାଇବ। ଢୋଲ ଭିତରେ ମୂଷା ପରି ସରକାରଙ୍କ ଅତ୍ୟନ୍ତ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ବିଭାଗର ଏପରି କରିତକର୍ମା ମୂଷା ମାନଙ୍କୁ ଗତ ଗଣେଶ ପୂଜାରେ ନିଶ୍ଚିନ୍ତ କିଏ ପୂଜା କରିଥିବେ ଯେ? ଶାସନ ବ୍ୟବସ୍ଥାର ଦ୍ୱାହି ଭିତରେ ଅନେକ ମେଧାବୀ ଚାକିରୀ ଖଣ୍ଡେ ପାଉନାହାଁନ୍ତି, ଅନେକଙ୍କ ଘର କର୍ମ ସଂସ୍ଥାନ ଅଭାବରୁ ଛିନ୍ନଛତର ହୋଇଯାଉଛି। କିନ୍ତୁ ଆଇନକୁ ହାତକୁ ନେଇ, ଆଇନକୁ ମୋଡ଼ି ସମସ୍ତଙ୍କୁ ହାତରେ ରଖି ଆଇନର ଧଜିଆ ଉଡାଉଥିବା ଲୋକମାନଙ୍କ ପାଇଁ ଆଇନର ବାଟ ଟା କ'ଣ ତାହାକୁ ଅପେକ୍ଷା କରାଯାଉଛି। ଯଦିଓ ବର୍ତ୍ତମାନ ଦେଖାଯାଉଛି ହାତୀ ଗଳି ଯାଉଛି କିନ୍ତୁ ପିମ୍ପୁଡ଼ି ପାଇଁ ବାଟ ବନ୍ଦ। କୋଟି କୋଟି ଟଙ୍କା ହରିଲୁଟ କରି ବିଦେଶରେ କିଛି ଧର୍ଣ୍ଣାଢ଼୍ୟ ମୌଜ ମଜଲିସ କରୁଛନ୍ତି କିନ୍ତୁ ଟଙ୍କା ଦଶଟା ପାଇଁ ଏଠି ଜଣେ ଦାଦନ ପାଳଟୁଛି ଆଉ ତା ପିଲାଛୁଆଙ୍କୁ ବନ୍ଧା ପକାଉଛି। ଏହି ଭୋକର ଭୂଗୋଳ ଓଡ଼ିଶାରେ। ତେଣୁ ସରକାରୀ ବ୍ୟବସ୍ଥାରେ ତଥ୍ୟ ସୂଚନା ଅଧିକାର ବଳରେ ସମସ୍ତଙ୍କୁ ଆଇନର ବ୍ୟବସ୍ଥାକୁ ସାର୍ବଜନୀନ କରାଯାଇ ସମସ୍ତଙ୍କ ପାଇଁ ଆଇନର ବାଟ ଯେ ଗୋଟିଏ ସମ୍ବିଧାନର ଏହି ମୂଲ୍ୟବାନ ସୁରକ୍ଷିତ ବାଣୀକୁ ସମସ୍ତଙ୍କୁ ଆଲୋକର ରାସ୍ତା ଦେଖାଇବାର କାର୍ଯ୍ୟ ହେଉଛି ଗଣତନ୍ତ୍ରର ଅର୍ଥାତ୍ ଆମ ଗଣତନ୍ତ୍ରର ଧ୍ୱଜାଧାରୀ ମାନଙ୍କର!!


♥ ଶିଖରପୁର ଉପରସାହି, କଟକ




## ଶେଖ ଫରିଦ୍‌ଉଦ୍ଦିନ

# ଯୁଦ୍ଧ ହେଉ ବା ପ୍ରାକୃତିକ ବିପର୍ଯ୍ୟୟ... ସବୁଠି ଅପରାଜେୟ



୧୯୩୨ ମସିହା ଅକ୍ଟୋବର ୮ ତାରିଖରେ ପ୍ରତିଷ୍ଠିତ ହୋଇଥିଲା ଭାରତୀୟ ବାୟୁ ସେନା, ବ୍ରିଟିଶ ରୟାଲ୍ ଏୟାର୍ ଫୋର୍ସର ଏକ ସାଧାରଣ ଶାଖା ଭାବେ, ମାତ୍ର ଗୋଟିଏ ସ୍କ୍ୱାର୍ଡ୍ରନକୁ ନେଇ । ସେହି ପ୍ରଥମ ସ୍କ୍ୱାର୍ଡ୍ରନ ନାମିତ ହୋଇଥିଲା 'ନମ୍ବର ୱାନ୍ ସ୍କ୍ୱାର୍ଡ୍ରନ' ଭାବେ । ସେଥିରେ ୱାପିଟି ବାଇପ୍ଲେନକୁ । ଫ୍ଲାଇଟ୍ ଲେଫ୍‌ଟନାଣ୍ଟ ସେସିଲ୍ ବାଉଚର୍‌ଙ୍କ ନେତୃତ୍ୱରେ ସେଥିରେ ଯୋଗଦେଇଥିଲେ ୫ଜଣ ଭାରତୀୟ ପାଇଲଟ୍ । ୧୯୩୮ ପର୍ଯ୍ୟନ୍ତ ତାହା ସେହିପରି ରହିଥିଲା । କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରାଯାଇନଥିଲା । କେବଳ ଆଉ ୨ଟି ବିମାନ ଯୋଗ କରାଯାଇଥିଲା ସେଥି ସହ । ୧୯୪୩ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସ୍କ୍ୱାର୍ଡ୍ରନ୍ ସଂଖ୍ୟା ୭କୁ ଏବଂ ୧୯୪୫ରେ ୯କୁ ବୃଦ୍ଧି ପାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ଯୁଦ୍ଧକ୍ଷେତ୍ରରେ ଏହାର ଉଲ୍ଲେଖନୀୟ ସଫଳତାକୁ ଦେଖି ତତ୍‌କାଳୀନ ବ୍ରିଟିଶ୍ ରାଜା ଷଷ୍ଠ ଜର୍ଜ ଏହାକୁ ପୁନାର୍ନାମିତ କରିଥିଲେ ରୟାଲ୍ ଇଣ୍ଡିଆନ୍ ଏୟାର୍ ଫୋର୍ସ ଭାବେ । ୧୯୪୭ରେ ସ୍ୱାଧୀନତା ବେଳକୁ ଏହାର ଯେଉଁ ୩ଟି ସ୍କ୍ୱାର୍ଡ୍ରନ୍ ପାକିସ୍ତାନରେ ରହିଯାଇଥିଲା ତାହାକୁ ସେଠାରେ ରହିବା ପାଇଁ ଛାଡ଼ିଦିଆଯାଇଥିଲା । ୧୯୫୦ରେ ଭାରତ ଗଣତନ୍ତ୍ର ହେବା ପରେ ରୟାଲ୍ ଇଣ୍ଡିଆନ୍ ଏୟାର୍ ଫୋର୍ସରୁ ରୟାଲ୍ ଶବ୍ଦଟି ବାଦ୍ ଦିଆଯାଇଥିଲା । ସଂପ୍ରତି ଏହାର ଆକାର ବେଶ୍ ବଡ଼ । ମୋଟ କର୍ମଚାରୀ ସଂଖ୍ୟା ୧ ଲକ୍ଷ ୭୦ହଜାର । ୮୫୨ଟି ଲଢୁଆ ବିମାନ ସହ ମୋଟ ୧୭୦୦ ବିମାନକୁ ଏଥିରେ ସାମିଲ କରାଯାଇଛି । ଆକାର ଏବଂ କ୍ଷମତା ଦୃଷ୍ଟିରୁ ଦେଖିଲେ ଏହା ବିଶ୍ୱରେ ଚତୁର୍ଥ ବୃହତ୍ତମ ବାୟୁସେନା । ଆଜି ଏହା ପାଳନ କରୁଛି ଏହାର ୭୭ତମ ପ୍ରତିଷ୍ଠା ଦିବସ ।

କେବଳ ଯୁଦ୍ଧ କ୍ଷେତ୍ର ବା ପରିବହନ ବ୍ୟବସ୍ଥା ନୁହେଁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭାରତୀୟ ବାୟୁସେନା ତା'ର ଯେଉଁପରି ଭାବରେ ଅଦମ୍ୟ ତ୍ୟାଗ, ନିଃସ୍ୱାର୍ଥପର ସେବା ଓ ନିରବଚ୍ଛିନ୍ନ ଜନକଲ୍ୟାଣ ପାଇଁ ପ୍ରଚେଷ୍ଟା ପ୍ରତିପାଦନ କରିଛି ତାହା ଯେତେ ପ୍ରଶଂସା କଲେ ବି କମ୍ ହେବ। ଦୁଇବର୍ଷ ତଳର ପାର୍ବତ୍ୟ ଅଗମ୍ୟ ଓ ପ୍ରକୃତିଗତ ବିପର୍ଯ୍ୟୟ କ୍ଷେତ୍ରରେ ଉତ୍ତରାଖଣ୍ଡରେ ଯେଉଁ ପ୍ରକାର ପ୍ରଳୟର କାଣ୍ଡ ଦେଖାଯାଇଥିଲା ସେ ସମୟରେ ଭାରତୀୟ ବାୟୁସେନା ଯେଉଁପରି ନିଜର ନିରବଚ୍ଛିନ୍ନ ଓ ଅକ୍ଳାନ୍ତ ସେବା ଦେଖାଇଥିଲେ ତାହାର ପ୍ରଶଂସା କେବଳ ମୁକ୍ତି ପାଇଥିବା ତୀର୍ଥଯାତ୍ରୀ ବା ସ୍ଥାନୀୟ ବାସିନ୍ଦା ନୁହଁନ୍ତି ପ୍ରତିଟି ଭାରତୀୟଙ୍କ ସହିତ ସମଗ୍ର ପୃଥିବୀର ପ୍ରମୁଖ ଗଣମାଧ୍ୟମ ଏ ଖବରକୁ ପ୍ରାଥମିକତା ଦେଇ ଭାରତୀୟ ବାୟୁସେନାର ବୀର ସେବକଙ୍କ ପାଇଁ ପ୍ରଶଂସା ଓଜାଡ଼ି ଦେଇଥିଲେ। ସେହିପରି ନିକଟରେ ସମଗ୍ର ପୃଥିବୀକୁ ଥରାଇ ଦେଇଥିବା ନେପାଳର ଭୟାବହ ଭୂକମ୍ପ ବେଳେ ବିଦେଶରୁ ସର୍ବ ପ୍ରଥମେ ଭାରତ ଯେଉଁ ସହଯୋଗ ଓ ପୁର୍ନଉଦ୍ଧାରର ତତ୍କାଳ ପଦକ୍ଷେପ ନେଇଥିଲା ଏହାକେବଳ ସମ୍ଭବ ହୋଇଥିଲା କେବଳ ଭାରତୀୟ ବାୟୁସେନାର ସହଯୋଗ ପାଇଁ। ଭୂକମ୍ପରେ ପୀଡ଼ିତ ହୋଇ ମାଟିତଳେ ପୋତି ହୋଇଯିବା ସହ ବର୍ଷା ବିପ୍ଳାତକୁ ସାମ୍ନା କରୁଥିବା ନେପାଳବାସୀଙ୍କୁ ଭାରତୀୟ ବାୟୁସେନାର ପ୍ରଶିକ୍ଷିତ କମାଣ୍ଡୋମାନେ ଭାରତୀୟ ବାୟୁସେନାର ଗର୍ବ କୁହାଯାଉଥିବା ସବୁଠାରୁ ବଳ ପରିବହନ ବିମାନ ହରକୁଲେସ୍ ବିମାନକୁ ନେଇ ସେଠାରେ ରିଲିଫ୍ ଓ ପୁର୍ନଉଦ୍ଧାରରେ ସାମିଲ ହୋଇଥିଲେ। ଭାରତୀୟ ବାୟୁସେନାର ଏହିପରି ତୁରନ୍ତ ଓ ଅକ୍ଳାନ୍ତ ସେବାକୁ ଦେଖି ପରବର୍ତ୍ତୀ ସମୟରେ ପୃଥିବୀର ବିଭିନ୍ନ ରାଷ୍ଟ୍ରର ବାୟୁସେନାର ସେନା ଯବାନମାନେ ଏହି ଉଦ୍ଧାର କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ଭାରତ ପରି ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ଭାବରେ ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇଛି ସେଥିରେ ଭାରତୀୟ ବାୟୁସେନାର ସାହାଯ୍ୟ ଯେତେ ପ୍ରଶଂସା କଲେ ବି ନିଶ୍ଚିନ୍ତ ଭାବରେ କମ୍ ହେବ। ଓଡ଼ିଶାର ଭୟାବହ ମହାବାତ୍ୟା ଉପକୂଳବର୍ତ୍ତୀ ଜିଲ୍ଲାକୁ ଧ୍ୱଂସର ପ୍ରଳୟ ଭିତରେ ନିଚ୍ଛିନ୍ନ କରିବାକୁ ବସିଥିବାବେଳେ ଖରାପ ବା ପ୍ରତିକୂଳ ପାଗ ସତ୍ତ୍ୱେ ଭାରତୀୟ ବାୟୁସେନାର ବୀର ସୈନିକମାନେ ନିଜ ଜୀବନକୁ ପାଣିଛଡ଼ାଇ ଉର୍ସ୍ସର୍ଗୀକୃତ ଯେଉଁ ସେବା ଦେଇଥିଲେ ତାହା କାଳ କାଳକୁ ପ୍ରତିଟି ଓଡ଼ିଆଙ୍କ ପାଇଁ କୃତଜ୍ଞତାର ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବ। ପ୍ରକୃତିର ଏହିପରି କରାଳ ବିଭୀଷିକା ସମୟରେ ବିଶେଷକରି ଭାରତୀୟ ବାୟୁସେନା ଯେଉଁ ନିଃସ୍ୱାର୍ଥପର ସେବା ଯୋଗାଇଥାନ୍ତି ସେ କ୍ଷେତ୍ରରେ ସେମାନେ ନିଜ ଜୀବନକୁ ଖାତିର କରି ନଥାନ୍ତି। ଅନେକ ସମୟରେ ଏହି ବୀର ସୈନିକମାନେ ନିଜ ଜୀବନକୁ ପାଣି ଛଡ଼ାଇ ଯେଉଁ ସେବା ଯୋଗାଇଥାନ୍ତି ସର୍ବୋପରି ସେମାନଙ୍କର ଯେଉଁ ବଳୀଦାନ ତାହା ଆମ ସମସ୍ତଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ। ଗତବର୍ଷ ପଡ଼ୋଶୀ ପାକିସ୍ତାନ ଠାରୁ ହିଂସାର ବାର୍ତ୍ତା ପାଇ ଜାମ୍ମୁ-କାଶ୍ମୀର ଯେତେବେଳେ ବନ୍ୟା ବିଭୀଷିକାରେ ଷଢୁ ଥିଲା ସେ ସମୟରେ ଭାରତୀୟ ବାୟୁସେନା ରିଲିଫ୍ ଓ ପୁର୍ନଉଦ୍ଧାର ପାଇଁ ସେବା ଯୋଗାଇ ଦେଲାବେଳେ କିଛି ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଓ ଆତଙ୍କବାଦୀ ସେମାନଙ୍କ ଉପରେ ଆକ୍ରମଣ କରି ଏକ ଭୁଲ ବୁଝାମଣାର ପରିବେଶ ସୃଷ୍ଟି କରିବାକୁ ଚାହିଁଥିଲେ ବି ଏ କ୍ଷେତ୍ରରେ ଭାରତୀୟ ବାୟୁସେନା ନିଜ ସେବାକୁ ଗୁରୁତ୍ୱ ଦେଇ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ନିଜର କ୍ଷତି ସହି ମଧ୍ୟ ସେବା ପ୍ରଦାନ କରିବାକୁ ପଛେଇ ନଥିଲେ। ଯାହାର ପରବର୍ତ୍ତୀ ସମୟରେ ହୁଏତ ସେହି ଅବିଚଳିତ ଓ ନିଃସ୍ୱାର୍ଥପର ସେବା ପାଇଁ ପଡ଼ୋଶୀ ପାକ୍ ଅଧିକୃତ କାଶ୍ମୀରବାସୀ ଆଜି ଭାରତରେ ମିଶିବା ପାଇଁ ସ୍ୱତଃ ଆଗ୍ରହ ପ୍ରକାଶ କରୁଛନ୍ତି। ଭାରତୀୟ ବାୟୁସେନା ସମଗ୍ର ବିଶ୍ୱରେ ନିଜର ସେନା ଦକ୍ଷତା, ସେବା ପରାୟଣତା ଓ ଦେଶ ମାତୃକାର ସେବା ପାଇଁ ଉତ୍ସର୍ଗୀକୃତ ରଖୁଥିବା ନିଜର ଦୃଢ଼ ମନୋବଳ ପାଇଁ ଅନ୍ୟ ମାନଙ୍କ ପାଇଁ ଆଦର୍ଶଣୀୟ ହୋଇପାରିଛି। ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସମଗ୍ର ପୃଥିବୀର ଏହି ଅଦ୍ୱିତୀୟ ସେନା ଭାରତ ବିରୁଦ୍ଧରେ ଲଢୁଥିବା ଶତ୍ରୁ ମାନଙ୍କ ପାଇଁ ନିଜ ଶାଣିତ ବଳ ଓ ସାହାସିକତା ଦେଖାଇ ସାରିଛି। ଦେଶମାତୃକାର ସେବାରେ ଭାରତୀୟ ବାୟୁସେନାର ଅତୁଳନୀୟ ସହଯୋଗ ରହିଛି। ଆଜି ଭାରତୀୟ ବାୟୁସେନା ଦିବସ ଅବସରରେ ଜଣେ ଭାରତୀୟ ହିସାବରେ ଏହି ସେନା ବିଭାଗର ପ୍ରତିଟି ବୀରଯୋଦ୍ଧା ଓ ସାହାସିକ ସୈନିକଙ୍କୁ ମୁଁ ଗଭୀର ପ୍ରଣାମ ଜଣାଉଛି।


♥ ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ, ମୋ: ୯୪୩୭୦୦୪୮୮୮

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୮ ଅକ୍ଟୋବର ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମାର

email : rabibarachayan2015@gmail.com




ଚେତନାର ଦର୍ପଣ

# ॥ ନିରାଶା ॥

## ଲଳିତ ମୋହନ ମିଶ୍ର



ଜଣେ ବ୍ୟକ୍ତି କୂଅରୁ ପାଣି ପିଉଥିଲା । ତାଙ୍କୁ ପାଣି କାଢି ଦେଇଥିବା ଭଉଣୀଟି ମଜାରେ କହିଦେଲା, ଏ ହେ... ତୋ ପେଟକୁ ଛୋଟିଆ ଝିଟିପିଟି ପଳାଇଲା । ବାସ୍ତବରେ କୂଅ ନିକଟରେ ଥିବା ଗଛରୁ ଏକ ଛୋଟ ପତ୍ର ଖସି ପଡ଼ିଥିଲା। ସେହି ବ୍ୟକ୍ତିର ମନରେ ଚିନ୍ତା ଆସିଲା ଯେ, ଝିଟିପିଟି ମୋ ପେଟକୁ ଚାଲିଗଲା । ମୁଁ ଏବେ ସୁସ୍ଥ ନୁହେଁ । ସେହି ବ୍ୟକ୍ତିଙ୍କ ପରିବାର ବହୁତ ଯାଗାରେ ନେଇ ତାଙ୍କର ଚିକିତ୍ସା କରାଇଲେ, କିନ୍ତୁ କେଉଁଠି ହେଲେ ସେ ସୁସ୍ଥ ହୋଇପାରିଲାନାହିଁ । ତା'ପରେ ଜଣେ ଅଭିଜ୍ଞ ବୟସ୍କ ଡାକ୍ତରଙ୍କ ପାଖକୁ ତାକୁ ନେଇ କରି ଗଲେ, ସେ ପୁରା ଇତିହାସ ଶୁଣିଲେ । ସେ ସବୁ ଶୁଣିବା ପରେ କହିଲେ, ବାବୁ ! ତୁମେ ଭଲ ହୋଇଯିବ । କାରଣ ଏବେ ଝିଟିପିଟି ବାହାରକୁ ଆସିବାର ସମୟ ଆସିଗଲାଣି । ପାଣି ପିଆଉଥିବା ଭଉଣୀକୁ ନେଇ ଡାକ୍ତର ସେହି କୂଅକୁ ପାଖକୁ ଗଲେ । ସେ କୂଅରୁ ପୁଣି ପାଣି କାଢି ପିଇବାକୁ ଦେଲା । ବ୍ୟକ୍ତି ଜଣକ ଅଞ୍ଜୁଳି କରି ପାଣି ପିଇବା ମାତ୍ରେ ପଛପଟୁ କେହି ଜଣେ ତାଙ୍କୁ ଜୋରରେ ପିଠିକୁ ବିଧା ମାରି କହିଲେ - ଦେଖ୍, ଝିଟିପିଟି ବାହାରକୁ ବାହାରିଗଲା । ଏହା କେତେ ବଡ଼ ଥିଲା ! ପରଦିନଠାରୁ ବ୍ୟକ୍ତିଜଣକ ଧୀରେ ଧୀରେ ସୁସ୍ଥ ହେବାକୁ ଲାଗିଲା। ମାସେ ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲା । କେହି ଝିଟିପିଟିକୁ ପେଟ ଭିତରକୁ ଯାଇଥିବା ଦେଖିନଥିଲେ କି ବାହାରକୁ ଆସିବାର ଦେଖି ନ ଥିଲେ।

ମଣିଷର ମନ ଏମିତି ଯେ, କୌଣସି ଜିନିଷ ତାର ମନରେ ସ୍ଥିର ହୋଇଗଲେ ସେ ଅସମ୍ଭବକୁ ସମ୍ଭବ କରିପାରିବ ବୋଲି ବିଶ୍ୱାସ କରେ । ଥରେ ଜଣେ ଯଦି ନିରାଶ ହୋଇଗଲା, ସେ ଆଉ କିଛି କରିପାରିବ ନାହିଁ । ତେଣୁ ତୁମେ ତୁମ ଭିତରେ ନିରାଶାର ରାକ୍ଷସକୁ ବିଲୋପ କର । ଅଯଥା ଚିନ୍ତା କରି ମନକୁ ଅସୁସ୍ଥ କର ନାହିଁ । ଭ୍ରମ ଅନ୍ୟ କୌଣସି ସ୍ଥାନରୁ ଆସିନଥାଏ, ଏହା ନିଜ ଭିତରୁ ହିଁ ଉତ୍ପନ୍ନ ହୋଇଥାଏ । ନିଜକୁ ଜଣେ ଶ୍ରେଷ୍ଠ ପୁରୁଷ ଭାବିଲେ, ତୁମେ କାହା ଦ୍ୱାରା ପରାସ୍ତ ହେବ ନାହିଁ । ନା ତୁମର ସମସ୍ୟା ଥିଲା , ନା ରୋଗ ଥିଲା, ନା ଦୁଃଖ ଥିଲା କିନ୍ତୁ ତୁମେ ନିଜକୁ ନିଜେ ନିରାଶା ଚକ୍ରରେ ଘାଣ୍ଟି ହେଉଥିଲ ।


(ମୋ) ୯୪୩୭୯୮୫୮୬୬


# ଲୋକନାୟକ ଜୟପ୍ରକାଶ

## ଯୁଧିଷ୍ଠିର ମହାରଣା



୧୯୭୦ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ବିରୋଧ କରି ସଂପୂର୍ଣ୍ଣ କ୍ରାନ୍ତି ବା ପୂର୍ଣ୍ଣ ବିପ୍ଳବର ଆହ୍ୱାନ ଦେଇ ଜରୁରୀକାଳୀନ ଆଇନ ବିରୋଧରେ ଭାରତୀୟଙ୍କୁ ଏକଜୁଟ କରାଇଥିବା ଭାରତ ରତ୍ନ ଲୋକନାୟକ ଜୟପ୍ରକାଶ ନାରାୟଣ ୧୯୦୨ରେ ବିହାରର ସୀତାବଦିୟାରା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସ୍ୱାଧୀନତୋତ୍ତର ଭାରତ ବର୍ଷର ସର୍ବଶ୍ରେଷ୍ଠ ଲୋକନେତା ଭାବେ ତାଙ୍କୁ ଗ୍ରହଣ କରାଯାଇଛି । ପିତା ହରସୁ ଦୟାଲ ଓ ମାତା ଫୁଲରାଣୀଙ୍କ କୋଳମଣ୍ଡନ କରିଥିବା ଜୟପ୍ରକାଶ ୧୯୧୮ରେ ମାଟ୍ରିକ ପାସ୍ କଲାପରେ ୧୯୨୮ରେ ବିଏ ଓ ୧୯୨୯ରେ ଏମ୍ଏ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଗାନ୍ଧୀଜୀଙ୍କ ନେତୃତ୍ୱରେ ୧୯୩୦ରେ କଂଗ୍ରେସ ଭାରତର ସଂପୂର୍ଣ୍ଣ ସ୍ୱାଧୀନତା ଲାଭକୁ ଜାତୀୟ ଲକ୍ଷ୍ୟ ରୂପେ ଘୋଷଣା କଲା। ଜୟପ୍ରକାଶ ନେହେରୁଙ୍କ ସହକର୍ମୀ ରୂପେ ଯୋଗ ଦେଇ ଆନନ୍ଦ ଭବନରେ ସହକର୍ମୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୩୪ରେ ସେ ବିହାର କଂଗ୍ରେସ ସୋସିଆଲିଷ୍ଟ ପାର୍ଟି ନାମକ ଦଳ ଗଠନ କରିଥିଲେ।



ଜୟପ୍ରକାଶ ଯୌବନରେ ଗାନ୍ଧୀବାଦ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲେ ହେଁ ସାରା ଜୀବନ ନିଜକୁ କଂଗ୍ରେସ ମଧ୍ୟରେ ସୀମିତ ରଖିପାରି ନଥିଲେ । ତାଙ୍କର ପତ୍ନୀ ପ୍ରଭାବତୀ ମଧ୍ୟ ଥିଲେ ଗାନ୍ଧୀଙ୍କ ପ୍ରଦର୍ଶିତ ମାର୍ଗରେ ଚାଲୁଥିବା ମହିଳା । ସେ କସ୍ତୁରବା ଗାନ୍ଧୀଙ୍କର ଅତି ନିକଟତର ଥିଲେ ।

ଜୟପ୍ରକାଶ ଯୌବନରେ ଗାନ୍ଧୀବାଦ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲେ ହେଁ ସାରା ଜୀବନ ନିଜକୁ କଂଗ୍ରେସ ମଧ୍ୟରେ ସୀମିତ ରଖିପାରି ନଥିଲେ । ତାଙ୍କର ପତ୍ନୀ ପ୍ରଭାବତୀ ମଧ୍ୟ ଥିଲେ ଗାନ୍ଧୀଙ୍କ ପ୍ରଦର୍ଶିତ ମାର୍ଗରେ ଚାଲୁଥିବା ମହିଳା । ସେ କସ୍ତୁରବା ଗାନ୍ଧୀଙ୍କର ଅତି ନିକଟତର ଥିଲେ । କଂଗ୍ରେସର ବିଭିନ୍ନ କାର୍ଯ୍ୟକଳାପ ପ୍ରସଙ୍ଗରେ ଜୟପ୍ରକାଶ ପତ୍ନୀଙ୍କ ସହ ସହମତ ହେଉ ନଥିଲେ ମଧ୍ୟ ତାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁନଥିଲେ । ଜୟ ପ୍ରକାଶ ଗାନ୍ଧୀବାଦ ସହ ମାର୍କସ୍‌ବାଦକୁ ଏକତ୍ର ଗ୍ରହଣ କରିଥିବା ଜନନାୟକଙ୍କ ମଧ୍ୟରେ ଅନ୍ୟତମ । ସ୍ୱାଧୀନତା ପୂର୍ବରୁ କଂଗ୍ରେସ ଭିତରେ ରହି ସେ କଂଗ୍ରେସ ସୋସାଲିଷ୍ଟ ପାର୍ଟି ଗଠନ କରିଥିଲେ । ଦେଶ ସ୍ୱାଧୀନ ହେବା ପରେ ନେହରୁଙ୍କ ତଥାକଥିତ ସ୍ୱପ୍ନର ଭାରତର ତାଙ୍କୁ ବ୍ୟଥିତ କରିଥିଲା ଏବଂ କଂଗ୍ରେସ ରାଜନୀତିରୁ ନିଜକୁ ଦୂରେଇ ସେ ପ୍ରକୃତ ଗାନ୍ଧୀବାଦୀ ଭାବେ ବିନୋବା ଭାବେଙ୍କ ସର୍ବୋଦୟ ଆନ୍ଦୋଳନରେ ଯୋଗଦେଇଥିଲେ । ସମଗ୍ର ବିହାରରେ ଭୂଦାନ ସପକ୍ଷରେ ପ୍ରଚାର କରିଥିଲେ । ପ୍ରଜା ସୋସାଲିଷ୍ଟ ପାର୍ଟି ସହ ମଧ୍ୟ ତାଙ୍କର ସଂପର୍କ ଚିରସ୍ଥାୟୀ ହୋଇପାରି ନଥିଲା । କାରଣ ସେ ରାଜନୀତିରେ ନୁହେଁ ଲୋକନୀତିରେ ବିଶ୍ୱାସ କରୁଥିଲେ । ଗାନ୍ଧୀ ମହାତ୍ମାଙ୍କ ପରି ବର୍ଣ୍ଣବୈଷମ୍ୟବିହୀନ, ସତ୍ୟ ଓ ଅହିଂସା ଉପରେ ଆଧାରିତ ସମାଜ ସେ ଚାହୁଁଥିଲେ । ଜରୁରୀକାଳୀନ ପରିସ୍ଥିତିରେ ସେ ଇନ୍ଦିରାଙ୍କ ବିରୋଧରେ ସିଂହାସନ ଖାଲି କରୋ କେ ଜନତା ଆତୀ ହୈ, ଧ୍ୱନି ମାଧ୍ୟମରେ ସଂପୂର୍ଣ୍ଣ ବିପ୍ଳବର ଆହ୍ୱାନ ଦେଇଥିଲେ । ତାଙ୍କ ଉଦ୍ୟମରେ ୧୯୭୭ରେ ପ୍ରଥମ ଅଣକଂଗ୍ରେସ ଦଳ ଭାବେ ଜନତା ପାର୍ଟି କେନ୍ଦ୍ରରେ ସରକାର ଗଢ଼ିଥିଲା । ୧୯୭୫ ଜୁନ୍ ୨୫ ତାରିଖରେ ଦେଶରେ ଜରୁରୀ କାଳୀନ ଅବସ୍ଥା ଜାରି ହେଲା। ଜୁନ୍ ୨୬ରେ ସେ କାରାବରଣ କରିଥିଲେ। ତେବେ ପାଞ୍ଚମାସ କାରାଗାରରେ ରହିବା ପରେ ତାଙ୍କ ଦେହ ଖରାପ ହୋଇପଡ଼ିବାରୁ ନଭେମ୍ବର ୧୨ରେ ଖଲାସ କରାଯାଇ ମୁମ୍ବାଇର ଯଶଲୋକ ହସ୍‌ପିଟାଲରେ ଚିକିତ୍ସା କରାଯାଇଥିଲା। ୧୯୭୭ ମସିହାର ପ୍ରଥମ ଭାଗରେ ନିର୍ବାଚନ ଘୋଷଣା ପ୍ରକାଶ ପାଇବାପରେ ଜୟପ୍ରକାଶଙ୍କ ନେତୃତ୍ୱରେ ଜନତା ଦଳ ଗଠନ ହୋଇ ନିର୍ବାଚନରେ ଅଂଶ ଗ୍ରହଣ କରିଥିଲା। ୧୯୭୬ ମାର୍ଚ୍ଚ ୨୪ ତାରିଖରେ ମୋରାଜୀ ଦେଶାଇ ଭାରତର ପ୍ରଧାନ ମନ୍ତ୍ରୀ ହେଲା ଓ ବ୍ୟକ୍ତି ସ୍ୱାଧୀନତା ଫେରାଇ ଦେବାକୁ ଶପଥ ନେଲେ। ଯାହାଦ୍ୱାରା ଜୟପ୍ରକାଶଙ୍କ ସାଧନା କେତେକାଂଶରେ ପୂର୍ଣ୍ଣ ହୋଇଥିଲା। ଗୀତା ବର୍ଣ୍ଣିତ କର୍ମଯୋଗୀ ପରି ଜୀବନର ଯାତ୍ରା ପଥରେ ସେ ନିଃସ୍ୱାର୍ଥପର ଅବିଚଳିତ ଭାବରେ କର୍ମ ସମ୍ପାଦନ କରି ଫଳ ଲାଭର ଆଶା ନରଖି ନିଜ ଜୀବନକୁ ଅତି ସାଧାରଣ ସ୍ତରରେ ନିର୍ବାହ କରିଥିଲେ। ତେବେ ସେ ମଧ୍ୟ ଗାନ୍ଧୀଙ୍କ ପରି କ୍ଷମତା ରାଜନୀତି ଠାରୁ ଦୂରେଇ ରହିବାକୁ ଚାହୁଁଥିଲେ; ନ ହେଲେ ଭାରତବର୍ଷର ପ୍ରଧାନମନ୍ତ୍ରୀ ଅବଶ୍ୟ ହୋଇପାରିଥାଆନ୍ତେ । ୧୯୭୯ ଅକ୍ଟୋବର ଆଜିର ଦିନରେ ତାଙ୍କର ଦେହାନ୍ତ ହୋଇଥିଲା ।


♥ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ: ୯୪୩୭୧୬୩୫୨୮


# ମୋ ମାଆ ସୁବର୍ଣ୍ଣରେଖା

## ଡ. ଶ୍ରୀକାନ୍ତ ଚରଣ ପାତ୍ର

### ଆମର ନଈକୂଳିଆ ଗାଆଁ ( ୨ )

### ବିଭିନ୍ନ ଋତୁରେ ମୋ ନଦୀ ମାଆର ରୂପ ବଦଳିଯାଏ

ବର୍ଷାଦିନରେ ସେ ପୂର୍ଣ୍ଣଗର୍ଭା ଓ ଭୀତି ପ୍ରଦାୟିନୀ, ପୁଣି କେବେକେବେ କୂଳଲଘଂନକାରିଣୀ ।

ସେଇ ସମୟରେ ନଦୀରେ ଗଛବୁରୁଛ , ଚାଳଘର, ମୃତ ଗୋରୁଗାଇ, ଛେଳି ମେଣ୍ଢା, ନାନାଜାତିର ସରୀସୃପ ଭାସିଯାଉଥାନ୍ତି । ନଦୀ ଗର୍ଭରେ ଉଠୁଥିବା 'ଉଖାଳ' ସବୁ ଦେଖିବା ଲୋକର ଛାତି ଥରାଇଦିଏ । ତାର ଉଭୟକୂଳରୁ ଅତଡା ଖସେ । ତା' କୂଳରେ ଛିଡାହୋଇ ସେଇ ଛାତିଥରା ଦୃଶ୍ୟ ଦେଖୁଥିବା ଲୋକ ଜଣକ ସାବଧାନ ନହେଲେ ତା' ପାଦତଳର ମାଟି ସହିତ ନଦୀଗର୍ଭକୁ ଭାସିଯିବାର ସମ୍ଭାବନା ଅଧିକ । ସେଇଭଳି ପଶୁମାନଙ୍କ କଥା ବି ।

ସେ କୂଳ ଲଘଂନ କଲେ ବନ୍ୟା ହୁଏ, ତଳିଆ ଅଂଚଳରେ ପାଣିପଶି ଜଳାର୍ଣ୍ଣବ କରିଦିଏ । ସେ ଅନୁଭୂତି ସ୍ୱତନ୍ତ୍ର ।

ଏଇଭଳି ଭୟଙ୍କର ବିପଦସଂକୁଳ ସମୟରେବି ଆମକୁ ନଦୀ ପାରି ହେବାକୁ ପଡୁଥାଏ ।

ସିଏ ପୁଣି ଶରତ ଓ ଶୀତ ଋତୁରେ ହୁଏ ଶାନ୍ତ, ସୁଧାର ଓ କଳକଳ ନାଦିନୀ । ସକାଳ ଓ ସନ୍ଧ୍ୟାରେ ତାର ମନଲୋଭା ଦୃଶ୍ୟ ଭୁଲି ହେଉନି ।

**ଗ୍ରୀଷ୍ମରେ ସେ ହୁଏ କ୍ଷୀଣକାୟା, ସ୍ୱଚ୍ଛ ଓ ସୁମଧୁର ନୀର ପ୍ରଦାୟିନୀ । ସେତେବେଳେ ନଦୀ ପାରିହେବା ପାଇଁ ନୌକାର ଆବଶ୍ୟକତା ନଥାଏ । 'ଥଳ'ରେ ପଶି ନଦୀପାର ହୋଇଯାଉଁ ସିନା, କିନ୍ତୁ ତାପରେ ତାର ଉତ୍ତପ୍ତ ବାଲୁକା ଶଯ୍ୟାରେ ପାଦ ଥାପିବା ବା ଚାଲିବା ଖୁବ୍ ଯନ୍ତ୍ରଣା ଦାୟକ।**

ନଦୀକୂଳରେ ଓ ଗର୍ଭରେ ବିଭିନ୍ନଜାତିର ପକ୍ଷୀଙ୍କର ମତ୍ସ୍ୟ ଶୀକାର, ସେମାନଙ୍କର କଳରବ, ଉଦୟ ଓ ଅସ୍ତକାଳୀନ ସୂର୍ଯ୍ୟଙ୍କର ସୁନେଲି କିରଣ ନଦୀ ଜଳଉପରେ ସୃଷ୍ଟି କରୁଥିବା ନାନାରକମର ବର୍ଣ୍ଣବିଭା ଦର୍ଶକର ମନପ୍ରାଣକୁ କ୍ଷଣିକ ପାଇଁ ହେଲେବି ବିମୋହିତ କରିଦିଏ, ସେ ଭୁଲିଯାଏ ଜାଗତିକ ସୁଖଦୁଃଖ ଓ ହର୍ଷବିଷାଦ।

ଗ୍ରୀଷ୍ମରେ ସେ ହୁଏ କ୍ଷୀଣକାୟା, ସ୍ୱଚ୍ଛ ଓ ସୁମଧୁର ନୀର ପ୍ରଦାୟିନୀ । ସେତେବେଳେ ନଦୀ ପାରିହେବା ପାଇଁ ନୌକାର ଆବଶ୍ୟକତା ନଥାଏ । 'ଥଳ' ରେ ପଶି ନଦୀପାର ହୋଇଯାଉଁ ସିନା, କିନ୍ତୁ ତାପରେ ତାର ଉତ୍ତପ୍ତ ବାଲୁକା ଶଯ୍ୟାରେ ପାଦ ଥାପିବା ବା ଚାଲିବା ଖୁବ୍ ଯନ୍ତ୍ରଣା ଦାୟକ। ସୁବର୍ଣ୍ଣରେଖାର ତଟବର୍ତ୍ତୀ ମୁଣ୍ଡୁତୁଣିଆ ଗାମରେ ଜନ୍ମିତ ଭକ୍ତ କବି ଦୀନକୃଷ୍ଣ ଦାସ ଲେଖିଛନ୍ତି...

'କ୍ରମେ ମଧୁଶେଷ
ହୋଇଲା ପ୍ରବେଶ
ହୋଇଲା ଗ୍ରୀଷମ ସମୟେ
କରମାଳିକର
ମହା ଖରତର
କମଳ କୁମାର ପରାୟେ
ସୁଜନେ,
କି କହିବା ମହୀ ତପତ
କରାଇଲା ନୃତ୍ୟ
ପଥିକ ପଦକୁ
ସଂଗ୍ରାମଭୂମି ଅଶ୍ୱବତ ।'
ପୁଣି ଲେଖିଲେ ...
'ସୁଜନେ,
କୃଶ ହୋଇଲେ ନଦୀଜଳ,
କାନ୍ତ ଘନରସ
ବିହୀନେ ଯେମନ୍ତ
ଦିଶନ୍ତି ବିରହିଣୀକୁଳ ।'
(ରସକଲ୍ଲୋଳ/୧୫ଶ ଛାନ୍ଦ )

କେବଳ କଣ ଏତିକି ? ନଦୀଗର୍ଭରୁ ଶୁଖିଲା ବାଲି ପବନରେ ଉଡି ପଥଚାରୀର ଲୁଗାପଟା ଭର୍ତ୍ତିକରିଦେଉଥିବା ବେଳେ ସମୟ ସମୟରେ ତାର ଚକ୍ଷୁରେ ପଡି ତାକୁ ସାମୟିକ ଅନ୍ଧ କରିଦିଏ । ସେ ବାଲି ବାହାର ନକରି ଆଗକୁ ପାଦ ପକାଇବା ଅସମ୍ଭବ ହୋଇଯାଏ । ବଜାରଶୋଳ ଥଳଘାଟରେ ଜଳପୂର୍ବରୁ ଓ ପରେ ଶୁଖିଲା ବାଲି, ମଥୁରାନାଥ (ପୀରଘାଟ ) ତଥା ଶିଖରପୁର ଥଳଘାଟରେ ପ୍ରଥମେ ବିସ୍ତୀର୍ଣ୍ଣ ଶୁଖିଲାବାଲି ତାପରେ ଜଳ ରହୁଥାଏ । ଚପଲ ବା ଯୋତାମାଡି ଶୁଖିଲା ବାଲି ଉପରେ ଚାଲି ହୁଏନି । ମଥାଉପରେ ପ୍ରଚଣ୍ଡ ସୂର୍ଯ୍ୟକିରଣ, ତଳେ ତତଲାବାଲି । କଣ କରୁଥିଲୁ ଆମେ ?କିମିତି ଚାଲୁଥିଲୁ ସେତେବେଳେ ? ମଥାରେ ଓଦା ଗାମୁଛା



ପକାଉଁ । ନଦୀପାଖରୁ ବିଭିନ୍ନ ଗଛର ଡାଳପତ୍ର ଭାଙ୍ଗି, ହାତରେ ଧରି ବାଲିରେ କିଛିବାଟ ଚାଲୁଁ । ତଳିପା ତାତିଗଲେ ବାଲିରେ କଂଚା ଡାଳର ପତ୍ର ରଖି ତା'ଉପରେ ଛିଡାହେଉଁ । କିଛିସମୟ ପରେ ପୁଣି ଚାଲୁଁ, ପୁଣି ଛିଡାହେଉଁ, ପୁଣି ଚାଲୁଁ । ଗଛର ଡାଳପତ୍ର ନମିଳିଲେ ଛତା ବନ୍ଦକରି ବାଲି ଉପରେ ରଖି ତା'ଉପରେ ଛିଡାହେଉଁ । ଇମିତି ଭାବରେ ଖରାଦିନେ ନଦୀ ପାରି ହେଉଥିଲୁ ।

ଏହାପରେ ବର୍ଷାଋତୁ ଆସିଗଲେ ତାର ରୂପ ବଦଳିଯାଏ ।

ବର୍ଷର ବିଭିନ୍ନ ସମୟରେ ତାର ଏ ପରିବର୍ତ୍ତିତ ରୂପକୁ ଯିଏ ପ୍ରତ୍ୟକ୍ଷ ନକରିଛି, ସିଏ କେବେବି ବିଶ୍ୱାସ କରିପାରିବନି ବା ମନଶ୍ଚକ୍ଷୁରେ ଦର୍ଶନବି କରିପାରିବନି କିମ୍ୱା ଅନୁଭବ କରିପାରିବନି । ( ଅନ୍ୟନଦୀ କୂଳର ବାସିନ୍ଦାଙ୍କ ବ୍ୟତୀତ )।

ମୋ ନଦୀ ମାଆର କେତେରୂପ ଓ କେତେ ବେଶ ସତରେ (କ୍ରମଶଃ)


♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧


# ଶକ୍ତିସ୍ୱରୂପିଣୀ ମାଆ ଦୁର୍ଗା





ଆଲେଖ୍ୟ:
## ସମ୍ବେଦନା ମିଶ୍ର

'ଯାଦେବୀ ସର୍ବଭୂତେଷୁ
ଶକ୍ତିରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ
ନମସ୍ତସ୍ୟୈ ନମୋନମଃ ।'

ସକଳ ସୃଷ୍ଟିର ମୂଳରେ ରହିଛି ଶକ୍ତି । ହିନ୍ଦୁ ଧର୍ମଗ୍ରନ୍ଥରେ ଦେବୀମାନଙ୍କୁ ଶକ୍ତିର ଅବତାର ଭାବେ ବର୍ଣ୍ଣନା କରାଯାଇଛି । ଦେବଭୂମି ଭାରତରେ ଦଶହରା ଅବସରରେ ମାତୃଶକ୍ତିର ଆବାହନ କରି ମାଆ ଦୁର୍ଗାଙ୍କୁ ଆରାଧନା କରାଯାଏ । ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ତିଥିରୁ ଶୁକ୍ଳପକ୍ଷ ବିଜୟାଦଶମୀ ପର୍ଯ୍ୟନ୍ତ ବିଭିନ୍ନ ଶକ୍ତିପୀଠମାନଙ୍କରେ ମାଆଙ୍କର ଷୋଡଶ ଦିନବ୍ୟାପୀ ପୂଜାବିଧି ପାଳନ କରାଯାଏ । କେତେକ ସ୍ଥାନରେ ଦେବୀମାଆଙ୍କୁ ନବଦିନ ବ୍ୟାପୀ ପୂଜାବିଧିରେ ଆବାହନ କରାଯାଇଥାଏ ଯାହାକୁ ନବରାତ୍ର ପୂଜା କୁହାଯାଏ । ଦଶହରାରେ ପାଞ୍ଚଦିନ ଯଥା ମହାଷଷ୍ଠି, ମହାସପ୍ତମୀ, ମହାଅଷ୍ଟମୀ, ମହାନବମୀ ଓ ବିଜୟାଦଶମୀ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଷଷ୍ଠି ଦିନ ପୂଜାସଂକଳ୍ପ କରାଯିବା ସହ ସପ୍ତମୀ ଦିନ ସକାଳୁ ପୂଜା ଆରମ୍ଭ ହୋଇଥାଏ ।

ଷଷ୍ଠିଦିନ ବେଲଗଛ ପାଖରେ ମାଆଙ୍କୁ ସ୍ୱାଗତ କରାଯାଇ ରାତ୍ରିକାଳ ଶେଷରେ ମାଆଙ୍କର ଚକ୍ଷୁଦାନ ସମ୍ପନ୍ନ ହୁଏ । ଏହା ମାଆଙ୍କର ବିଶେଷ ପୂଜାବିଧି । ସେହିପରି ସପ୍ତମୀରେ ନବପତ୍ରିକା ପୂଜା କରାଯାଏ, ଯେଉଁଥିରେ କଦଳୀଗଛକୁ ପୂଜା କରାଯାଏ । ଏହାପରେ ସ୍ନାନନୀତି ସମ୍ପନ୍ନ ହୋଇଥାଏ । ଅଷ୍ଟମୀରେ ହୁଏ ମାଆଙ୍କର ମୁଖ୍ୟସନ୍ଧି ପୂଜା । ଏହି ଦିନ ମାଆଙ୍କ ପାଖରେ ବଳି ଦିଆଯାଏ । ପୂର୍ବରୁ ଜୀବମାନଙ୍କୁ ବଳି ଦିଆଯାଉଥିଲା କିନ୍ତୁ ଏବେ ପାଣିକଖାରୁ, ଲାଉ ଆଦି ବଳି ଦିଆଯାଉଛି । ଓଡିଶାରେ ଏହିଦିନ ମହିଳାମାନେ ଶାଢ଼ୀ,ଚୁଡ଼ି,ସିନ୍ଦୂର ଓ ଫଳ ମୂଳ ଇତ୍ୟାଦି ଆଣି ମାଆଙ୍କର ପାଖରେ ଭୋଗ କରିସାରିବାପରେ ନୂଆବସ୍ତ୍ର ପରିଧାନ କରିଥାନ୍ତି । ନବମୀରେ ମାଆଙ୍କର ପାଖରେ ଆମିଷ ଭୋଗ ହୋଇଥାଏ । ଦଶମୀ ଦିନ ମାଆଙ୍କର ଅପରାଜିତା ପୂଜା ଅନୁଷ୍ଠିତ ହୋଇଥାଏ । ଏହି ସମୟରେ ମହିଳାମାନେ ସିନ୍ଦୁର ଖେଳ ଖେଳିଥାନ୍ତି । ଏହି ଦିବସର ପ୍ରମୁଖ ଭୋଗ ଦହି ପଖାଳ ।

ମହିଷାସୁର ମର୍ଦ୍ଦିନୀ ମା' ଦୁର୍ଗାଙ୍କର ବିଜୟ ଗାଥାର ନିଦର୍ଶନ ଦେବୀ ଭାଗବତ, ମାର୍କଣ୍ଡେୟ ପୁରାଣ ଆଦିରେ ବର୍ଣ୍ଣିତ। ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓନ୍ୟାୟର ବିଜୟର ନିଦର୍ଶନ। ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣିତ ଅଛି ମେଧା ଋଷିଙ୍କର ମାର୍ଗଦର୍ଶନରେ ମାତାଦୁର୍ଗାଙ୍କୁ ସନ୍ତୁଷ୍ଟ କରି ତାଙ୍କ ଆଶିର୍ବାଦରୁ ରାଜ୍ୟହୀନ ରାଜା ସୁରଥ ପୁନଃ ନିଜ ରାଜ୍ୟ ଫେରିପାଇ ଥିଲେ ଓ ସମାଧି ବୈଶ୍ୟ ମଧ୍ୟ ନିଜର ଅଭିଳଷିତ ବର ଲାଭ କରିପାରିଥିଲେ। ସମସ୍ତ ଦେବତା ଯେ ବେମହିଷାସୁରର ଅତ୍ୟାଚାରରେ ସନ୍ତପ୍ତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନ ହେଲେ ସେତେବେଳେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ, ଏବଂ ଦେବୀ ଦୁର୍ଗା ପ୍ରକଟିତା ହେଲେ।

ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ମହିଷାସୁର (ମହିଷ ଆକୃତି ଥିବା ଏକ ରାକ୍ଷସ) ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଅତ୍ୟାଚାର କଲା, ଫଳରେ ଦେବଗଣ ଭୀତଗ୍ରସ୍ତ ହୋଇ ବ୍ରହ୍ମାଙ୍କ ନିକଟରେ ନିଜର ଦୁଃଖ ଜଣାଇଲେ। ସର୍ବ ସମ୍ମତି ପରେ ବ୍ରହ୍ମା ଓ ଶିବ ଦେବତାମାନଙ୍କୁ ନେଇ ତାଙ୍କ ନିକଟରେ ଉପସ୍ଥିତ ହୋଇ ଦେବଗଣଙ୍କ ଦୁର୍ଦ୍ଦଶା ଜଣାଇଲେ ।ଦେବତାମାନଙ୍କର ଦୁର୍ଦ୍ଦଶା ଶୁଣି ଉଭୟ ବିଷ୍ଣୁ ଓ ଶିବଅତ୍ୟନ୍ତ କ୍ରୋଧ ପ୍ରକାଶ କଲେ ଏବଂ କ୍ରୋଧରେ ଉଭୟଙ୍କ ମୁଖମଣ୍ଡଳ ଲାଲ୍ ହୋଇଗଲା। ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ଭ୍ରୁକୁଟୀ କୁଟିଳ ହେବାରୁ, ସେହି ତିନି ଦେବତାଙ୍କ ମୁଖରୁ ଗୋଟିଏ କାଳାନଳ ସଦୃଶ ତେଜ ପ୍ରକାଶ ହେଲା। ତତ୍ସହିତ ଇନ୍ଦ୍ର ଓ ସମଗ୍ର ଦେବଗଣଙ୍କ ମୁଖରୁ ମଧ୍ୟ ତେଜ ନିର୍ଗତ ହେଲା। ସମସ୍ତ ତେଜ ଧିରେ ଧିରେ ଆକାଶରେ ସମ୍ମିଳିତ ହୋଇ ଏକାକାର ହୋଇଗଲା। ସେହି ତେଜରୁ ଅବିଳମ୍ବେ ଏକ ଦିବ୍ୟନାରୀ ରୂପରେ ପରିବର୍ତ୍ତିତ ହେଲା। ଶିବଙ୍କ ତେଜରେ ସେହି ଦିବ୍ୟନାରୀର ମୁଖ, ଯମଙ୍କ ତେଜରୁ କେଶ, ବିଷ୍ଣୁଙ୍କ ତେଜରୁ ଭୁଜ, ଚନ୍ଦ୍ରଙ୍କ ତେଜରୁ ଦୁଇସ୍ତନ, ଇନ୍ଦ୍ରଙ୍କ ତେଜରୁ ମଧ୍ୟଦେଶ, ବରୁଣଙ୍କ ତେଜରୁ ଜଙ୍ଘ ଓ ଉରୁ, ପୃଥିବୀଙ୍କ ତେଜରୁ ନିତମ୍ବ, ବ୍ରହ୍ମାଙ୍କ ତେଜରୁ ଚରଣ, ସୂର୍ଯ୍ୟଙ୍କ ତେଜରୁ ଚରଣର ଆଙ୍ଗୁଠି, ବସୁଗଣଙ୍କତେଜରୁହସ୍ତରଅଙ୍ଗୁଳି, କୁବେରଙ୍କ ତେଜରୁ ନାସିକା, ନବ ପ୍ରଜାପତିଙ୍କ ତେଜରୁ ଦନ୍ତାବଳୀ, ଅଗ୍ନିଙ୍କ ତେଜରୁ ତ୍ରିନେତ୍ର ସୃଷ୍ଟି ସମ୍ଭବ ହୋଇଥିଲା। ସନ୍ଧ୍ୟାଙ୍କ ତେଜରୁ ଭ୍ରୂକୁଟୀ, ପବନଙ୍କ ତେଜରୁ କର୍ଣ୍ଣ, ଅନ୍ୟାନ୍ୟ ଦେବତାଗଣ ଓ ବିଶ୍ୱକର୍ମାଙ୍କ ତେଜରୁ ଦେବୀଙ୍କର ସମଗ୍ର ଶରୀର ସୃଷ୍ଟି ହୋଇଥିଲା। ଦେବୀଙ୍କ ଦିବ୍ୟରୂପ ଦେଖି ଦେବତାଗଣ ଭାବିଲେ ଯେ ଏ ନିଶ୍ଚୟ ଆମର ଦୁର୍ଗତି ନାଶ କରିବ। ତେଣୁ ସମଗ୍ର ଦେବତା ସେହି ଦିବ୍ୟ ନାରୀର ନାମ ରଖିଲେ 'ଦୁର୍ଗା' । ତା'ପରେ ଦେବଗଣ ନିଜ ନିଜର ଦିବ୍ୟାସ୍ତ୍ର ଦେବୀ ଦୁର୍ଗାଙ୍କୁ ପ୍ରଦାନ କଲେ। ପ୍ରଥମେ ଶିବ ନିଜର ତ୍ରିଶୂଳ ପ୍ରଦାନ କଲେ। ବିଷ୍ଣୁଚକ୍ର, ଅଗ୍ନିଶକ୍ତି, ପବନଧନୁର୍ବାଣ, ଇନ୍ଦ୍ର ବଜ୍ର ଓ ଘଣ୍ଟା, ଯମରାଜ କାଳଦଣ୍ଡ, ବରୁଣ ପାଶ ଓ ଶଙ୍ଖ, ଦକ୍ଷପ୍ରଜାପତି ଅକ୍ଷମାଳା ଏବଂ ବ୍ରହ୍ମାଦେବୀଙ୍କୁ କମଣ୍ଡଳୁ ପ୍ରଦାନ କଲେ। ଦେବୀଙ୍କର ସମଗ୍ର ଅବୟବ ପୂର୍ଣ୍ଣ ନହେବାରୁ, ସୂର୍ଯ୍ୟ ତାଙ୍କ ପ୍ରତିଲୋମରେ କିରଣମାଳା ପୂର୍ଣ୍ଣ କରିଦେଲେ, ମହାକାଳ ଦେବୀଙ୍କୁ କାଳର ଲହଲହ ଜିହ୍ୱା ସଦୃଶ ଗୋଟିଏ ଖଡ୍ଗ ପ୍ରଦାନ କଲେ। କ୍ଷୀର ସମୁଦ୍ର ଦେବୀଙ୍କ ଶରୀରର ସୌନ୍ଦର୍ଯ୍ୟକୁ ବର୍ଦ୍ଧିତ କରାଇ ବସ୍ତ୍ର, ଉତ୍ତରୀୟ, ମୋତିମାଳା, ଚୂଡ଼ାମଣି, ଦିବ୍ୟକୁଣ୍ଡଳ ତଥା କଙ୍କଣ ପ୍ରଦାନ କଲେ। ଚନ୍ଦ୍ରମା ଦେବୀଙ୍କ ଦୁଇପାଦରେ ଝୁଣ୍ଟୁଝୁଣ୍ଟୁ ପାହୁଡ, ବାହୁରେ ବାଜୁବନ୍ଧ, କଣ୍ଠରେ ଚାପସରୀ ଓ ଅଙ୍ଗୁଳିମାନଙ୍କରେ ରତ୍ନମୁଦ୍ରିକା ପିନ୍ଧାଇ ଦେଲେ। ବିଶ୍ୱକର୍ମା ଦେବୀଙ୍କୁ ଗୋଟିଏ ଅଭେଦ୍ୟ କବଚ ଓ ତୀକ୍ଷ୍ଣଧାର ଯୁକ୍ତ ପରଶୁ, କୁବେର ଗୋଟିଏ ସୁନ୍ଦର ପାନପାତ୍ର, ଅନନ୍ତନାଗ ଗୋଟିଏ ମଣି ଖଚିତ ନାଗହାର ପ୍ରଦାନ କଲେ। ପରିଶେଷରେ ହିମାଳୟ ଦେବୀଙ୍କ ବାହନ ରୂପେ ଏକ ସିଂହ ପ୍ରଦାନ କଲେ। ଦେବୀ ଦୁର୍ଗାସିଂହ ଉପରେ ଆସୀନ ହେବାମାତ୍ରେ ସମୁଦ୍ର ଏକ ପଦ୍ମମାଳା ଆଣି ତାଙ୍କ ଗଳାରେ ଲମ୍ବାଇ ଦେଲେ। ସମସ୍ତଦେବତା ନିଜ ନିଜ ଆୟୁଧ ଦୁର୍ଗାଙ୍କୁ ଦାନ କଲେ, ଶେଷରେ ଦେବୀ ସିଂହବାହିନୀ ହୋଇ ମହିଷାସୁର ସହ ଯୁଦ୍ଧ କରିଥିଲେ। ଯୁଦ୍ଧରେ ଦେବୀ ବିଡାଳାକ୍ଷ, ଅସିଲୋ ମା, ମହାହନୁ ଆଦି ମହିଷାସୁରର ଅନେକ ମୁଖ୍ୟ ସେନାପତିମାନଙ୍କୁ ବଧ କଲେ। ଅନ୍ତିମରେ ମହିଷାସୁର ନିଜର ମାୟାବୀ ଶକ୍ତିଦ୍ୱାରା ମହାମାୟାଙ୍କ ଉପରେ ଆକ୍ରମଣ କଲା, ଦେବୀ କ୍ଳାନ୍ତ ହୋଇପଡ଼ିବାରୁ ମହଦେବତାଙ୍କୁ ମଧୁପାନ କରିବାକୁ ଦେଇଥିଲେ। ଦେବୀ ପୁନଶ୍ଚ ଯୁଦ୍ଧରେ ନିମଗ୍ନା ହେଲେ। ଅନେକ ସମୟ ଯୁଦ୍ଧ କଲାପରେ ଦେବୀ ଶୂଳ ଦ୍ୱାରା ମହିଷାର ହୃଦୟ ବିଦ୍ଧ କଲେ, ଖଡ୍ଗ ଦ୍ୱାରା ଶିରଚ୍ଛେଦ କଲେ। ସେହି ସମୟ ଥିଲା ଚୈତ୍ର ଶୁକ୍ଳ ପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ, ତେଣୁ ଏହି ସମୟରେ ଦେବୀଙ୍କୁ ମହାଶକ୍ତି ରୂପେ ପୂଜା କରାହୁଏ। ତ୍ରେତା ଯୁଗରେ ରାବଣକୁ ପରାସ୍ତ କରିବା ହେତୁ ରାମଚନ୍ଦ୍ର ଚୈତ୍ର ବଦଳରେ ଆଶ୍ୱିନରେ ଏହି ପୂଜା କରିଥିଲେ, ସେବେଠାରୁ ଏହା ଉଭୟ ଚୈତ୍ର ବାସନ୍ତୀ ନବରାତ୍ର ଓ ଆଶ୍ୱିନ ଶାରଦ ନବରାତ୍ର ଭାବେ ବିଦିତ ଓ ଉଭୟ ସମୟରେ ଦେବୀଙ୍କ ମହାପୂଜା ପ୍ରଚଳିତ। ନବମୀର ପରବର୍ତ୍ତୀ ଦିନ ବିଜୟ ଉତ୍ସବ ବା ବିଜୟା ଦଶମୀ ପାଳିତ ହୁଏ, ଏହା ଦେବତାମାନଙ୍କ ଦ୍ୱାରା ମାଦୁର୍ଗାଙ୍କ ଯୁଦ୍ଧ ପରବର୍ତ୍ତୀ ବିଜୟାଭିଷେକର ପରମ୍ପରା। ଦୁର୍ଗାଙ୍କର ବିଦ୍ୟାରୂପୀ ଦଶ ଶକ୍ତି ନିରୂପଣ କରାଯାଇଛି ଆମ ଶାସ୍ତ୍ରରେ। ସେହି ଦଶ ମହାବିଦ୍ୟା ହେଉଛନ୍ତି-କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀଏବଂ କମଳା। ଏହା ମଧ୍ୟରେ କାଳୀ, ତାରା, ଛିନ୍ନମସ୍ତା, ଧୂମାବତୀ ଉଗ୍ରା, ତଥା ବଗଳା, ଭୈରବୀ ସୌମ୍ୟୋଗ୍ର ମହାବିଦ୍ୟା ଏବଂ ଷୋଡ଼ଶୀ, ଭୁବନେଶ୍ୱରୀ, କମଳା, ମାତଙ୍ଗୀ ସୌମ୍ୟ ମହାବିଦ୍ୟା ରୂପେ ପରିଚିତା। ସୌମ୍ୟ ମହାବିଦ୍ୟାଙ୍କୁ ଶ୍ରୀ ସୁନ୍ଦରୀ କୁଳରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଉଗ୍ର, ସୌମ୍ୟୋଗ୍ର ମହବିଦ୍ୟାଙ୍କୁ କାଳୀ କୁଳରେ ଅନ୍ତର୍ଭୁକ୍ତ କରା ହୋଇଛି। ଶ୍ରୀସୁନ୍ଦରୀ ଦେବୀ ମାନଙ୍କ ଆରଧନା ଗୃହ ମଧ୍ୟରେ ହେଉଥିଲା ବେଳେ କାଳୀ କୁଳଦେବୀମାନଙ୍କ ଉପାସନା ଶ୍ମଶାନ, ବଣ, ନଦୀତଟ ଆଦି ନିର୍ଜନ ସ୍ଥାନରେ ହୋଇଥାଏ, ତଥା ସୌମ୍ୟୋଗ୍ର ବିଦ୍ୟା ଉଭୟ ସ୍ଥାନରେ ଉପାସିତା ହୁଅନ୍ତି।

ଦୁର୍ଗାଙ୍କର ୧୦୮ଟି ନାମଅଛି। ସେଗୁଡିକ ହେଲା: ସତୀ, ସାଧ୍ୱୀ, ଭବପ୍ରିତା, ଭବାନୀ, ଭବମୋଚନୀ, ଆର୍ଯ୍ୟା, ଦୁର୍ଗେ, ଜୟା, ଆଧ୍ୟା, ଅଭୟା, ମାୟା, ତ୍ରିନେତ୍ରା, ଶୂଳଧାରିଣୀ, ପିନାକ ଧାରିଣୀ, ଚିତ୍ରା, ଚନ୍ଦ୍ରଘଣ୍ଟା, ମହାତପା, ବୁଦ୍ଧି, ଅହଙ୍କାରା, ଚିତ୍ତରୁପା, ଚିତା, ସର୍ବମନ୍ତ୍ରମୟୀ, ସତ୍ତା, ସତ୍ୟାନନ୍ଦ ସ୍ୱରୁପିଣୀ, ଅନନ୍ତା, ଭାବିନୀ, ଭବ୍ୟା, ଅଭୟା, ସଦାଗତୀ, ସାମ୍ଭାବୀ, ଦେବମାତା, ଚିନ୍ତା, ରତ୍ନପ୍ରିୟା, ସର୍ବବିଦ୍ୟା, ଦକ୍ଷକନ୍ୟା, ଦକ୍ଷ ଯଜ୍ଞବିନାସିନୀ, ଅପର୍ଣ୍ଣା, ଅନେକ ବର୍ଣ୍ଣା, ପାଟଳା, ପାଟଳାବତୀ, ପଟାମ୍ବର ପରିଧାନା, କଳମଞ୍ଜୀରୀରଞ୍ଜିନୀ, ଅମୟା, ବିକ୍ରମା, କ୍ରୂରା, ସୁନ୍ଦରୀ, ସୁରସୁନ୍ଦରୀ, ବନଦୁର୍ଗା, ମାତଙ୍ଗୀ, ମାତଙ୍ଗମୁନି ପୂଜିତା, ବ୍ରାହ୍ମୀ, ମାହେଶ୍ୱରୀ, ଐନ୍ଦ୍ରୀ, କୌମାରୀ, ବୈଷ୍ଣବୀ, ଚାମୁଣ୍ଡା, ବାରାହୀ, ଲକ୍ଷ୍ମୀ, ପୁରୁଷାକୃତି, ବିମଳା, ଉତ୍କର୍ଷିଣୀ, ଜ୍ଞାନା, କ୍ରିୟା, ନିତ୍ୟା, ବୁଦ୍ଧିଦା, ବହୁଳା, ବହୁଳାପ୍ରେମା, ସର୍ବବାହନବାହାନା, ନିଶୁମ୍ଭଶୁମ୍ଭହନନୀ, ମହିଷାସୁରମର୍ଦ୍ଦିନୀ, ମଧୁକୈଟଭହନ୍ତ୍ରୀ, ଚଣ୍ଡମୁଣ୍ଡବିନାଶିନୀ, ସର୍ବସୁରବିନାଶା, ସର୍ବଦାନବଘାତିନୀ, ସର୍ବଶାସ୍ତ୍ରମୟୀ, ସତ୍ୟା, ସର୍ବଶସ୍ତ୍ରଧାରିଣୀ, ଅନେକଶସ୍ତ୍ରହସ୍ତା, ଅନେକାସ୍ତ୍ରଧାରିଣୀ, କୁମାରୀ, ଏକକନ୍ୟା, କୈଶୋରୀ, ଯୁବତୀ, ଯତିଃ, ଅପ୍ରୌଢା, ପ୍ରୌଢା, ବୃଦ୍ଧମାତା, ବଳପ୍ରଦା, ମହୋଦରୀ, ମୁକ୍ତକେଶୀ, ଘୋରରୂପା, ମହାବଳା, ଅଗ୍ନିଜ୍ୱାଳା, ରୌଦ୍ରମୁଖୀ, କାଳରାତ୍ରିଃ, ତପସ୍ୱିନୀ, ନାରାୟଣୀ, ଭଦ୍ରକାଳୀ, ବିଷ୍ଣୁମାୟା, ଜଳୋଦରୀ, ଶିବଦୂତୀ, କରାଳୀ, ପରମେଶ୍ୱରୀ, କାତ୍ୟାୟନୀ, ସାବିତ୍ରୀ, ପ୍ରତ୍ୟକ୍ଷାଓବ୍ରହ୍ମାବାଦିନୀ ।

ମାତୃଶକ୍ତି ହିଁ ମହାଶକ୍ତି । ସୃଷ୍ଟି ତିଷ୍ଠି ରହିଛି କେବଳ ଶକ୍ତିମାନଙ୍କ ପାଇଁ । ଦୁର୍ଗାପୂଜା ବା ଶକ୍ତିପୂଜାର ଗୂଢ଼ ରହସ୍ୟ ହେଉଛି ନାରୀକୁ ସମ୍ମାନ ଦେବା । କନ୍ୟା ହେଉଛି ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ସୃଷ୍ଟି । ତେଣୁ ବିଶ୍ୱାସ କରାଯାଏ ଯେଉଁଠି ନାରୀଙ୍କୁ ପୂଜା କରାଯାଏ ସେଠାରେ ଦେବତା ବାସ କରନ୍ତି । ପାର୍ବଣର ଏହି ଶୁଭ ଅବସରରେ ମାଆ ଦୁର୍ଗା ଦୁର୍ଗତି ନାଶିନୀଙ୍କର କୃପା ବଳରେ ସମାଜରୁ ସମସ୍ତ ଅଧର୍ମ ଅସତ୍ୟ ଅପରାଧ କୁସଂସ୍କାର ଆଦିର ନାଶ ଘଟି ସମଗ୍ର ଜଗତରେ ସୁଖଶାନ୍ତିର ପ୍ରତିଷ୍ଠା ହେଉ ଏହାହିଁ କାମନା ।


♥ ସମ୍ବିତଭିଲା , ଘାଟିକିଆ
ଭୁବନେଶ୍ୱର
ମୋ - ୯୯୩୭୭୨୩୫୭୯

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ରାଉରକେଲା ସରକାରୀ ଚିକିତ୍ସାଳୟ ପରିଦର୍ଶନ



ରାଉରକେଲା, ୦୭/୧୦ (ନି.ପ୍ର): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀଯୁକ୍ତ ନିରଂଜନ ପୂଜାରୀ ଶନିବାର ଦିନ ଏକ ଦିବସୀୟ ରାଉରକେଲା ଗସ୍ତ ରେ ଆସି ରାଉରକେଲା ସରକାରୀ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ଶ୍ରୀ ପୂଜାରୀଙ୍କ ସହିତ ରାଜ୍ୟ ଶ୍ରମ ମନ୍ତ୍ରୀ ତଥା ରାଉରକେଲାର ବିଧାୟକ ଶ୍ରୀ ସାରଦା ପ୍ରସାଦ ନାୟକ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଆରଜିଏଚ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ସେ ଯୋଗ ଦେଇଥିଲେ। ସେ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇଦେବା, ଔଷଧ ପତ୍ର, ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିର ସ୍ଥିତିର ସମୀକ୍ଷା କରିଥିଲେ। ପୂଜାରୀଙ୍କୁ ଚିକିତ୍ସାଳୟର ବେଡ ସଂଖ୍ୟା, ଦୈନିକ ରୋଗୀଙ୍କ ହାର, ଚିକିତ୍ସା ବ୍ୟବସ୍ଥା, ବିଭିନ୍ନ ବିଭାଗର ଆବଶ୍ୟକତା ସଂପର୍କରେ ଚିକିତ୍ସାଳୟର କର୍ତ୍ତୃପକ୍ଷ ଅବଗତ କରାଇଥିଲେ। ସେ ଆଗାମୀ ଦିନରେ ଖାଲିଥିବା ଡାକ୍ତର ପଦବୀକୁ ପୂରଣ କରିବା ପାଇଁ ସହମତି ପ୍ରଦାନ କରିଥିଲେ। ବୈଠକ ପରେ ପରେ ସେ ହସପିଟାଲର ବିଭିନ୍ନ ୱାର୍ଡ, ପରିଦର୍ଶନ କରିବା ସହିତ ରୋଗୀମାନଙ୍କ ପାଇଁ କରାଯାଇଥିବା ଆବଶ୍ୟକ ବ୍ୟବସ୍ଥା ବୁଲି ଦେଖିଥିଲେ ଏବଂ ରୋଗୀମାନଙ୍କ ଅବସ୍ଥା ପଚାରି ବୁଝିଥିଲେ। ଶ୍ରୀ ପୂଜାରୀ ହସ୍ପିଟାଲର ବ୍ୟବସ୍ଥା ଉପରେ ସନ୍ତୋଷ ବ୍ୟକ୍ତ କରି କହିଥିଲେ ଯେ ରାଉରକେଲା ସରକାରୀ ଚିକିତ୍ସାଳୟ ରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ଚିକିତ୍ସାଳୟ ସୁବ୍ୟବସ୍ଥିତ ଭାବରେ ରୋଗୀମାନଙ୍କୁ ସେବା ପ୍ରଦାନ କରୁଛି। ରୋଗୀ ମାନଙ୍କ ପାଇଁ ଆବଶ୍ୟକ ଔଷଧ ମହଜୁଦ ରହିଛି। ଡାଇଲିସିସ ରୋଗୀମାନଙ୍କ ମଧ୍ୟ ଆବଶ୍ୟକ ସେବା ମିଳି ପାରୁଛି। ଖୁବଶୀଘ୍ର ଏହାର ଭିତ୍ତିଭୂମି କୁ ଆହୁରି ମଜବୁତ କରିବା ପାଇଁ ନୂତନ ବିଲ୍ଡିଂ ନିର୍ମାଣ କରାଯିବ। ଏହା ଫଳରେ ହସ୍ପିଟାଲର ବେଡ ସଂଖ୍ୟା ବଢ଼ିବ ଏବଂ ଅଧିକ ରୋଗୀ ସେବା ପାଇପାରିବେ। ଏହି ବୈଠକରେ ଜନ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡାକ୍ତର ନିରଂଜନ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଧରଣୀ ରଂଜନ ଶତପଥୀ, ରାଉରକେଲା ସରକାରୀ ଚିକିତ୍ସାଳୟର ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ, ସୁପ୍ରିଟେଣ୍ଡେଟ ଆରଜିଏଚ ଡା. ସୁଧାରାଣୀ ପ୍ରଧାନ, ଡେପୁଟି ସୁପ୍ରିଟେଣ୍ଡେଟ ଡା. ପଣ୍ଡିତ ସାହୁ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଶଂକର ଆଚାର୍ଯ୍ୟ, ଓ ଆରଜିଏଚ ମ୍ୟାନେଜର ମୋହିତ କୁମାର ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ହମାସ ବିରୋଧରେ....

ଆକ୍ରମଣକୁ ନେଇ ହମାସ ପ୍ରତିକ୍ରିୟା ଦେଇଛି। ଇସ୍ରାଏଲ୍ ବିରୁଦ୍ଧରେ ଏହା ନୂଆ ମିଲିଟାରି ଅପରେସନ ବୋଲି ହମାସ କହିଛି। ହମାସ ମିଲିଟାରି ନେତା ମହମ୍ମଦ ଦେଇଫ୍ କହିଛନ୍ତି ଯେ ସେ ଇସ୍ରାଏଲ୍ ବିରୁଦ୍ଧରେ ନୂଆ ମିଲିଟାଇର ଆଟାକ୍ କରିଛନ୍ତି। ଇସ୍ରାଏଲ୍ ବିରୁଦ୍ଧରେ 'ଅପରେସନ ଅଲ୍ ଅକ୍ସା ଷ୍ଟର୍ମ' ଆରମ୍ଭ କରି ଶନିବାର ୫ ହଜାର ରକେଟ୍ ମାଡ଼ କରାଯାଇଛି। ଆମେ ନିଷ୍ପତ୍ତି ନେଇସାରିଛୁ ବହୁତ ହେଇଗଲା ଆଉ ନୁହେଁ ବୋଲି ଦେଇଫ୍ କହିଛନ୍ତି। ଗାଜା ସହିତ ଇସ୍ରାଏଲର ଅସ୍ଥିର ସୀମାରେ ସପ୍ତାହେ ଧରି ଉତ୍ତେଜନା ଏବଂ ଇସ୍ରାଏଲ୍ ଅଧିକୃତ ପଶ୍ଚିମ ଭାଗରେ ପ୍ରବଳ ସଂଘର୍ଷ ପରେ ଏହି ରକେଟ୍ ମାଡ଼ କରାଯାଇଛି। ୨୦୦୭ରେ ଗାଜାପଟିକୁ ହମାସ ଅକ୍ତିଆର କରିବା ପରେ ଇସ୍ରାଏଲ ଏହାକୁ ଘେରି ରହିଛି। ସେବେଠାରୁ ଦୁଇ ଜଣଙ୍କ ମଧ୍ୟରେ ଶତ୍ରୁତା ଜାରି ରହିଛି। ଏହାକୁ ନେଇ ଇସ୍ରାଏଲ ଓ ହମସା ତଥା ହମାସ ସମର୍ଥିତ ଅନେକ ଆତଙ୍କବାଦୀ ସଂଗଠନ ଦ୍ୱାରା ଯୁଦ୍ଧ ହୋଇଛି। ଇସ୍ରାଏଲ୍‌ର ଘେରାବନ୍ଦୀ ଯୋଗୁ ଗାଜା ବାହାରକୁ କିମ୍ବା ଭିତରକୁ ଲୋକମାନଙ୍କ ଯାତାୟାତ ଓ କୌଣସି ସାମଗ୍ରୀ ପରିବହନ ହେଉ ନାହିଁ। ଫଳରେ ସୀମାର ଅର୍ଥନୀତି ଏକଦମ ଦୁର୍ବଳ ହୋଇଯାଇଛି। ଘେରାବନ୍ଦୀକୁ ନେଇ ଇସ୍ରାଏଲ୍ କହିଛି ସୀମାକୁ ଲାଗି ରହି ରହିଥିବା ଇସ୍ରାଏଲ୍‌ର ଯୁଦ୍ଧ ଗୋଦାମ ଠାରୁ ଆତଙ୍କବାଦୀଙ୍କୁ ଦୂରେଇ ରଖିବାକୁ ଏହା ଅତ୍ୟନ୍ତ ଜରୁରୀ। ଅନ୍ୟପଟେ ପାଲେଷ୍ଟାଇନ୍ କହିଛି ଯେ ସୀମା ବନ୍ଦ କରି ରଖିବା ସାମୁହିକ ସଜା ଦେବା ସହ ସମାନ। ଭାରତ ସରକାର ଇସ୍ରାଏଲରେ ଥିବା ନିଜ ଦେଶର ଲୋକଙ୍କ ପାଇଁ ସତର୍କ ସୂଚନା ଜାରି କରିଛନ୍ତି। ଇସ୍ରାଏଲରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ନାଗରିକମାନଙ୍କୁ ସ୍ଥିତି ପ୍ରତି ସତର୍କ ରହିବା ସହ ସୁରକ୍ଷା ପ୍ରୋଟକଲ ପାଳନ କରିବାକୁ ପରାମର୍ଶ ଦିଆଯାଇଛି।

## ନୂଆବର୍ଷରେ ମେଟ୍ରୋ...

ଭୁବନେଶ୍ୱର ବିମାନ ବନ୍ଦରଠୁ ତ୍ରିଶୁଳିଆ ଛକ ମଧ୍ୟରେ ମୋଟ ୨୦ଟି ଷ୍ଟେସନ ରହିବ । ବର୍ତ୍ତମାନର ରୋଡ୍ ମଝି କିମ୍ବା ପାଶ୍ୱର୍ରେ ଏହି ମେଟ୍ରୋ ଟ୍ରେନ ଚଳାଚଳ ପାଇଁ ଉପରେ ରେଳମାର୍ଗ ନିର୍ମାଣ ହେବ । ନନ୍ଦନକାନନ, କିଟ୍ ଛକ, ଡମଣା ଛକ, ଜୟଦେବ ବିହାର, ବାଣୀବିହାର, ରାମମନ୍ଦିର, ଭୁବନେଶ୍ୱର ରେଳ ଷ୍ଟେସନ, ବାପୁଜୀ ନଗର, ଶିଶୁଭବନ ଛକ ଓ କ୍ୟାପିଟାଲ ହସ୍ପିଟାଲ ଛକରେ ଏହି ମେଟ୍ରୋ ଷ୍ଟେସନ ରହିବ । ସୂଚନାଯୋଗ୍ୟ, ଏହି ମେଟ୍ରୋ ଟ୍ରେନ ପ୍ରକଳ୍ପର ଡିପିଆର ପ୍ରସ୍ତୁତ ଓ ଆନୁସଙ୍ଗିକ ଖର୍ଚ୍ଚବାବଦରେ ରାଜ୍ୟ ସରକାର ଏପର୍ଯ୍ୟନ୍ତ ୪.୦୫କୋଟି ଟଙ୍କା ବ୍ୟୟ କରିଛନ୍ତି ।

## ଜନ୍ମମାଟିରେ ସହିଦ...

ଜନ୍ମମାଟିରେ ସହିଦ ସରୋଜ ବେଳେ ହାବିଲଦାର ଭାବେ ସିକିମରେ ଟ୍ରେନିଂ ନେଉଥିଲେ। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ସରୋଜ କ୍ୟାମ୍ପକୁ ଫେରୁଥିବା ବେଳେ ବନ୍ୟାରେ ଭାସିଯାଇଥିଲେ । ୭ ମାସ ତଳେ ବିବାହ କରିଥିବା ସରୋଜ ଶେଷଥର ପାଇଁ ମାସେ ତଳେ ରାକ୍ଷୀ ପୂର୍ଣ୍ଣିମାକୁ ରାକ୍ଷୀ ବାନ୍ଧିବାକୁ ଆସିଥିଲେ ସରୋଜ। ଭଉଣୀ ହାତରେ ରାକ୍ଷୀ ବାନ୍ଧି ସେପ୍ଟେମ୍ବର ମାସ ୪ତାରିଖ ଦିନ ଘରୁ ଫେରିଯାଇ ସିକିମରେ ସେନାରେ ଯୋଗ ଦେଇଥିଲେ। ଏହାପରେ ତାଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ ପରିବାରରେ ଶୋକର ଛାୟା ଖେଳି ଯାଇଛି।

## ବିଜେପି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ...

ଏହାସହ ଫୋନ୍ କରିବା ପଛରେ କୌଣସି ମନ୍ଦ ଉଦ୍ଦେଶ୍ୟ ନଥିଲା ବୋଲି ସେ କହିଥିଲା। ଏନେଇ ଅଭିଯୁକ୍ତ କ୍ଷମା ମାଗିବା ସହ ଭବିଷ୍ୟତରେ ଏଭଳି କରିବନି ବୋଲି ପୁଲିସକୁ ଲିଖିତ ଭାବେ ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସତ ସାମ୍ନାକୁ ଆସିବା ପରେ ଅଭିଯୁକ୍ତ ବିରୋଧରେ କୌଣସି ଚାର୍ଜ ନ ଲଗାଇ ଛାଡ଼ି ଦେବାକୁ ବିଜେପି ଉପସଭାପତି ଶ୍ରୀ ପଣ୍ଡାଙ୍କ ଅଫିସ ପକ୍ଷରୁ ଦିଲ୍ଲୀ ପୁଲିସକୁ କୁହାଯାଇଛି। ସୂଚନାଯୋଗ୍ୟ, କିଛି ଦିନ ତଳେ ବିଜେପି ଉପସଭାପତି ଶ୍ରୀ ପଣ୍ଡାଙ୍କ ସହାୟକଙ୍କୁ ଅଭିଯୁକ୍ତ ଜଣଙ୍କ କଲ୍ କରି ଧମକ ଦେଇଥିଲା। ନବ ଦାସଙ୍କ ଅବସ୍ଥା ଯାହା ହେଲା ତାହା ଜୟ ପଣ୍ଡାଙ୍କର ହେବ' ବୋଲି କହିଥିଲା।

## ସିକ୍କିମ ବନ୍ୟା ମୃତ୍ୟୁସଂଖ୍ୟା....

ଅଟକି ରହିଛନ୍ତି ଏବଂ ପ୍ରତିକୂଳ ପାଗ କାରଣରୁ ହେଲିକପ୍ଟର ପଠାଇବାରେ ଅସମର୍ଥ ଥିବାରୁ ବାୟୁସେନା ଦ୍ୱାରା ଏକାଧିକ ଉଦ୍ୟମ ସତ୍ତ୍ୱେ ସେମାନଙ୍କୁ ଉଦ୍ଧାର କରାଯାଇ ପାରିନାହିଁ। ଉଦ୍ଧାରକାରୀ ଟିମ୍ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

# ସୁନ୍ଦରଗଡ଼ ଜିଲ୍ଲାର ବହୁ ବିଜେଡ଼ି ଓ ସିପିଏମ୍‌ର କର୍ମୀ କଂଗ୍ରେସରେ ଯୋଗ ଦେଲେ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): କଂଗ୍ରେସ ଦଳର ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ପ୍ରତି ଦୃଢ଼ ଆସ୍ଥା ପ୍ରକଟ କରି ଆଜି ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ତଲସରା ବ୍ଲକ, ନୂଆଗାଁ ବ୍ଲକ ଏବଂ ବିରମିତ୍ରପୁର ମ୍ୟୁନିସିପାଲଟିର ବହୁ ବିଜେଡ଼ି ଓ ସିପିଏମ୍ କର୍ମକର୍ତ୍ତା ଓ କର୍ମୀ ଆଜି କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ଏହି ଉପଲକ୍ଷେ ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକ ସମସ୍ତ କର୍ମୀମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ ଓ କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ଗ୍ରହଣ କରିନେଇଥିଲେ। ଶ୍ରୀ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଲେ ଯେ ଆପଣମାନଙ୍କର ଯୋଗଦାନ ସୁନ୍ଦରଗଡ଼ ଜିଲ୍ଲାରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବ। ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଜନାର୍ଦ୍ଦନ ଦେହୁରୀ, ସୁନ୍ଦରଗଡ଼ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସୁଶ୍ରୀ ସରୋଜିନୀ ବାକ୍ସ୍ଲା, କଂଗ୍ରେସ ନେତା ପ୍ରଦୀପ ମିଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ ସମ୍ପାଦକ ରାଜନ ଦାଶଙ୍କ ତତ୍ତ୍ୱାବଧାନରେ ଏହି ନେତୃବୃନ୍ଦମାନେ କଂଗ୍ରେସରେ ଯୋଗଦାନ କରିଥିଲେ। ଆଜି କଂଗ୍ରେସରେ ଯୋଗଦେଇଥିବା ନେତୃବୃନ୍ଦ ହେଲେ ସିପିଏମ୍ ଦଳର ପୂର୍ବତନ ସରପଂଚ ଜିତେନ୍ ଓରାମ୍, ଲିଲି ଲାର୍କା, ପୌଲିନା ଡୁଙ୍ଗଡୁଙ୍ଗ, ରଞ୍ଜିତା ଲାକ୍ରା, ମେଡ଼ିଲିନ୍ ଲାକ୍ରା, ପିଟର ଲାକ୍ରା, ରଜତ କୁମାର ମିଞ୍ଜ, ସୁରେଶ ଟପ୍ପୋ, ଶ୍ରୀନୁସ୍ ବୋର୍ଡ଼, ରଜତ ଲାକ୍ରା, ବୁଦ୍ଧୁରାମ ବଡାଇ, ଚନ୍ଦନ ଦାସ, ଜ୍ୟୋତି ଲାକ୍ରା ଓ ରୋଜାଲିନ୍ ଲାକ୍ରା। ନିଜ ପ୍ରତିକ୍ରିୟାରେ ସେମାନେ କହିଥିଲେ ଯେ, କଂଗ୍ରେସ ଦଳ ଆମ୍ଭମାନଙ୍କୁ ଯେଉଁ ଦାୟିତ୍ୱ ଦେବ ଆମ୍ଭେ ନିଷ୍ଠାରେ ସହ ପାଳନ କରିବୁ। ଆଜିର ଏହି ମିଶ୍ରଣ କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ତରୁଣକାନ୍ତ ମିଶ୍ର ଓ କଂଗ୍ରେସ ନେତା ମିହିର ଆଚାର୍ଯ୍ୟ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ-ବିଜ୍ଞାନ ମେଳା ଅନୁଷ୍ଠିତ



ବାଲେଶ୍ୱର, ୦୭/୧୦ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରସାଲପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଆଜି ଜ୍ଞାନ-ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଜୟଦେବ କସବା ହାଇସ୍କୁଲ୍ ର ପ୍ରଧାନ ଶିକ୍ଷକ ନବକିଶୋର ବାରିକ୍ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସଙ୍ଗେ ସଙ୍ଗେ ନିଜ ବକ୍ତବ୍ୟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଏତାଦୃଶ କାର୍ଯ୍ୟକ୍ରମ ର ଭୂୟିୟସୀ ପ୍ରଶଂସା କରିଥିଲେ। ରସାଲପୁର ସରକାରୀ ହାଇସ୍କୁଲ ର ବିଜ୍ଞାନ ଶିକ୍ଷୟିତ୍ରୀ ଶକ୍ତିସାଧନା ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଜ୍ଞାନ-ବିଜ୍ଞାନ ମେଳା ସଂପର୍କରେ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂପାଦକ ଶମ୍ଭୁନାଥ ଯାଦବ ଓ ବିଦ୍ୱତ ପରିଷଦ ସଦସ୍ୟ ଶିବାଜୀ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ସସ୍ମିତା ମିଶ୍ର ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସହ-ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜ୍ଞାନ ପ୍ରମୁଖ ସଂଗ୍ରାମ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା ଶ୍ରଦ୍ଧାଞ୍ଜଳି ଦାସ ଅମୃତ ବଚନ ପାଠ କରିଥିବା ବେଳେ ଆଚାର୍ଯ୍ୟା ପ୍ରତିମା ମଲ୍ଲିକ ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦନା ପ୍ରମୁଖ ଜୟସ୍ମିତା ମୁଦୁଲି ଙ୍କ ପରିଚାଳନାରେ ଶିଶୁ ଭାଇ-ଭଉଣୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଉକ୍ତ ଜ୍ଞାନ-ବିଜ୍ଞାନ ମେଳା ରେ ଉପ-ଶିଶୁ ବିଭାଗ, ଶିଶୁ ବିଭାଗ ଓ ବାଲ ବିଭାଗ ରୁ ମୋଟ ୩୯ ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଅଧିକାଂଶ ପ୍ରକଳ୍ପ ଚନ୍ଦ୍ରାୟନ କୁ ନେଇ ହୋଇଥିବାର ଦେଖିବାକୁ ମିଳିଥିଲା। ଶିଶୁ ବୈଜ୍ଞାନିକ ମାନଙ୍କର ପ୍ରଦର୍ଶନ ଖୁବ୍ ଉଚ୍ଚ କୋଟିର ହୋଇଛି ବୋଲି କହି ବିଚାରକ ମାନେ ଉଚ୍ଚ ପ୍ରଶଂସା କରିଥିଲେ। ଜ୍ଞାନ-ବିଜ୍ଞାନ ମେଳା କୁ ପରିଚାଳନା ରେ ସହଯୋଗ କରିଥିଲେ ସହକାରୀ ଆଚାର୍ଯ୍ୟ ଦିଲ୍ଲୀପ କୁମାର ପରିଡା, ଆଚାର୍ଯ୍ୟା ମିତାରାଣି ରାଉତ, ଆଚାର୍ଯ୍ୟା ରଶ୍ମିରେଖା ଦ୍ୱିବେଦୀ ଓ ସେବୀକା ରଞ୍ଜୁଲତା ଆଚାର୍ଯ୍ୟ ଙ୍କ ସମେତ ସମସ୍ତ ଗୁରୁଜୀ-ଗୁରୁମା' ଓ ପରିଚାଳନା ସମିତି ର ସଦସ୍ୟ ମାନେ।

# ଶାନ୍ତିକାନନରେ ଡ. ଲକ୍ଷ୍ମଣ ବିଶ୍ୱାଳଙ୍କ ଆଠଟି ନାଟକ ଗ୍ରନ୍ଥ ଉନ୍ମୋଚିତ



ବାଲେଶ୍ୱର, ୦୭/୧୦ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ନାଟ୍ୟକାର ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳଙ୍କ ଆଠଗୋଟି ନାଟ୍ୟପୁସ୍ତକ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଉନ୍ମୋଚିତ ହୋଇଯାଇଛି। ନାଟ୍ୟଗବେଷକ ଡ. ଭାଗବତ ପ୍ରସାଦ ଦାସ ଓ ପ୍ରଦୀପ ମିଶ୍ର ଆଲୋଚକ ଭାବେ ଯୋଗ ଦେଇ ଡ. ବିଶ୍ୱାଳଙ୍କ ନାଟକ ଅଶାନ୍ତ ଆତ୍ମା, ଭୁଲ କେଉଁଠି, ବିଚାର କରିବ କିଏ, ଦୀପତଳ ଅନ୍ଧାର, ଏମିତି ବି ହୁଏ, ସଂପର୍କ, ସୁଅ ମୁହଁରେ ପତର ଓ ତଳ ପାହାଚର ମଣିଷ ଇତ୍ୟାଦି ଆଠଗୋଟି ନାଟକକୁ ସମୀକ୍ଷା କରିବା ପରିପ୍ରେକ୍ଷୀରେ କହିଲେ ଯେ ନାଟକର ସଫଳତା ଦୃଢ଼ କାହାଣୀ ଉପରେ ନିର୍ଭର କରେ। ଏ ସମସ୍ତ ନାଟକ ଭଲ କାହାଣୀ ଓ ପାତ୍ରୋପଯୋଗୀ ସଂଳାପକୁ ନେଇ ଗତିଶୀଳ ହୋଇଥିବାରୁ ମଞ୍ଚରେ ଅପୂର୍ବ ସଫଳତା ପାଇବ ବୋଲି ଆଶା କରାଯାଏ। ନାଟ୍ୟକାର ଡ. ବିଶ୍ୱାଳ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ। ଅନ୍ୟତମ ଯୁଗ୍ମ ସଂପାଦିକା କଲ୍ୟାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଗାଚାର୍ଯ୍ୟ ମନ୍ମଥ କୁମାର ମହାପାତ୍ରଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରକ୍ତଦାନ ଶିବିର

ଗୁଡ଼ିଖାଲ , ୦୭/୧୦ (ନି.ପ୍ର): ଯୋଗାଚାର୍ଯ୍ୟ ମନ୍ମଥ ମୁନିଙ୍କ ମୁଁ ପୁତ୍ର ମୁନିରାଜ ଗୋପାଳକୃଷ୍ଣ ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ସନ୍ତୋଷପୁର ସ୍ଥିତ ବାସଭବନରେ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଆଦର୍ଶ ପିତାଙ୍କର ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପଞ୍ଚମ ଥର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ମୁଖ୍ୟ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଙ୍ଘର ସଭାପତି କମଳ ଚକ୍ରବର୍ତ୍ତୀ, ରକ୍ତଦାତା ସଙ୍ଘର ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସଙ୍କ ଉପସ୍ଥିତିରେ, ଆସନ୍ତା ୨୫-୧୦-୨୦୨୩ ରିଖ ବୁଧବାର ସକାଳ ୯ ଘଟିକା ରୁ ସନ୍ତୋଷପୁର ସ୍ଥିତ ବାସଭବନରେ ଆରମ୍ଭ ହେବାକୁ ସ୍ଥିର କରାଯାଇଛି ।ଏଣୁ ଶିବିରରେ ଅଧିକରୁ ଅଧିକ ରକ୍ତଦାତାଙ୍କୁ ଉପସ୍ଥିତ ହୋଇ ଶିବିରକୁ ସାଫଲ୍ୟ ମଣ୍ଡିତ କରିବାକୁ ବିଶେଷ ଅନୁରୋଧ କରାଯାଉଅଛି ।

# ଗାଡ଼ିରୁ ତେଲ ଚୋରି କରୁଥିବା ଯୁବକକୁ ଉଠାଇ ନେଲା ପୋଲିସ

ବସ୍ତା, ୦୭/୧୦ (ନି.ପ୍ର): ଥାନା ଜୁଣବଳଦା ଛକରୁ ଆଜି ଗାଡ଼ିରୁ ତେଲ ଚୋରି କରୁଥିବା ସମୟରେ ଜଣେ ଯୁବକକୁ ବସ୍ତା ପୁଲିସ ଉଠାଇ ନେଇ ଥାନାରେ ଅଟକ ରଖିଛି। ଅଟକ ଯୁବକ ଜଣକ ହେଲେ ସେହି ଗ୍ରାମର ସୁରେନ୍ଦ୍ର ସାମଲ(୫୨)। ସୂଚନା ଅନୁସାରେ ଉକ୍ତ ଯୁବକ ଜଣକ ଜାତୀୟ ରାଜପଥରେ ଟ୍ରକ ମାନଙ୍କରୁ ତେଲ ଚୋରି କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଫଳରେ ବସ୍ତା ପୁଲିସ ଜୁଣବଳଦା ଛକସ୍ଥିତ ଦୋକାନ ଘରେ ଅତର୍କିତ ଚଢାଉ କରି ସୁରେନ୍ଦ୍ରଙ୍କୁ ବସ୍ତା ଥାନାରେ ଅଟକ ରଖାଯାଇ ଅଧିକ ତଦନ୍ତ ଜାରି ରଖିଥିବା ବେଳେ କେତେ ଲିଟର ଜବତ ହୋଇଛି ତାହା ପୋଲିସ ପକ୍ଷରୁ ସୂଚନା ମିଳିପାରିନାହିଁ।

# ପ୍ରୟାସର ନବରାତ୍ର ଦାଣ୍ଡିଆ ମହୋତ୍ସବ ୧୯ରୁ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ଜଗତ ଜନନୀ ମା ଦୁର୍ଗାଙ୍କ ଶାରଦୀୟ ପୂଜା ଅବସରରେ ମା'ଙ୍କୁ ସମର୍ପିତ ଦଶମ ପ୍ରୟାସ ନବରାତ୍ର ଦାଣ୍ଡିଆ ମହୋତ୍ସବ ଅକ୍ଟୋବର ମାସ ୧୯ରୁ ୨୫ ତାରିଖ ସନ୍ଧ୍ୟା ୬ଟା ରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ରାଜଧାନୀ ଭୁବନେଶ୍ୱରର କେନ୍ଦ୍ରସ୍ଥଳ ତଥା ମହୋତ୍ସବର ପ୍ରାଣକେନ୍ଦ୍ର ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡିଆ ପରିସରରେ ପ୍ରୟାସ ନବରାତ୍ର ଦାଣ୍ଡିଆ ସାଂସ୍କୃତିକ ବିଧିବିଧାନ ଓ ସମ୍ପୂର୍ଣ୍ଣ ପାରିବାରିକ ବାତାବରଣରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । ଏଥର ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଏହି ମହୋତ୍ସବର କଳାତ୍ମକ ଦିଗକୁ ପ୍ରାଧାନ୍ୟ ଦିଆଯାଇ ଦାଣ୍ଡିଆ ସମ୍ବନ୍ଧିତ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି। ଏଥର ୨୨୫୦୦ ବର୍ଗଫୁଟର ମେଗା ଷ୍ଟେଜରେ ସାତ ଦିନ ଧରି ଏହି ମହୋତ୍ସବରେ ଅଭିଜ୍ଞ ନୃତ୍ୟଶିଳ୍ପୀଙ୍କ ତତ୍ତ୍ୱାବଧାନରେ ଦାଣ୍ଡିଆ ନୃତ୍ୟ, ଅତ୍ୟାଧୁନିକ ଏଲ୍‌ଇଡି ଆଲୋକ ସଜ୍ଜା, ଉନ୍ନତମାନର ଲାଇଭ ବ୍ୟାଣ୍ଡ ସହ ଆଲୋକମାଳାର ଅପୂର୍ବ ସମନ୍ୱୟ ନୃତ୍ୟାଙ୍ଗନାଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟେଜ୍, ବିଭିନ୍ନ ଖାଦ୍ୟ ସଂସ୍ଥାମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟକର ଖାଦ୍ୟ ପାନୀୟ ଷ୍ଟଲ୍, ମୁଖ୍ୟ ନୃତ୍ୟସ୍ଥଳ ପାଇଁ ପ୍ରଶସ୍ତ, ମଜବୁତ ଓ ସୁରକ୍ଷିତ ଫ୍ଲୋରବୋର୍ଡ ଷ୍ଟେଜ୍ ବ୍ୟବସ୍ଥା କରାଯାଇଛି । ଏହି ସାଂସ୍କୃତିକ ମହୋତ୍ସବର ବିବିଧ ଦିବସରେ ସମାଜର ବହୁ ବିଶିଷ୍ଟ ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ଉପସ୍ଥିତ ରହି ନୃତ୍ୟପ୍ରେମୀଙ୍କୁ ଉତ୍ସାହିତ କରିବେ । ବ୍ୟବସାୟିକ ନୁହେଁ ବରଂ ସାଂସ୍କୃତିକ ଉତ୍କର୍ଷତା ନିମିତ ଜନସାଧାରଣଙ୍କ ସହଭାଗୀ ସହଯୋଗିତା ପାଇଁ ପ୍ରୟାସର ଅଧ୍ୟକ୍ଷ ବନ ମହାନ୍ତି, ହୋଟେଲ ଦି ପାର୍କ ପ୍ରିମିୟମ୍, ସତ୍ୟନଗରଠାରେ ଆୟୋଜିତ ପ୍ରେସ୍‌ମିଟ୍‌ରେ ସୂଚିତ କରିଥିଲେ ଏବଂ ଗଣମାଧ୍ୟମ ଜରିଆରେ ଲୋକଙ୍କ ନିକଟରେ ସୂଚନା ପହଂଚାଇବା ପାଇଁ ଅନୁରୋଧ କରିଥିଲେ ।

# ଗଣତନ୍ତ୍ର ଓ ଗଣମାଧ୍ୟମ ଉପରେ ସରକାରୀ ଆକ୍ରମଣକୁ ବିରୋଧ କରି ସାଧାରଣ ସଭା

ବାଲେଶ୍ୱର, ୦୭/୧୦ (ନି.ପ୍ର): ଗଣତନ୍ତ୍ର, ଗଣମାଧ୍ୟମ ଏବଂ ନିର୍ଭିକ ସାମ୍ବାଦିକମାନଙ୍କ ଉପରେ ଆକ୍ରମଣ ଓ ଗିରଫଦାରୀକୁ ବିରୋଧ କରି ଶନିବାର ଦିନ ଅପରାହ୍ନରେ ସ୍ଥାନୀୟ ବିଚାରଗଞ୍ଜ ଛକ ପାର୍ଶ୍ୱରେ ଆଇଏନ୍‌ଡିଆଇଏ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାର ଗଣମାଧ୍ୟମର କଣ୍ଠରୋଧ କରି ଗଣତନ୍ତ୍ରକୁ ହତ୍ୟା କରୁଛି ବୋଲି ଏହି ସଭାରେ ଆଇଏନ୍‌ଡିଆଇଏ ମେଣ୍ଟର ଅଂଶୀଦାର ରାଜନୈତିକ ଦଳ ଓ ବିଭିନ୍ନ ଗଣସଂଗଠନର ବହୁ ନେତୃତ୍ୱ ସେମାନଙ୍କ ବକ୍ତବ୍ୟରେ 'ନିଉଜ୍‌କ୍ଲିକ୍', 'ଓୟାର', 'ଜନସଭା' ଭଳି ନିର୍ଭୀକ ଗଣମାଧ୍ୟମର କର୍ତ୍ତୃପକ୍ଷ ଓ ସେମାନଙ୍କର ସାମ୍ବାଦିକମାନଙ୍କୁ ଥାନାରେ ଅଟକ ରଖିବା, ସେମାନଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରିବା ଭଳି ଘଟଣାକୁ ଦୃଢ଼ ନିନ୍ଦା କରିଥିଲେ। ସମଗ୍ର ଦେଶରେ ଓ ଆମ ରାଜ୍ୟ ଓଡ଼ିଶାରେ ଏଭଳି ଘଟଣାର ବହୁ ଦୃଷ୍ଟାନ୍ତ ଦେଇ ସେମାନେ ଜନସାଧାରଣ ଏହି ଘଟଣାରେ ପ୍ରତିବାଦର ମିଳିତ ସ୍ୱର ଉଠାଇବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ହେଉ କିମ୍ବା ରାଜ୍ୟ ହେଉ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି, ଦୁର୍ନୀତୀ ସହ ଜନଗଣଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣୁଥିବା ନିର୍ଦ୍ଦିଷ୍ଟ କେତେକ ଗଣମାଧ୍ୟମ ଓ ସେମାନଙ୍କ ସାମ୍ବାଦିକମାନଙ୍କ ଉପରେ ଏଭଳି ଆକ୍ରମଣ ହେଉଥିବାର ବକ୍ତାମାନେ ଅଭିଯୋଗ କରିଥିଲେ। ବରିଷ୍ଠ ବାମପନ୍ଥୀ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଂଗ୍ରେସର ଜିଲ୍ଲା ସଭାପତି ସଞ୍ଜିବ ଗିରି, ଜିଲ୍ଲା ମହିଳା ସଭାନେତ୍ରୀ ପ୍ରଜ୍ଞା ପାରମିତା ବିଶ୍ୱାଳ, ସିପିଆଇ(ଏମ୍)ର ଜିଲ୍ଲା ସଂପାଦକ ଶିଶିର ହୁଇ, ସିପିଆଇ ନେତା ଶ୍ୟାମସୁନ୍ଦର ଜେନା, ତୃଣମୂଳ କଂଗ୍ରେସର ଜିଲ୍ଲା ସଭାପତି ନନ୍ଦନ ପାଲ, ଫରୱାର୍ଡ଼ ବ୍ଲକ୍‌ର ଜିଲ୍ଲା ସଂପାଦକ ଲକ୍ଷ୍ମୀଧର ଗିରି, ବରିଷ୍ଠ ଆଇନଜୀବୀ ଶରତ କୁମାର ମହାପାତ୍ର, ସିଆଇଟିୟୁ ଜିଲ୍ଲା ଆବାହକ ରାଜକିଶୋର ଲେଙ୍କା, ଆଇଏନ୍‌ଟିୟୁସିର ଜିଲ୍ଲା ସଂପାଦକ ବିକାଶ ଦାସ, ବିଶିଷ୍ଟ ନାରୀନେତ୍ରୀ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ବିଭିନ୍ନ ଗଣସଂଗଠନରୁ ନିର୍ମଳ ନାୟକ, ଯତୀନ୍ ପାତ୍ର, ସଂଯୁକ୍ତା ବେହେରା, ସାଜନ୍ ଅଲ୍ଲୀ ସାହା ଓ ପ୍ରେମରଞ୍ଜନ ପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଶରତଚନ୍ଦ୍ର ଦଳାଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କାଠ ବୋଝେଇ ପିକଅପ ଜବତ: ଡ୍ରାଇଭର ଫେରାର



ନୀଳଗିରି , ୦୭/୧୦ (ନି.ପ୍ର): ଶୁକ୍ରବାର ରାତ୍ରୀ ପ୍ରାୟ ୧୧.୩୦ସମୟରେ ନୀଳଗିରି ବନବିଭାଗ ରେମୁଣାରୁ ସାଆନ୍ତା ପି. ଡବଲ୍ୟୁ.ଡି ରାସ୍ତାରେ ଯାଉଥିବା ଗୋଟିଏ ଧଳା ରଙ୍ଗର ମହିନ୍ଦ୍ରା ପିକଅପ ନଂ ଓଡି-୨୨ଏ-୨୩୨୫ ଗାଡ଼ିରେ କାଠ ବୋଝେଇ ଗାଡ଼ିକୁ ନରହରିପୁର ଛକଠାରେ ଅଟକାଇ ଥିଲେ। କୌଶଳ କରି ଡ୍ରାଇଭର ଘଟଣା ସ୍ଥଳରୁ ଗାଡ଼ିଛାଡି ଫେରାର ହେବାରେ ସକ୍ଷମ ହୋଇଥିବା ବେଳେ ଗାଡ଼ିରେ ୪୦.୯୫ସିଫ୍ଟର ୧୧ ଖଣ୍ଡ ଆମ୍ବଗଣ୍ଡି, ୨୩.୮୨ସିଫ୍ଟ ର ତିନି ଖଣ୍ଡ ତୁଡୁରା ଗଣ୍ଡି ଜବତ କରି ଜାମୁଡିହା ସ୍ଥାୟୀ ନର୍ସରୀକୁ ନେଇଯାଇଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୪୦ହଜାର ଟଙ୍କା ହେବ ବୋଲି ଜଣାଯାଇଛି।ଉକ୍ତ ଚଢ଼ାଉରେ ନୀଳଗିରି ରେଞ୍ଜ ଅଧିକାରିଣୀ ଆଇଶା ଏ ନିଶା, ମିତ୍ରପୁର ଫରେଷ୍ଟର ସରୋଜ କୁମାର ପ୍ରଧାନ ଫରେଷ୍ଟ ଗାର୍ଡ ମନୋରଞ୍ଜନ ସିଂ ଓ ସବୁଜ ବାହିନୀ ସଦସ୍ୟ ସାମିଲ ଥିବା ବେଳେ ଅଧିକ ତଦନ୍ତ ଜାରି ରହିଥିବା ରେଞ୍ଜ ଅଧିକାରିଣୀ ସୂଚନା ଦେଇଛନ୍ତି।

ରବିବାର, ଅକ୍ଟୋବର ୦୮, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବିଲାତି ପିକପ୍‌ରେ ଅଭିନବ ଉପାୟରେ ଷଣ୍ଢ ଚାଲାଣ



ବସ୍ତା, ୦୭/୧୦ (ନି.ପ୍ର): ଷଣ୍ଢକୁ ବି ଛାଡ଼ିଲେଣି ଗୋମାଫିଆ। ୬୦ ନମ୍ବର୍ ଜାତୀୟ ରାଜପଥ ଦେଇ , ଗୋ ଚାଲାଣ ଏକ ନିତି ଦିନିଆ ସାଧାରଣ ଘଟଣା ସାଜିଥିବା ବେଳେ । ଏବେ ଷଣ୍ଢଙ୍କ ଉପରେ ଗୋ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଆଉ ଖାସ ସେଇଥି ପାଇଁ , ବିଲାତି ପରିବହନକୁ ଢାଲ କରି ଅଭିନବ ଉପାୟରେ ଷଣ୍ଢ ଚାଲାଣ କରା ଯାଉଥିଲା। ସୂଚନା ମୁତାବକ , ଓଡି ୦୧ ଏକେ ୯୧୬୧ ପିକପ୍ ମାଧ୍ୟମରେ ଅଭିନବ ଢଙ୍ଗରେ , ଲୋକ ଦେଖାଣିଆ ଭାବେ, ଉପରେ ବିଲାତି ଏବଂ ବିଲାତି ତଳେ ସାତୋଟି ଷଣ୍ଢ କୁ ବାନ୍ଧି କରି ୬୦ ନମ୍ବର୍ ଜାତୀୟ ରାଜପଥ ଦେଇ ପଶ୍ଚିମ ବଙ୍ଗ ଚାଲାଣ ହେଉଥିଲା। ତେବେ ସ୍ଥାନୀୟ ବଜ୍ରଙ୍ଗଦଳ ର ସଦସ୍ୟ ଜାଣି ପାରି ପିକପ ଭ୍ୟାନ କୁ ଅଟକାଇ ବାକୁ ଉଦ୍ୟମ କରିଥିବା ବେଳେ ପିକପ୍ ଭ୍ୟାନ ଟି ଦୃତ ଗତିରେ ଆସି ଭେଲୋରା ହାଟ ନିକଟରେ ପୋତି ହୋଇ ଅଟକି ଯାଇଥିଲା। ଷଣ୍ଢ ଚାଲାଣ କୁ ନେଇ ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖାଯିବା ସହିତ, ବେସ ଭିଡ଼ ଜମିଥିଲା। ଖବର ପାଇ ବସ୍ତା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଷଣ୍ଢ ଗୁଡ଼ିକ ଉଦ୍ଧାର କରି ଗୋ ଶାଳା କୁ ପଠାଇବା ସହିତ, ପିକପ ଭ୍ୟାନ କୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

## ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନ୍ ନୀଳଗିରି ଶାଖା ବୈଠକ



ନୀଳଗିରି , ୦୭/୧୦ (ନି.ପ୍ର): ନୀଳଗିରି ଶାଖା ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିଜ୍ ୱର୍କର୍ସ ଏସୋସିଏସନ୍ ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ନୀଳଗିରି ଡାକବଙ୍ଗଳା ସମ୍ମୁଖରେ ଶନିବାର ଅପରାହ୍ନ ତିନିଟା ସମୟରେ ସଂଘ ସଭାପତି ସୌଭାଗ୍ୟବତୀ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସଂଘର ଉପଦେଷ୍ଟା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ଉକ୍ତ ଅଙ୍ଗନୱାଡ଼ି ସଂସ୍ଥାପ୍ରତି ସରକାର ଅଣଦେଖା କରୁଥିବାର ସମାଲୋଚନା କରିଛନ୍ତି। ୭ହଜାର ଟଙ୍କା ମାସିକ ବେତନରେ ଦିନରାତି ଚବିଶ ଘଣ୍ଟା ଖଟିବା ସହିତ ସରକାରଙ୍କ ଅନ୍ୟ ୧୨ଗୋଟି ଯୋଜନାରେ କାମକରିବା ଅମାନବୀୟ କାର୍ଯ୍ୟବୋଲି କହିଥିଲେ। ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାନଙ୍କୁ ମାସିକ ଅନ୍ୟୁନ ତିରିଶ ହଜାର ଟଙ୍କା ପ୍ରଦାନ କଲେ ପେଟକୁ ଗଣ୍ଡାଏ ଦାନା ଯୋଗାଡ ହୋଇପାରିବ ବୋଲି ଉପସ୍ଥିତ କର୍ମୀ ଓ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ସରକାରଙ୍କ ଠାରେ କରାଯାଇଥିବା ସମସ୍ତ ଦାବୀ ଗୁଡିକ ଶୀଘ୍ର ପୂରଣ କରିବାପାଇଁ ଦାବୀ କରାଯାଇଛି। ଉକ୍ତ ବୈଠକରେ ସୁକାନ୍ତି ଦାସ, ସଞ୍ଜୁ ବେହେରା, ରୀନାରାଣୀ ଜେନା, ନିୟତି ଦାସ, ମାମି ଦେଇ, ସୁଜାତା ନାୟକ, ଗୀତାରାଣୀ ସିଂ, ଫୁଲମଣି ମାରାଣ୍ଡି, ମୋନାଲିସା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ସମ୍ପାଦିକା ଲଳିତା ମଞ୍ଜରୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ମୟୂରଭଞ୍ଜ ଗସ୍ତ



ବାରିପଦା , ୦୭/୧୦ (ନି.ପ୍ର): କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ଦଳାଇ ମୟୂରଭଞ୍ଜ ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ବିଭାଗୀୟ କାର୍ଯ୍ୟାଳୟର କାର୍ଯ୍ୟଧାରା ତଥା ସମ୍ପୃକ୍ତ ବିଭାଗ ଅନ୍ତର୍ଗତ ଉନ୍ନୟନ ଯୋଜନା ଓ ପ୍ରକଳ୍ପର ସ୍ଥିତି ଓ ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ଏହି ଅବସରରେ କମିଶନର ଶ୍ରୀଯୁକ୍ତ ଦଳାଇ ମୟୁରଭଞ୍ଜ ଜିଲ୍ଲାପରିଷଦ, ଜିଲ୍ଲା ସବ ରେଜିଷ୍ଟ୍ରାର, ଜିଲ୍ଲା ଅବକାରୀ ଅଧିକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସାଧାରଣ ଯୋଗାଣ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ପଂଚାୟତ ଅଧିକାରୀ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରମୁଖ ଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଉପବିଭାଗ କାର୍ଯ୍ୟାଳୟ ଗୁଡିକର କାର୍ଯ୍ୟଧାରା ନିରୀକ୍ଷଣ କରିଥିଲେ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ଭିତରେ ନିଜ ନିଜ ବିଭାଗର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲକ୍ଷପାଳ ଶ୍ରୀ ବିନୀତ ଭରଦ୍ୱାଜ ଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଉକ୍ତ ସମୀକ୍ଷା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲପାଳ ରୁଦ୍ର ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀ କାନ୍ତ ସ୍ୱାଇଁ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ପୌରପରିଷଦର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ ପ୍ରମୁଖ ଙ୍କ ସମେତ ସମସ୍ତ ଡେପୁଟି କଲେକ୍ଟର ଓ ସମସ୍ତ ସହକାରୀ କଲେକ୍ଟର ମାନେ ଉପସ୍ଥିତ ଥିଲେ।

## ଆର୍.ସି.ବି.ଏଲ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କୁଲ ଲିଗାଲ କ୍ଲବ୍‌ରେ ସଚେତନତା ଶିବିର



ଭଦ୍ରକ, ୦୭/୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରାମଚନ୍ଦ୍ର ବିହାରିଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍କୁଲ ଲିଗାଲ କ୍ଲବରେ ଛାତ୍ରଛାତ୍ରୀଙ୍କ ନିମିତ୍ତ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁକ୍ତିରଞ୍ଜନ ଶତପଥୀ, ଅତିରିକ୍ତ ଜିଲ୍ଲା ଓ ଦୈରାଜଜ୍-ତଥା ସ୍ୱତନ୍ତ୍ର ବିଚାରପତି (ପୋକ୍‌ସୋ), ଭଦ୍ରକ ଅଧ୍ୟକ୍ଷତା କରିଥିଲେ ଏବଂ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଏହି ସଚେତନତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଇପସିତା ଭୋଇ, ପ୍ରୋବେସନ୍ ଅଫିସର, ଭଦ୍ରକ, ନିରାକାର ଜେନା, ସଭାପତି, ଭଦ୍ରକ ବାର୍ ଆସୋସିଏସନ୍, ଭଦ୍ରକ ଗିତାଞ୍ଜଳୀ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ, ଆର୍.ସି.ବି.ଏଲ୍, ସରକାରୀ ଉଚ୍ଚ ବିଦ୍ୟାଳୟ, ଚରମ୍ପା, ଭଦ୍ରକ ଦେବୀପ୍ରୀୟା ବିଶ୍ୱାଳ, ଆର୍.ସି.ବି.ଏଲ୍, ସରକାରୀ ଉଚ୍ଚ ବିଦ୍ୟାଳୟ, ଚରମ୍ପା, ଭଦ୍ରକ, ରାଜିବ କୁମାର ବାରିକ୍, ପେନାଲ ଓକିଲ, ଭଦ୍ରକ ତଥା ବିଦ୍ୟାଳୟରୁ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ବୃନ୍ଦ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ। ଏହି ସଚେତନତା ଶିବିରରେ ମାନବ ଚାଲାଣ (ଦାଦନ) ଏବଂ ଯୌନ ଶୋଷଣରୁ କିପରି ପିଲାମାନଙ୍କୁ ସୁରକ୍ଷା ଦିଆଯାଇ ପାରିବ, ସେ ନିମନ୍ତେ ଉଦ୍ଦିଷ୍ଟ ଆଇନ୍, ମଧ୍ୟସ୍ଥତା କେନ୍ଦ୍ର ମାଧ୍ୟମରେ ପାରିବାରିକ ସମସ୍ୟାର ସହଜ ସମାଧାନ, ଔଷଧର ଅପବ୍ୟବହାର ଏବଂ ଏହାର ନିରାକରଣ ନିମନ୍ତେ ଥିବା ଆଇନ୍ ସଂକ୍ରାନ୍ତୀୟ ତଥ୍ୟ ବିଷୟରେ ପିଲାମାନଙ୍କୁ ସଚେତନ କରାଯାଇଥିଲା। ପ୍ରତିଛବି ଜରିଆରେ ଯୌନ ଶୋଷଣ ଆଇନ୍ ଉପରେ ଆଧାରିତ ଚଳଚିତ୍ର ପିଲାମାନଙ୍କ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ ଥିଲା ଏବଂ ଏହା ମାଧ୍ୟମରେ ପିଲାମାନେ ନିଜେ ସଚେତନ ହେବା ସଂଗେ ସଂଗେ ସମାଜର ଉନ୍ନତିରେ ସହାୟକ ହେବ ବୋଲି ଏହି ସଚେତନତା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା।

## ଭଙ୍ଗା ସ୍ଲୁଇଜଗେଟ ଦେଇ ବନ୍ୟା ପାଣି ପଶି ଷୋଳସାପାଣ୍ଟ ଜଳମଗ୍ନ



ଲଙ୍ଗଳେଶ୍ୱର ୭/୧୦(ନିପ୍ର) ବାଲିଆପାଳ ବ୍ଲକ ଜାମକୁଣ୍ଡା ଜଳ ସେଚନ ବିଭାଗ ବନ୍ଧର ପଞ୍ଚୁରୁଖି କାଳରୁଇ ଠାରେ ଥିବା ଭଙ୍ଗା ସୁଇଚ ଗେଟ ଦେଇ ସୁବର୍ଣ୍ଣରେଖା ବନ୍ୟା ଜଳ ପଶି ଯିବାରୁ ଆଜି ଷୋଳସା ପାଣ୍ଟ ଜଳ ମଗ୍ନ ହୋଇଛି।ଫଳରେ ପାଣ୍ଟର ଶାରଦ ଧାନ ଚାଷ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି। ଜଳ ସେଚନ ବିଭାଗର ଖାମ ଖିଆଲି ନୀତି ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଲୋକମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ସେଠାରେ ଜଳ ସେଚନ ବିଭାଗ ପକ୍ଷରୁ ଏକ ନୂଆ ସୁଇଚ ଗେଟ ନିର୍ମାଣ କରାଯାଇଥିଲା। ପୁରୁଣା ସୁଇଚ ଗେଟକୁ ବନ୍ଦ କରାଯାଇଥିଲା। ମାତ୍ର ସ୍ଥାନୀୟ ଲୋକମାନେ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ସେଠାରେ ଏକ ପୋଖରୀ ଖୋଳାଇ ଥିଲେ। ପରେ ପରସ୍ପର ମଧ୍ୟରେ ସଂଘର୍ଷ ଘଟି ପୋଖରୀ ଖୋଳା ବନ୍ଦ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୂଳେ ତହସିଲଦାର ତଦନ୍ତ ପରେ ସେଠାରେ କାର୍ଯ୍ୟ ବନ୍ଦ କରି ଦେଇ ଥିଲେ। ପରେ ଜାମକୁଣ୍ଡା ସରପଞ୍ଚ କାଞ୍ଚନ ବାଳା ମାହାନା ଏନ ଆର ଜି ଏସ୍‌ରେ ମାଟି କାମ କରି ସେହି ପୋଖରୀକୁ ପୁନଃ ଖନନ କରି ଦେଲେ। ସେମାନେ ପୁରୁଣା ସୁଇଚ ଗେଟକୁ ବନ୍ଦ କରିବା ପାଇଁ ଯେଉଁ ମାଟି ପକାଯାଇଥିଲା ତାହାକୁ ଉଠାଇ ଦେଲେ। ଜଳସେଚନ ବିଭାଗ ସେତେବେଳେ କୌଣସି ପଦକ୍ଷେପ ନେଲେ ନାହିଁ। ବର୍ତ୍ତମାନ ସୁଇଚ ଗେଟ ମୁକୁଳା ଥିବାରୁ ପାଣି ପଶି ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଜଳ ସେଚନ ବିଭାଗ ତୁରନ୍ତ ଭଙ୍ଗା ଗେଟକୁ ବନ୍ଦ କରିବାକୁ ସ୍ଥାନୀୟ ଜନସାଧାରଣ ଓ ଚାଷୀ ମାନେ ଦାବି କରିଛନ୍ତି। ତେବେ ଜଳସେଚନ ବିଭାଗ ଯନ୍ତ୍ରୀ ପ୍ରଦୀପ କୁମାର ବେହେରା ଙ୍କୁ ପଚାରିବାରୁ ବନ୍ଦ ନେଇ ପଦକ୍ଷେପ ଗ୍ରହଣ କରିବା ସମ୍ଭବ ନୁହେଁ ବୋଲି କହିଛନ୍ତି । ସେଇଟା ଭଙ୍ଗା ତାଲିକାରେ ରଖା ଯାଇଛି।

## ବାସୁଦେବପୁରରେ ସେଲ୍ଫି ପଏଣ୍ଟ ଉଦ୍‌ଘାଟିତ

ବାସୁଦେବପୁର, ୦୭/୧୦ (ନି.ପ୍ର): ବାସୁଦେବପୁର ସହର ରେ ଜାତୀୟ କବି ବାଞ୍ଛାନିଧି ମହାନ୍ତି ଗୋଲେଇ ଠାରେ ନୂତନ ଭାବେ ସେଲ୍ଫି ପଏଣ୍ଟ ଉଦଘାଟିତ ହୋଇଯାଇଛି । ବାସୁଦେବପୁର ର ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେଲ୍ଫି ପଏଣ୍ଟ କୁ ଉଦଘାଟନ କରିଥିଲେ । ବାସୁଦେବପୁର ପୌର ପାଳିକା ଅଧ୍ୟକ୍ଷ ନିବେଦିତା ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ବିଜେଡି ବ୍ଲକ ସଭାପତି ଦୀନବନ୍ଧୁ ଦାସ, ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ପୌର ପାଳିକା ଉପାଧ୍ୟକ୍ଷ ଉତ୍ତମ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଜେଡି ନେତା ପ୍ରଫୁଲ୍ଲ ପଳିତା, କାଉନ ସିଲର ଜଗବନ୍ଧୁ ଦାସ, ବାପି ପୁଷ୍ଟି, ଶାରଦା ମହାନ୍ତି, କାଳନ୍ଦୀ ସାହୁ, ଶଶୀ ଭୂଷଣ ବାରିକ, ମାନସ ସାହୁ, ସୁଶାନ୍ତ ସେଠି ପ୍ରମୁଖ ଯୋଗ ଦେଇଥିଲେ । ଅନେକ ଲୋକ ମାନେ ଏହି ସେଲ୍ଫି ପଏଣ୍ଟ କୁ ଆସି ଫଟୋ ଉଠଉଛନ୍ତି । ଆମ ବାସୁଦେବପୁର ସବୁଠୁ ସୁନ୍ଦର, ଆମ ପ୍ରିୟ ସହର ବାସୁଦେବପୁର ସ୍ୱାଗତମ। ଅଧିକାଂଶ ଛାତ୍ର ଛାତ୍ରୀ ଏହି ସ୍ଥାନକୁ ଆସି ପାଣି ସ୍ପ୍ରେର ମଜା ନେଉଛନ୍ତି ଓ ଆନନ୍ଦ ଉପଭୋଗ କରୁଛନ୍ତି ।

## ଡ. ରମାକାନ୍ତ ବେହେରା ସାରସ୍ୱତ ଓ ସାଂସ୍କୃତିକ ପରିଷଦର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଅନୁଷ୍ଠିତ




ବାଲେଶ୍ୱର, ୦୭/୧୦ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ ଡ. ରମାକାନ୍ତ ବେହେରାଙ୍କ ନାମର ପ୍ରତିଷ୍ଠିତ ଡ. ରମାକାନ୍ତ ବେହେରା ସାରସ୍ୱତ ଓ ସାଂସ୍କୃତିକ ପରିଷଦର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅଙ୍ଗାରଗଡ଼ିଆ ବିକାଶନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଉଦଘାଟନ କରିବା ସହିତ ଉଦୀୟମାନ ସାହିତ୍ୟିକଙ୍କ ପାଇଁ ଏହି ଟ୍ରଷ୍ଟ ପଥ ପ୍ରଦର୍ଶକ ହେବ ବୋଲି ଆଶା ପ୍ରକାଶ କରିଥିଲେ। କେବଳ ସମ୍ମାନ ବା ପୁରସ୍କାର ପାଇବା ଲକ୍ଷ୍ୟ ବ୍ୟତିରେକ ସାହିତ୍ୟିକ ତଥା ସାରସ୍ୱତ ସାଧକମାନେ ସମାଜ ପାଇଁ ଆଦର୍ଶ ହେବା ଉଚିତ୍ ବୋଲି ସେ ମତପ୍ରକାଶ କରିଥିଲେ। ଏ ଦିଗରେ ଡ. ରମାକାନ୍ତ ବେହେରା ଉଦାହରଣ ସୃଷ୍ଟି କରିପାରିଛନ୍ତି ବୋଲି ପ୍ରଫେସର ତ୍ରିପାଠୀ କହିଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ଦେବାଶିଷ ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଡ. ରମାକାନ୍ତ ବେହେରାଙ୍କ ଦ୍ୱାରା ସୃଷ୍ଟି ସାହିତ୍ୟ କୃତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଡ. ରମାକାନ୍ତ ବେହେରା ଏଥିରେ ସଭାପତିତ୍ୱ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ କରି ସାମ୍ପ୍ରତିକ ସାରସ୍ୱତ ସମାଜର ସ୍ଥିତି, ଭବିଷ୍ୟତ ଓ ଏହି ଟ୍ରଷ୍ଟ ଗଠନର ଉଦ୍ଦେଶ୍ୟ ସମ୍ପର୍କରେ ସେ ସୂଚନା ଦେଇଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଡାକ୍ତର ପ୍ରଭାକର ଦାସ, ରବୀନ୍ଦ୍ର ନାଥ ପାତ୍ର, ଚନ୍ଦ୍ରମୋହନ ମହାପାତ୍ର, କବି ଦୀପ୍ତି ଦାସ ଓ ଅପର୍ଣ୍ଣା ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯଦୁନାଥ ସାହୁ, ମଧୁସୂଦନ ଜେନା, ଡ. ସୁବର୍ଣ୍ଣ କେଶରୀ ସାମଲ, ଡ. ଅର୍ଚ୍ଚନା ସାମଲ ଓ ନାରାୟଣ ସିଂହ ମାନପତ୍ର ପାଠ କରିଥିଲେ। ପରେ ରବୀନ୍ଦ୍ର ନାଥ ପାତ୍ରଙ୍କ ରଚିତ କବିତା ସଙ୍କଳନ 'ଶାନ୍ତିର ଉପାନ୍ତେ' ଓ 'ଝୁରେ ପ୍ରାଣ ପ୍ରଶାନ୍ତ ପାର୍ବଣେ' ଏବଂ ଦୀପ୍ତି ଦାସଙ୍କ ରଚିତ କବିତା ସଙ୍କଳନ 'ଋତୁରାଗ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଟ୍ରଷ୍ଟର ସମ୍ପାଦକ କବି କାଳୀପଦ ପଣ୍ଡା ପ୍ରାକ୍ କଥନ ସହିତ ସ୍ୱାଗତ ଅଭିଭାଷଣ ରଖିଥିଲେ। ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ମଂଚ ଆହ୍ୱାନ କରିଥିବାବେଳେ କଲ୍ୟାଣୀ ନନ୍ଦ ଓ ସାଥୀ ଡ. ବେହେରାଙ୍କ ଜଗନ୍ନାଥ ସ୍ତୁତି ଗାନ କରିଥିଲେ। ସେହିଭଳି ବିକାଶନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଏଥିରେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଭାକାର୍ଯ୍ୟ ପୂର୍ବରୁ ଏକ ମନୋଜ୍ଞ କବିତା ପାଠୋତ୍ସବ ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ କବି ସୈରିନ୍ଧ୍ରୀ ସାହୁ ସଭାପତିତ୍ୱ କରିଥିବାବେଳେ ଅତିଥିଭାବେ କାଳୀପଦ ପଣ୍ଡା ଯୋଗ ଦେଇଥିଲେ। ସହର ସମେତ ବାଲେଶ୍ୱର ଜିଲ୍ଲାର ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ପରିଶେଷରେ ଅନୁସୂୟା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ପଲିଥିନ ତଳେ ବାସ କରୁଛନ୍ତି କାଉନସିଲରଙ୍କ ପରିବାର



ଉଦଳା , ୦୭/୧୦ (ନି.ପ୍ର): ଯେ ହେଉଛି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ୱାର୍ଡ଼ ନଂ-୯ର ଦୃଶ୍ୟ । ଆଜକୁ ୫ ବର୍ଷରୁ ଉର୍ଦ୍ଧ ସମୟ ହେବ ଉକ୍ତ ୱାର୍ଡ଼ର କାଉନସିଲର ଭଗବତି ପାତ୍ର ଓ ତାଙ୍କର ପରିବାର ପଲିଥିନର ଛପର ତଳେ ବସବାସ କରୁଛନ୍ତି। ପଚାରି ବୁଝିବାରୁ ଘର ଛାଇବା ପାଇଁ ନଡ଼ା କିଣିବାକୁ ପଇସା ନମିଳିବାରୁ ବାଧ ହୋଇ ସେ ପଲିଥିନ ପକାଇ ରହୁଛନ୍ତି । ଭଗବତିଙ୍କ କହିବାନୁସାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ତାଙ୍କର ପରିବାରକୁ ଯଥେଷ୍ଟ ହେଉନାହିଁ ସତ, କିନ୍ତୁ ଏତିକି ମିଳୁଛି ବୋଲି ତାଙ୍କର ପରିବାର ଭିକ୍ଷାବୃତି କରୁନାହାଁନ୍ତି । ଭଗବତିଙ୍କ ପରିବାର ସମ୍ପୂର୍ଣ୍ଣ ଭୂମିହୀନ ହୋଇଥିବାରୁ ଆବାସ ଯୋଜନାରେ ଘର ପାଇବାରୁ ସେ ବଂଚିତ ଅଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ମଦ, ମାଂସ ଓ ଟଙ୍କା ଖର୍ଚ୍ଚ ନକଲେ ବର୍ତମାନ ନିର୍ବାଚନରେ ଜିତିବାର ପ୍ରଶ୍ନ ଉଠୁନଥିବା ବେଳେ ଭଗବତିଙ୍କ ପରି ପ୍ରାର୍ଥିନୀ କିପରି ନିର୍ବାଚନରେ ଜିତିଲେ ତାହା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହା କେବଳ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାଚନରେ ସମ୍ଭବ ହୋଇ ପାରିଛି । ଏଠାରେ ମଦ, ମାଂସ ଓ ଟଙ୍କା ନେଇ ଭୋଟ ଦେଉଥିବା ଭୋଟରଙ୍କ ସଂଖ୍ୟା କମ୍ ରହିଛି । ଯେଉଁଥିପାଇଁକି ଭଗବତିଙ୍କ ପରି କାଉନସିଲର ଓ ପ୍ରମିଳା ପଣ୍ଡାଙ୍କ ପରି ନଗରପାଳ ଜିତି ପାରିଛନ୍ତି ବୋଲି ବହୁ ଜ୍ଞାନି ଗୁଣି ଲୋକେ ମତ ଦେଉଥିବାର ଶୁଣିବାକୁ ମିଳିଛି ।

## ଦଶମ ଷାଣ୍ମାସିକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲା : ଏତଲା ଦେଲା ବୋର୍ଡ

କଟକ/ଭୁବନେଶ୍ୱର, ୦୭/୧୦ (ନି.ପ୍ର):ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଘଟଣାରେ କ୍ରାଇମବ୍ରାଂଚ ସାଇବର ସେଲ୍ ଓ ସାଇବର ଥାନାରେ ଏତଲା ଦେଇଛି ବୋର୍ଡ। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ମାଧ୍ୟମିକ ଶିକ୍ଷା ବୋର୍ଡ ଅନୁରୋଧ କରିଛି। ସୂଚନା ଅନୁଯାୟୀ ହାଇସ୍କୁଲ ଓ ମଧ୍ୟମା ପାଇଁ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଷାଣ୍ମାସିକ ପରୀକ୍ଷା ଆଜି ଶେଷ ହୋଇଛି। ନିଜ ନିଜ ସ୍କୁଲରେ ପରୀକ୍ଷା ଦେଇଥିଲେ ଛାତ୍ରଛାତ୍ରୀ। ମାଧ୍ୟମିକ ଶିକ୍ଷା ପରିଷଦ ବା ବୋର୍ଡ ପକ୍ଷରୁ କେବଳ ପ୍ରଶ୍ନପତ୍ର ଯୋଗେଇ ଦିଆଯାଇଥିଲା। ଏହି ପରୀକ୍ଷାର ମୂଲ୍ୟାୟନ ନିର୍ଦ୍ଧାରିତ ସମୟ ମଧ୍ୟରେ ସ୍କୁଲମାନେ କରିବେ। ତେବେ ଦଶମ ଶ୍ରେଣୀର ଷାଣ୍ମାସିକ ପରୀକ୍ଷା ଚାଲୁଥିବା ବେଳେ କିଛି ୟୁଟ୍ୟୁବ୍ ଚ୍ୟାନେଲରେ ପରୀକ୍ଷା ପ୍ରଶ୍ନପତ୍ର ଓ ଉତର ଭାଇରାଲ ହୋଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo